ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୭/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, June 27/2025 Page 20 ₹ 7.00 | RAYAGADA
୫୧ଶ ଭାଗ ୨୧୨ ସଂଖ୍ୟା VOLUME 51 ISSUE 212 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul

# ଆଜି ଭକ୍ତ-ଭଗବାନ ଭେଟ



ରଥଖଳାରୁ ଗୁରୁବାର ଅପରାହ୍ନରେ ନନ୍ଦିଘୋଷ ରଥକୁ ଟାଣି ସିଂହଦ୍ୱାର ସମ୍ମୁଖକୁ ନିଆଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

**ପୁରୀ,୨୬ା୬(ଅଜିତ କୁମାର ମହାନ୍ତି)**

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶୁକ୍ରବାର ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଦାରୁଦିଅଁ ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ଓହ୍ଲାଇଆସି ଭକ୍ତଙ୍କୁ ଦର୍ଶନ ଦେବା ସହ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିବେ। ଏଥିପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନିରଥ ସହ ପଥ ପ୍ରସ୍ତୁତ ହୋଇ ରହିଥିବାବେଳେ ଭକ୍ତ ଓ ସେବକମାନେ ବ୍ୟାକୁଳତାର ସହ ଜଗତନାଥଙ୍କୁ ଅପେକ୍ଷା କରିଛନ୍ତି। ସକାଳ ୬ଟାରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ବଢ଼ି ୯ଟାରେ ରଥ ପ୍ରତିଷ୍ଠା, ୯ଟା ୩୦ରେ ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ସରିବ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ହୋଇଛି। ଅନ୍ୟପକ୍ଷେ ବିଶ୍ୱନିୟନ୍ତାଙ୍କ ରଥଯାତ୍ରାରେ ସାମିଲ ହେବାକୁ ଗୁରୁବାରଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହେବାରେ ଲାଗିଛି।

## ସକାଳ ୯ଟା ୩୦ରେ ପହଣ୍ଡି, ଅପରାହ୍ନ ୪ଟାରେ ରଥଟଣା

ଘୋଷଯାତ୍ରାର ଅବ୍ୟବହିତ ପୂର୍ବରୁ ଗୁରୁବାର ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ସକାଳଧୂପ ଶେଷ ହେବା ପରେ ରଥଖଳାକୁ ଆଜ୍ଞାମାଳ ବିଜେ କରାଯାଇଥିଲା। ୩ଜଣ ପୂଜାପଣ୍ଡା ସେବକ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣିଥିଲେ। ପରେ ଘଣ୍ଟ, ଛତା କାହାଳୀ ଆଦି ସହ ପୂଜାପଣ୍ଡା ସାମନ୍ତ ରଥଖଳାକୁ ଆଜ୍ଞାମାଳ ବିଜେ କରିଥିଲେ। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ, ପରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ବିଜେ କରାଯାଇଥିଲା। ଭୋଇ ସେବକମାନେ ରଥରେ ଦଉଡ଼ି ସଂଯୋଗ କରିଥିଲେ। ତାଳଧ୍ୱଜ ରଥରେ ବିଜେ କାହାଳୀ ଦିଆଯିବା ପରେ ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ ରଥକୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଟଣାଯାଇଥିଲା। ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥକୁ ଟଣାଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଯାଇଥିଲା। ସିଂହଦ୍ୱାର ସମ୍ମୁଖରେ ଲାଗିବା ପରେ ତିନିରଥ ଚାରିପଟେ ପୋଲିସ ପକ୍ଷରୁ ଲୁହା ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ କରାଯାଇଥିଲା। ରଥଯାତ୍ରା ପାଇଁ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି।







HAPPY RATH Yatra
GUPTA DISTRIBUTORS
Symbol of Trust
No.1 Retail Chain Stores
33 Stores
ELECTRONICS | MOBILE | CAMERA | LAPTOP | HOME APPLIANCES & FURNITURE
51 YEARS SERVING EXCELLENCE Symbol of Trust
BEST PRICE • FESTIVE OFFER • EASY FINANCE • CASH BACK
Celebration of Big Offers
BIG FESTIVAL
BIG CELEBRATION
UPTO 50% OFF* SPECIAL OFFER
CASH BACK UPTO ₹45000*
LOW EMI
0 INTEREST* EASY FINANCE DOWN* PAYMENT
MEGA EXCHANGE OFFER
10 YEARS WARRANTY
SPECIAL EMI ₹1990#
BAJAJ FINSERV
1 EMI OFF on LG LED TVs
ZERO Processing Fee*
anywhere FINANCE No local Address proof required
Gupta Care EXTENDED WARRANTY now finance by BFL
SCAN & WIN Gift Voucher worth upto ₹3500
OUR FINANCE PARTNERS
ALL CREDIT & DEBIT CARDS ACCEPTABLE
For Enquiry 7735455025
GUPTA Digital
MOBILE PHONES, LAPTOPS, CAMERAS & AUDIOS
A unit of GUPTA DISTRIBUTORS
Trusted since 1972
BUY 1 GET UPTO 15 OFFERS
5 Lucky Winners For Every 50 Customers
Assured Gifts, Special Discounts, Brand Offers, Easy Exchange and Extra Rewards for Social Media Engagers.
No Cost EMI, Zero Down Payment and Exciting CashBack on every purchase.
Protect Your Device with Our EW/ADLP Plan
Offers also redeemable at all Gupta Distributors Store!
PRODUCTS WE DEAL WITH
9124576640
Metro House, Vani Vihar, Bhubaneswar - 751007
HOME, OFFICE & OUTDOOR FURNITURE
ASPEN Bedroom Set
CROWN Bedroom Set
HARPER Bedroom Set
ROYAL SOFA
CENTER TABLE
OFFICE TABLE
DINNING SET
HOME SOFA
BEDROOM SOFA
FREE DELIVERY WITHIN 10 KMS
GIFT ON EVERY PURCHASE
INSTALLATION WITHIN MNC AREA
BE INDIAN, BUY INDIAN BE SMART, BUY SMART
3 YEAR WARRANTY
AVAILABLE
EXCHANGE FACILITY
EASY FINANCE
Wedding EXCLUSIVE OFFERS
FURNITURE AVAILABLE AT : (PATRAPARA) BHUBANESWAR – 7008989313, (KUMBHARPADA CHHAK ) PURI - 9124572744, (CDA) CUTTACK – 7008989312, KALAPATHAR – 7008989315,JAGATSINGHPUR – 7008989317,NAYAGARH – 7008989306, BALUGAON – 7008989308, JAJPUR TOWN – 8144920820, ANGUL – 9692316300,PARADEEP – 7008989316, ATHAGARH – 9692316303 & CHANDIKHOLE - 9692316301, JHARSUGUDA - 9124574592 , BALASORE - 9124572745, RAIRANGPUR - 9124572746
VISIT TODAY!! BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - Shankar Cinema Road, Bazar Chhak, Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303, BALASORE - By-Pass Balia, Ganeswarpur, Januganj, Mob: 9124572745, RAIRANGPUR - Purunaghaty College Road, Mob: 9124572746, JHARSUGUDA– Near Radha Madhab Mandir, Beheramal Road, Mob: 9124574592 | Digital Store : Metro House, Vanivihar, Bhubaneswar, Mob. : 9124576640
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୭/୨୦୨୫ | Bhubaneswar, Friday, June 27/2025 | ପୃଷ୍ଠା-୧







## ସାମୟିକ କର୍ମଚାରୀଙ୍କ କାର୍ଯ୍ୟାନ୍ତର ରାଶି ୨.୫ ଲକ୍ଷକୁ ବୃଦ୍ଧି

- ପୂର୍ବରୁ ୧.୫ ଲକ୍ଷ ପାଉଥିଲେ
- ନିୟମିତ ପଦବୀକୁ ଯାଇ ୫ ବର୍ଷ ପୂରଣ କରି ନ ଥିଲେ ବି ମିଳିବ
- ପ୍ରତି ୨ ବର୍ଷରେ ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ୧୦% ବଢ଼ିବ

**ଭୁବନେଶ୍ୱର,୨୬।୬(ସୁନିତ୍ ମିଶ୍ର)**

ରଥଯାତ୍ରା ପୂର୍ବରୁ ରାଜ୍ୟର ସାମୟିକ କର୍ମଚାରୀମାନଙ୍କ ପାଇଁ ଖୁସିର ଖବର ଆସିଛି। ପୂର୍ବରୁ ସାମୟିକ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ସମୟରେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗୁରୁବାର ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ଅନ୍ତର ହେଲେ ସେମାନଙ୍କୁ ଏକକାଳୀନ ୨.୫ ଲକ୍ଷ ଟଙ୍କା ମିଳିବ। ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ, କିନ୍ତୁ ୫ ବର୍ଷ ପୂରଣ କରି ନ ଥିବେ, ସେ କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ୨ ବର୍ଷରେ ୧୦% ଲେଖାଏ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗଗୁଡ଼ିକ ନିଜେ ପ୍ରତି ୨ବର୍ଷରେ ଏହି ପରିମାଣ ବୃଦ୍ଧି କରିପାରିବେ।

# କଳା ଝିଅ ଜନ୍ମଦେବାରୁ ବୋହୂଙ୍କୁ ହତ୍ୟା

## ଅଭିଯୋଗ ଆଣିଲେ ମୃତାଙ୍କ ମା', ଜେଲଗଲେ ସ୍ୱାମୀ

**ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କଇଥଖୋଲା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ସରସ୍ୱତୀ ବାରିକ ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟଣା ଏବେ ନୂଆମୋଡ଼ ନେଇଛି। ବୁଧବାର ବୋହୂ ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ କୁହାଯାଇଥିବାବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ନାତୁଣୀ କଳା ରଙ୍ଗର ବୋଲି ବୋହୂଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ମୃତା ସରସ୍ୱତୀଙ୍କ ମା' ଅଞ୍ଜଳି ବାରିକ ଗୁରୁବାର ଗଣମାଧ୍ୟମ ଆଗରେ କହିଛନ୍ତି। ସରସ୍ୱତୀ କଳା ରଙ୍ଗର ଝିଅ ଜନ୍ମ କରିଥିବାରୁ ଶାଶୁଘର ଲୋକେ ତାଙ୍କୁ ବାରମ୍ବାର ନିର୍ଯାତନା ଦେଇଆସୁଥିଲେ। ଶେଷରେ ସେମାନେ ସରସ୍ୱତୀଙ୍କୁ ଜୀବନରେ ମାରି ଦେଇଛନ୍ତି ବୋଲି ଅଞ୍ଜଳି କାନ୍ଦି କାନ୍ଦି କହିଛନ୍ତି।**



ସ୍ୱାମୀ ଓ ଝିଅଙ୍କ ସହ ମୃତ ସରସ୍ୱତୀ।

**ଚାନ୍ଦବାଲି, ୨୬।୬ (ଅଶୋକ ପଣ୍ଡା)**

ବୁଧବାର ଭୋର ସମୟରେ ଘରଠାରୁ ଅନତି ଦୂରରେ ଏକ ପରିତ୍ୟକ୍ତ ବାଡ଼ିରେ ଥିବା ଗଛରୁ ସରସ୍ୱତୀଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ମୃତ ସରସ୍ୱତୀଙ୍କ ବଡ଼ଭାଇ ଗଣେଶ ବାରିକ ବୁଧବାର ଧାମରା ଥାନାରେ ଅଭିଯୋଗ କରିଥିଲେ ଯେ, ସରସ୍ୱତୀ ୨୦୨୨ରେ ସେହି ଥାନା ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମର ମନୋରଞ୍ଜନ ବାରିକଙ୍କୁ ବୈଦିକ ରୀତିରେ ଧାମରାଇ ମନ୍ଦିରରେ ବିବାହ କରିଥିଲେ। ବାହାଘରର ବର୍ଷେ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଝିଅର ରଙ୍ଗ କଳା ହୋଇଥିବାରୁ ବିବାହ ପାଇଁ ୮ଲକ୍ଷ ଟଙ୍କା ତା' ନାମରେ ବ୍ୟାଙ୍କ ଜମା ରଖିବାକୁ ମନୋରଞ୍ଜନଙ୍କ ସମେତ ଶାଶୁଘର ଲୋକେ ଦାବି କରି ସରସ୍ୱତୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ନିର୍ଯାତନା ସହି ନ ପାରି ସରସ୍ୱତୀ ମଝିରେ ଆସି ବାପଘରେ ମଧ୍ୟ ରହୁଥିଲେ। ଏନେଇ ବାପଘର ପକ୍ଷରୁ ଏକାଧିକବାର ବୁଝାମଣା କରାଯାଇ ଅଧିକ ଯୌତୁକ ବାବଦରେ ଏକ ବାଇକ୍ ଓ ୧ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ମଧ୍ୟ ଅଧିକ ଟଙ୍କା ଓ ବାପଘରର ଜମିବାଡ଼ି ଦାବି କରି ସେମାନେ ସରସ୍ୱତୀଙ୍କୁ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଗତ ୨୪ ତାରିଖ ରାତିରେ ତାଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ତାଙ୍କ ଭଉଣୀକୁ ମାରପିଟ୍ କରିବା ସହ ଶାଶୁଘର ଲୋକେ ମିଶି ତାଙ୍କୁ ମାରିଦେଇ ତାଙ୍କ ପିନ୍ଧା ଶାଢ଼ିରେ ଗଛରେ ଟାଙ୍ଗି ଦେଇଥିବା ଗଣେଶ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏନେଇ ଧାମରା ଥାନାରେ ଏକ ହତ୍ୟା ମାମଲା (ନଂ.୩୦/୨୫) ରୁଜୁ ହୋଇଥିବା ବେଳେ ମୃତ ସରସ୍ୱତୀଙ୍କ ସ୍ୱାମୀ ମନୋରଞ୍ଜନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ କହିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟି ହତ୍ୟା

**ସୋର, ୨୬।୬(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଗୋପିନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଶ୍ୟାମସୁନ୍ଦର ମଲିକଙ୍କ ଶୁଦ୍ଧିକ୍ରିୟାକୁ ଆସିଥିବା ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ପିଟିପିଟି ମାରିଦେଇଥିବା ଜଣାପଡ଼ିଛି। ମୃତକ ହେଲେ ଭଦ୍ରକ ଜିଲା ସାବରଙ୍ଗ ଗ୍ରାମର ଭାଗବତ ମଲିକ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଭାଗବତଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଖବର ଲେଖାଯିବା ପର୍ଯ୍ୟନ୍ତ ଭାଗବତଙ୍କ ପରିବାର ଲୋକେ ଡାକ୍ତରଖାନା ପହଞ୍ଚି ନ ଥିବାବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଶ୍ୟାମସୁନ୍ଦର ଗତ ତିନିଦିନ ତଳେ ମୃତ୍ୟୁବରଣ କରିଥିଲେ। ଖବର ପାଇ ଭାଗବତ ଶ୍ୱଶୁର ଘରକୁ ଆସିଥିଲେ। ବୁଧବାର ରାତିରେ କୌଣସି କଥାକୁ ନେଇ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜାଙ୍କ ସହ ଭାଗବତଙ୍କ ଝଗଡ଼ା ହୋଇଥିଲା। ପରେ ରାଜା ଓ ତାଙ୍କର ୩ଜଣ ସହଯୋଗୀ ଭାଗବତଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତେବେ କୌଶଳକ୍ରମେ ଭାଗବତ ସେଠାରୁ ଖସି ପଳାଇଆସି ରାତି ସାରା ନଟାପଡ଼ା ନିକଟସ୍ଥ ଏକ ମନ୍ଦିର ବାରଣ୍ଡାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ତାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେବା ସହ ପୋଲିସକୁ ଖବର ଦେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ଭାଗବତଙ୍କ ମୃତ୍ୟୁ ହୋଇଥିଲା।

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

ଦୋମୁହାଁ ନୀତି






# ଆଇଏସ୍‌ଏସ୍‌ରେ ଶୁଭାଂଶୁ

## ପ୍ରଥମ ଭାରତୀୟ ଭାବେ ଇତିହାସ ରଚିଲେ



ଆଇଏସ୍‌ଏସ୍‌ରେ ସାଥୀ ମହାକାଶଚାରୀଙ୍କ ସହ ଶୁଭାଂଶୁ ଶୁକ୍ଳା।

**ଫ୍ଲୋରିଡା, ୨୬।୬**

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା (୩୯) ଗୁରୁବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ପହଞ୍ଚି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ଭାରତୀୟ ସମୟ ଅପରାହ୍ନ ୪.୦୧ରେ ସ୍ପେସ୍‌ଏକ୍ସ'ର ଡ୍ରାଗନ୍ ମହାକାଶଯାନ ଶୁଭାଂଶୁଙ୍କ ସହ ଆକ୍ସିଓମ୍-୪ ମିଶନର ଅନ୍ୟ ୩ ମହାକାଶଚାରୀଙ୍କୁ ଧରି ସଫଳତାର ସହ ଆଇଏସ୍‌ଏସ୍‌ରେ ଡକିଂ କରିଛି। ଭାରତୀୟ ସମୟ ଅପରାହ୍ନ ୪.୧୫ରେ ସମ୍ପୂର୍ଣ୍ଣ ଡକିଂ ପ୍ରକ୍ରିୟା ସମାପ୍ତ ହୋଇଥିବା ନେଇ ଆମେରିକୀୟ ମହାକାଶ ସଂସ୍ଥା ନାସା କହିଛି। ବୁଧବାର ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଫାଲ୍‌କନ୍-୯ ରକେଟ ଯୋଗେ ଏହି ମିଶନକୁ ଲଞ୍ଚ୍ କରାଯାଇଥିଲା। ଡ୍ରାଗନ ସ୍ପେସ୍‌କ୍ରାଫ୍ଟରେ ୨୮ ଘଣ୍ଟାର ଯାତ୍ରା ପରେ ଶୁଭାଂଶୁ ଓ ମିଶନର ଅନ୍ୟ ୩ କ୍ରିଉ ସଦସ୍ୟ ଆଇଏସ୍‌ଏସ୍‌ରେ ପହଞ୍ଚିଛନ୍ତି। ତେବେ ଆଇଏସ୍‌ଏସ୍‌ରେ ପହଞ୍ଚିବାର କିଛି ଘଣ୍ଟା ପୂର୍ବରୁ ଆକ୍ସିଓମ୍-୪ ମିଶନର ସମସ୍ତ ୪ କ୍ରିଉ ସଦସ୍ୟ ମହାକାଶରେ ସେମାନଙ୍କ ଅନୁଭବକୁ ନେଇ ଏକ ଭିଡିଓ କରିଛନ୍ତି, ଯାହାକୁ ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସ୍‌ଏକ୍ସ' ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଛି। ଏହି ଭିଡିଓରେ ଶୁଭାଂଶୁ କହିଛନ୍ତି, ମହାକାଶରେ କିପରି ଚାଲିହେବ, କିପରି ଖାଇହେବ ତାହା ସେ ଏକ ଛୋଟ ଶିଶୁ ପରି ଶିଖୁଛନ୍ତି। ମହାକାଶରେ ପ୍ରତିଟି ଦୃଶ୍ୟ ଏବଂ ମୁହୂର୍ତ୍ତକୁ ସେ ଉପଭୋଗ କରୁଛନ୍ତି। ସେହିପରି ମହାକାଶର ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ସହ ଖାପ ଖୁଆଇବା ନେଇ ସେ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ଭିଡିଓରେ କହିଛନ୍ତି। ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍ ମିଶନ କମାଣ୍ଡର ଦାୟିତ୍ୱ ନିର୍ବାହ କରିବେ। ସେହିପରି ପୋଲାଣ୍ଡ ମହାକାଶଚାରୀ ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ ମିଶନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରିବେ। ଆଇଏସ୍‌ଏସ୍‌ରେ ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜରଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ।




## ବିଜେଡିର ପୂର୍ବତନ କଣିହାଁ ବ୍ଲକ ସଭାପତି ବହିଷ୍କୃତ

ଭୁବନେଶ୍ୱର,୨୬।୬(ସୁନିତ୍ ମିଶ୍ର): ବିଜେଡିର ପୂର୍ବତନ କଣିହାଁ ବ୍ଲକ ସଭାପତି କୈଳାଶ ଚନ୍ଦ୍ର ସାହୁଙ୍କୁ ଦଳରୁ ବହିଷ୍କାର କରିଦିଆଯାଇଛି। ଦଳ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିବା ଏକ ନୋଟିଫିକେସନ୍ ଜାରି କରି ଗୁରୁବାର ସୂଚନା ଦିଆଯାଇଛି। ତୁରନ୍ତ ଏହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। ବିଜେଡି ମୁଖ୍ୟାଳୟ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନା କେନ୍ଦ୍ର, ଭୁବନେଶ୍ୱରର ବାର୍ଷିକୋତ୍ସବ, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୫ଟା ୩୦।
- ରଥଯାତ୍ରା ଅବସରରେ ଭୁବନେଶ୍ୱର ବାର ଆସୋସିଏଶନ ପକ୍ଷରୁ ପଥପ୍ରାନ୍ତ ସେବା, ସ୍ଥାନ: ସାଇ ମନ୍ଦିର ଛକ, ଟଙ୍କପାଣି ରୋଡ, ସମୟ: ସକାଳ ୮ଟା।
- ଜଗତ୍‌ସିଂହପୁର ଜିଲା ବିକାଶ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଶ୍ରୀଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ଓ ସେବା ସଂସ୍କୃତି ପରିଷଦ ପକ୍ଷରୁ ଅଷ୍ଟାଦଶ ରଥଯାତ୍ରା ଉତ୍ସବର ରଥଟଣା, ସ୍ଥାନ: ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀ ଜଗନ୍ନାଥ ଘୋଷଯାତ୍ରା କମିଟି ପକ୍ଷରୁ ରଥଯାତ୍ରାର ରଥଟଣା, ସ୍ଥାନ: ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର, ସମୟ: ଅପରାହ୍ନ ୪ଟା।
- ଡ. ଭଗବାନ ପଣ୍ଡାଙ୍କ ୧୨ଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।

### ପୁରୀ

- ମହାପ୍ରଭୁଙ୍କ ରଥଯାତ୍ରାର ରଥଟଣା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ଠାକୁର ଅଜା ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ରଥଯାତ୍ରା, ସ୍ଥାନ: ବକୁଳବନ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

### ଖୋର୍ଦ୍ଧା

- ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- ଲବଣଗିରିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ସ୍ଥାନ: ଲବଣଗିରି, ଜଟଣୀ, ସମୟ: ଅପରାହ୍ନ ୧ଟା ୩୦।
- ଦଧିବାମନ ଦେବଙ୍କ ଘୋଷଯାତ୍ରା, ସ୍ଥାନ: କୁଦିଆରୀ, ଜଟଣୀ, ସମୟ: ଅପରାହ୍ନ ୩ଟା।
- ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା, ସ୍ଥାନ: ଜାଗୁଳିପାଟଣା, ସମୟ: ଅପରାହ୍ନ ୪ଟା।
- ଗଡ଼ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ସ୍ଥାନ: ଗଡ଼ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।

### ବାଲେଶ୍ୱର

- ଜିଲାସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରଥଯାତ୍ରା ଉପଲକ୍ଷେ ଆରତି ଅବକାଶ, ସମୟ: ସକାଳ ୯ଟା ୧୦।
- ମଙ୍ଗଳାର୍ପଣ, ସମୟ: ପୂର୍ବାହ୍ନ ୧୦ଟା।
- ଆଜ୍ଞାମାଳ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଧାଡ଼ି ପହଣ୍ଡି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଛେରା ପହଁରା, ସମୟ: ଅପରାହ୍ନ ୩ଟା।
- ରଥଟଣା କାର୍ଯ୍ୟକ୍ରମ, ସ୍ଥାନ: ଇମାମୀ ଶ୍ରୀ ଜଗନ୍ନାଥ ମନ୍ଦିର, ବାଲଗୋପାଳପୁର, ରେମୁଣା, ସମୟ: ଅପରାହ୍ନ ୪ଟା।
- ଶୟନ ଆରତି, ସ୍ଥାନ: ଗୁଣ୍ଡିଚା ମନ୍ଦିର, ବାଲଗୋପାଳପୁର, ରେମୁଣା, ସମୟ: ରାତି ୮ଟା ୪୫।

### ଭଦ୍ରକ

- ରଥଯାତ୍ରା, ସ୍ଥାନ: ମିଶ୍ରପୁର ଜଗନ୍ନାଥ ମନ୍ଦିର, ପ୍ରସନ୍ନ ଖେମେଶ୍ୱର ମନ୍ଦିର, ଗୁଡ଼ ବଳଦେବଜୀଉ ମନ୍ଦିର, ପାବନକ୍ଷେତ୍ର, ରାଜଘରପୋଖରୀ, ବ୍ରାହ୍ମଣୀଗାଁ, ରଥପଦା, ବିଦେଇପୁର, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ରଥଯାତ୍ରା, ସ୍ଥାନ: ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୫ଟା।

### କେନ୍ଦୁଝର

- ଡେଙ୍କିକୋଟ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା, ସ୍ଥାନ: ଡେଙ୍କିକୋଟ, ସମୟ: ସକାଳ ୧୦ଟା।

### ମୟୂରଭଞ୍ଜ

- ଶ୍ରୀ ଶ୍ରୀ ହରିବଳଦେବଜୀଉ ମହାପ୍ରଭୁଙ୍କ ପହଣ୍ଡି ବିଜେ, ସ୍ଥାନ: ବାରିପଦା,ସମୟ: ସକାଳ ୭ଟା।
- ରଥଯାତ୍ରା ଅବସରରେ ଜଗନ୍ନାଥ ଉତ୍ସବ, ସ୍ଥାନ:ସିଂହଟିଆ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା, ସ୍ଥାନ:ଚିତ୍ରଡ଼ା ଧର୍ମକ୍ଷେତ୍ର, ମୋରଡ଼ା, ସମୟ: ଅପରାହ୍ନ ୪ଟା।

### ଢେଙ୍କାନାଳ

- ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା, ସ୍ଥାନ: ରଥଗଡା, ଢେଙ୍କାନାଳ, ସମୟ: ରଥଟଣା ଅପରାହ୍ନ ୨ଟା ୫।
- ଜୟ ଜଗନ୍ନାଥ ସଦସ୍ୟଙ୍କ ଦ୍ୱାରା ପ୍ରସାଦ ସେବନ, ସ୍ଥାନ: ରଥଗଡା, ସମୟ: ସକାଳ ୯ଟା।

### ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ଉପଲକ୍ଷେ ପ୍ଲାଷ୍ଟିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଦାଣ୍ଡ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା

- ଶ୍ରୀ ବଳଦେବଜୀଉଙ୍କ ପହଣ୍ଡିବିଜେ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୧ଟା।
- ରଥଯାତ୍ରା, ସ୍ଥାନ: କାକଟପୁର, ମହାକାଳପଡା, ସମୟ: ଅପରାହ୍ନ ୪ଟା, ସ୍ଥାନ: ଦେଉଳସାହି, ଓଳାଭର, ରାଜକନିକା, ସମୟ: ଅପରାହ୍ନ ୪ଟା, ସ୍ଥାନ: ଜମପଡା, ମାର୍ଶାଘାଇ, ସମୟ: ଅପରାହ୍ନ ୩ଟା, ସ୍ଥାନ:ଶ୍ରୀ ଲକ୍ଷ୍ମୀବରାହଜୀଉ ମନ୍ଦିର ସମ୍ମୁଖ, ଆଳି, ସମୟ: ଅପରାହ୍ନ ୪ଟା, ଶ୍ରୀ ବନବିହାରୀଜୀଉ ମନ୍ଦିର, ପେଣ୍ଠ, ରାଜନଗର, ସମୟ : ଅପରାହ୍ନ ୩ଟା, ଶ୍ରୀ ଦଧିବାମନଜୀଉ ମନ୍ଦିର, ରାଜନଗର, ସମୟ: ଅପରାହ୍ନ ୩ଟା, ଶ୍ରୀ ଜଗନ୍ନାଥ ମନ୍ଦିର, କେରଡାଗଡ, ରାଜନଗର, ସମୟ: ଅପରାହ୍ନ ୩ଟା, ଶ୍ରୀ ବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳି, ଶ୍ରୀ ଦଧିବାମନଜୀଉ ମନ୍ଦିର, ତମାଳ ଶାସନ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୩ଟା, ଶ୍ରୀ ଦଧିବାମନଜୀଉ ମନ୍ଦିର, ଡେରାବିଶ, ସମୟ: ଅପରାହ୍ନ ୩ଟା, ଶ୍ରୀ ବଳଦେବଜୀଉ ମନ୍ଦିର, ରିଘାଗଡ, ରାଜନଗର, (ମୁରୁଜ ରଥ), ସମୟ–ପୂର୍ବାହ୍ନ ୧୧ଟା।
- ଶ୍ରୀ ରାଘବେଶ୍ୱର ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମା'ତାରଣୀ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାଜନଗର, ସମୟ:ଅପରାହ୍ନ ୩ଟା
- ମହାକାଳପଡା ୟୁଥ ଗ୍ରୁପ ପକ୍ଷରୁ ଦହିପାଣି ବଣ୍ଟନ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୧ଟା।

### ଯାଜପୁର

- ଜହ୍ନା ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବ ଜୀଉଙ୍କ ରଥଯାତ୍ରା ମହୋତ୍ସବ, ସ୍ଥାନ : ଜହ୍ନା ଜଗନ୍ନାଥ ମନ୍ଦିର ପରିସର,ସମୟ : ଅପରାହ୍ନ ୪ଟା।
- ବ୍ୟାସ ସରୋବରରେ ରଥ ଯାତ୍ରା, ସ୍ଥାନ : ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ : ଅପରାହ୍ନ ୪ଟା।

### ନୟାଗଡ଼

- ରଥଯାତ୍ରା, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ପ୍ରାତଃ ୫ଟାରୁ ଅପରାହ୍ନ ୫ଟା।
- ରଥଯାତ୍ରା, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ:ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା।
- ରଥଯାତ୍ରା, ସ୍ଥାନ:ଦଶପଲ୍ଲା ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୩ଟା।
- ରଥଯାତ୍ରା,ସ୍ଥାନ:ରଣପୁର ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୫ଟା।
- ଶ୍ରୀଗୁଣ୍ଡିଚାରେ ରଥଟଣା, ସ୍ଥାନ: ଗୋଡିପଡ଼ା, ସମୟ:ଅପରାହ୍ନ ୫ଟା।
- ଶ୍ରୀଗୁଣ୍ଡିଚାରେ ରଥଟଣା, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ:ଅପରାହ୍ନ ୫ଟା।

### ରାୟଗଡ଼ା

- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥ ଟଣା କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବଡ଼ଦାଣ୍ଡ, ସମୟ: ଅପରାହ୍ନ ୩ଟା ୩୦ ।

### ନବରଙ୍ଗପୁର

- ଡାବୁଗାଁରେ ରଥଯାତ୍ରା, ସ୍ଥାନ: ଡାବୁଗାଁ ଶ୍ରୀ ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ ଟା।

### କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ନେଇ ପହଣ୍ଡି କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର, କୋରାପୁଟ, ସମୟ: ସକାଳ ୯ଟା ୪୦।
- ଶ୍ରୀଜିଉଙ୍କ ରଥ ଟଣା ଆରମ୍ଭ, ସ୍ଥାନ: ବଡଦାଣ୍ଡ, କୋରାପୁଟ, ସମୟ : ଅପରାହ୍ନ ୨ଟା।

### ସମ୍ବଲପୁର

- ରଥଯାତ୍ରା ସକାଶେ ବ୍ରହ୍ମପୁରା ଠାକୁରଙ୍କ ପହଣ୍ଡିବିଜେ କାର୍ଯ୍ୟକ୍ରମ, ସ୍ଥାନ : ଖାଜୁଆପଡା ଜଗନ୍ନାଥ ମନ୍ଦିର, ସମୟ : ସକାଳ ୮ଟା।
- ବ୍ରହ୍ମପୁରା ଠାକୁରଙ୍କ ରଥଟଣା କାର୍ଯ୍ୟକ୍ରମ, ସ୍ଥାନ : ଖାଜୁଆପଡା ଜଗନ୍ନାଥ ମନ୍ଦିର, ସମୟ : ଅପରାହ୍ନ ୩ଟା ୩୦।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

### ରାଉରକେଲା

- ସିଏଚ୍‌ଏସ୍‌ଇ ଓ ଏନ୍‌ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୬ଷ୍ଠ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ୧୦ଟା।
- ଗ୍ରୀନ ବେଲ୍ଟ ଅଞ୍ଚଳରେ ବୃକ୍ଷରୋପଣ, ସ୍ଥାନ: ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ରଥଯାତ୍ରା, ସ୍ଥାନ: କୋଏଲନଗର, ସମୟ: ଅପରାହ୍ନ ୨ଟା।
- ଅହିରାବନ୍ଧ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା, ସ୍ଥାନ: ସେକ୍ଟର–୩, ସମୟ: ଅପରାହ୍ନ ୩ଟା।
- ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା, ସ୍ଥାନ: ଉଦିତନଗର, ବାସନ୍ତୀ,ଛେଣ୍ଡ, ପ୍ଲାଣ୍ଟସାଇଟ୍, ହନୁମାନ ବାଟିକା, ସମୟ: ଅପରାହ୍ନ ୩ଟା ୩୦।

### ସୁନ୍ଦରଗଡ଼

- ରାଜବାଟୀ ସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା, ପହଣ୍ଡି ବିଜେ ଓ ରଥଟଣା,ସ୍ଥାନ:ରାଜବାଟୀ ଜଗନ୍ନାଥ ମନ୍ଦିର ପରିସର,ସମୟ ଅପରାହ୍ନ ୪ଟା।
- ସୁନାରୀପଡା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଓ ରଥଟଣା, ସ୍ଥାନ:ସୁନାରୀପଡା ଭାଗବତ ମନ୍ଦିର ପ୍ରାଙ୍ଗଣ,ସମୟ:ଅପରାହ୍ନ ୫ଟା।

### ବୌଦ୍ଧ

- ମହାପ୍ରଭୁଙ୍କ ରଥଯାତ୍ରା, ସ୍ଥାନ: ବୌଦ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।

### ଦେବଗଡ଼

- ଶରନେଶ୍ୱର ବାବାଙ୍କ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ:ତିଲେଇବଣୀ ବ୍ଲକ ଜୁଆଲିଭଙ୍ଗା, ଶରଣଖୋଲ ଗ୍ରାମ, ସମୟ: ସକାଳ ୭ଟା।
- ତ୍ରିନାଥ ମହାପ୍ରଭୁଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜପୁତ କ୍ଲବ, ବାବୁସାହି, ଦେବଗଡ଼, ସମୟ: ସକାଳ ୭ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀ ଜୀଉଙ୍କ ପହଣ୍ଡି, ସ୍ଥାନ: କୋଟସମଲାଇ ସ୍ଥିତ ଛଲିଆ ପାହାଡ, ସମୟ: ପୂର୍ବାହ୍ନ ୧୧ଟା।
- ପାତାଳି ଶ୍ରୀକ୍ଷେତ୍ରରେ ରଥଟଣା, ସ୍ଥାନ: କୋଟସମଲାଇ ରଥଦାଣ୍ଡ, ସମୟ: ଅପରାହ୍ନ ୨ଟା।
- ରଥଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୩ଟା।
- ସୁବର୍ଣ୍ଣପୁର ସହର ଗଡଭିତର ସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କ ପହଣ୍ଡି, ସ୍ଥାନ: ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୫ଟା।

### ନୂଆପଡ଼ା

- ଆଷାଢ଼ ହରିଆଲି ତିହାର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ ନାଗବାଚାଗୁଡ଼ି, ସମୟ: ସନ୍ଧ୍ୟା ୬ଟା।
- ରଥଟଣା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କ ବିଚାରଧାରା ଏବଂ କାର୍ଯ୍ୟଶୈଳୀ ପରିବାରରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିବ। ଅଟକିଥିବା କାମ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ଯାନବାହନ, ଜମିଜମା, କଳ କାରଖାନା, ଜଳ, ତୈଳ, କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବାର ସୂଚନା ରହିଛି।

**ବୃଷ** ବନ୍ଧୁଙ୍କ ସାହାଯ୍ୟରେ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ସମ୍ପର୍କ ସୃଷ୍ଟି କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଭଲ ସମ୍ପର୍କ ନ ଥିବା ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡିପାରେ। ମତଭେଦ କାରଣରୁ ସାଧାରଣ କଥାରେ ସହକର୍ମୀ କ୍ଷୁବ୍ଧ ହେବେ।

**ମିଥୁନ** ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସତର୍କରେ ଚଳନ୍ତୁ। ଆଲୋଚନା ପରିସରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ପରିବାରର ଆବଶ୍ୟକତାନୁଯାୟୀ ନୂତନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ସ୍ଥାନାନ୍ତର କିମ୍ବା ସରକାରୀ କାମରେ ଦୂରଯାତ୍ରା କରିବାକୁ ପଡିପାରେ। ମନ କଥାକୁ ମନରେ ରଖି ହସି ହସି କାମ ହାସଲ କରିବେ। ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ, ସମୃଦ୍ଧି ମନକୁ ଖୁସି କରିଦେବ। ପୁରୁଣା ରାଗ ଶୁଝାଇବାକୁ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି।

**ସିଂହ** ବନ୍ଧୁଙ୍କ ତ୍ୟାଗ ବିନିମୟରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇବା ସହଜସାଧ୍ୟ ହୋଇଯିବ। କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପିଲାଙ୍କ ସମସ୍ୟା ସକାଶେ ମନ ଅସ୍ଥିର ରହିବ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ବିବାଦୀୟ ପରିସରରୁ ଦୂରେଇ ରଖିବା କାରଣରୁ ନିଶ୍ଚିତ ବିପଦରୁ ରକ୍ଷା ମିଳିଯିବ।

**କନ୍ୟା** ଯେତେ ସମସ୍ୟା ଆସିଲେ ମଧ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଯାତ୍ରା ସମୟରେ କୌଣସି ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିପାରନ୍ତି। ଉପରିସ୍ଥଙ୍କ ଆଲୋଚନା ବିଷୟରେ ତାଙ୍କଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରବେ। ବ୍ୟବସାୟରୁ ଅର୍ଥନୈତିକ ଓ ପାରିବାରିକ କ୍ଷେତ୍ର ଭଲ ରହିବ।

**ତୁଳା** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରିତ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ ଆନୁସଙ୍ଗିକ ସୁବିଧା ସୁଯୋଗ ଲାଭ କରି କାମ ହାସଲ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମରେ ରହିଥିବା ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲରେ ଅତିବାହିତ ହେବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ଅଥବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ପରିସ୍ଥିତିରେ ପଡି ଗୁଡାଏ ଟଙ୍କା ଖର୍ଚ୍ଚକରି ମନସ୍ତାପ କରିବାର ଆଶଙ୍କା ରହିଛି।

**ଧନୁ** କୌଣସି ଅଭାବ ନ ଥିଲେ ମଧ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିରଖିବ। ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରି ସଫଳତା ପାଇପାରିବେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର** ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଅପୂରଣୀୟ କାମନାକୁ କାର୍ଯ୍ୟକ୍ଷମ କରାଇବାରେ ସାହାଯ୍ୟ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ କିନ୍ତୁ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ। ନିଜ ନିଜ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତିରେ ରହିବେ।

**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ଟେନ୍ସନ ଲାଗିରହିବା ଯୋଗୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବା ଯୋଗୁ ସାମୟିକ ମନ ଖୁସି ରହିପାରେ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ବନ୍ଧୁଙ୍କ ସହ ଆଲୋଚନା ମନ୍ଦ ହେବନାହିଁ।

**ମୀନ** ଭାବପ୍ରବଣତାବଶତଃ ମାନସିକ ଅସ୍ଥିରତା କାମଗୁଡ଼ିକୁ ବିକ୍ଷିପ୍ତ କରିଦେଇପାରେ। ଅତି ନିକଟତମ ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ରେ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।

ଆଜି ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଶ୍ରୀଗୁଣ୍ଡିଚା, ଅଲ୍–ହିଜରା, ମହରମ ମାସ ଓ ମୁସ୍‌ଲିମ ନବବର୍ଷ ଆରମ୍ଭ, ଜୁନ୍ ୨୭ ତାରିଖ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୬ ଗତେ ଘ.୦୬.୫୯ ମଧ୍ୟେ, ଘ. ୧୨.୧୬ ଗତେ ଘ.୦୨.୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୧୦.୧୦ ଗତେ ଘ.୧୧.୪୯ ମଧ୍ୟେ ରାହୁ କାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଇଡ଼, ବଇଦ, ମଦଘଡ଼ା
କାମ ସରିଲେ ଗଡ଼ଗଡ଼ା।**

ରୋଗ ଭଲ ହୋଇଗଲା ପରେ ଆଉ ବଇଦକୁ ଲୋଡ଼ା ଯାଇ ନ ଥାଏ। ପଇଡ଼ରୁ ପାଣି ପିଇ ସାରିବା ପରେ ତାହା ଅଲୋଡ଼ା ହୋଇଯାଇଥାଏ। ସେହିପରି ମଦ ପିଇ ସାରିବା ପରେ ମଦଘଡ଼ା ବା ମଦ ବୋତଲକୁ ଅଦରକାରୀ ଭାବେ ବାହାରକୁ ଫିଙ୍ଗି ଦିଆଯାଇଥାଏ। ଉପକୃତ ହେବା ପରେ ଉପକାରୀ ବ୍ୟକ୍ତି ଅଖୋଜା ଅଲୋଡ଼ା ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପଇଡ଼ ପାଣିରେ ପୁଞ୍ଜାଏ ମାଛ
ଆଖିରେ ଦେଖିଲେ ହୁଅଇ ମିଛ।**

ପଇଡ଼ରେ ଥିବା ସ୍ୱଳ୍ପ ପାଣିରେ ମାଛ ଖେଳିବା ନିହାତି ଅବାସ୍ତବ ଓ ଅସମ୍ଭବ କଥା। ଯେ ପର୍ଯ୍ୟନ୍ତ ନିଜ ଆଖିରେ ଦେଖା ନ ହୋଇଛି ସେ ପର୍ଯ୍ୟନ୍ତ ଶୁଣା କଥାକୁ ସତ ମଣିବା ଉଚିତ ନୁହେଁ। ଆଖିଦେଖା କଥା ହିଁ ଅଧିକ ବିଶ୍ୱାସଯୋଗ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବେଆଇନ ଉଚ୍ଛେଦ, ତହସିଲଦାର କ୍ଷତିପୂରଣ ଦେବେ ୨ ଲକ୍ଷ ଟଙ୍କା

### ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ହେଲାନି

**କଟକ,୨୬।୬(କାର୍ତ୍ତିକ ସାହୁ)**

ସରକାରୀ ଜବରଦଖଲ ଜମିରୁ ବୁଲଡୋଜର ଲଗାଇ ନିର୍ମାଣ ଭାଙ୍ଗିବା ଘଟଣାରେ ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ ନ କରିବା ମହଙ୍ଗା ପଡ଼ିଛି। ଓଡ଼ିଶା ହାଇକୋର୍ଟ ଏ ସଂକ୍ରାନ୍ତ ଏକ ମାମଲାର ରାୟ ପ୍ରକାଶ କରି ଆଠଗଡ଼ ତହସିଲଦାର ବେଆଇନ ଭାବେ ନିର୍ମାଣ ଭାଙ୍ଗିଥିବାରୁ ତାଙ୍କ ଦରମାରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ବାବଦରେ ଆଦାୟ କରିବାକୁ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ତାଙ୍କ ରାୟରେ ମୋଟ କ୍ଷତିପୂରଣ ରାଶି ୧୦ ଲକ୍ଷ ଟଙ୍କାରୁ ବାକି ୮ ଲକ୍ଷ ଟଙ୍କା ରାଜ୍ୟ ସରକାର ଆବେଦନକାରୀଙ୍କୁ ୮ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଏଥିସହ ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ରାଜସ୍ୱ ଅଧିକାରୀ ଓ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ ଏଭଳି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ କରିବା ନିମନ୍ତେ ସବିଶେଷ ନିର୍ଦ୍ଦେଶନାମା ଜାରି କରିବାକୁ ମଧ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, କଟକ ଜିଲା ଆଠଗଡ଼ ତହସିଲର ବାଲିପୁର ମୌଜାରେ ଖାତା ନଂ. ୬୧୬, ପ୍ଲଟ ନଂ. ୧୨୬୧ର ମୋଟ ୧ ଏକର ୮୭ ଡିସିମିଲ ଜମି ମଧ୍ୟରୁ ୦.୦୫ ଡିସିମିଲ ଜମିରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ହୋଇଥିଲା। ଉକ୍ତ ଗୋଚର କିସମ ଜମିରେ ୧୯୮୫ରୁ ଗୋଷ୍ଠୀଗୃହ ନିର୍ମାଣ ହୋଇଥିବା ବେଳେ ୧୯୯୯ ମହାବାତ୍ୟା ପରେ ତାହା ମରାମତି ହୋଇଥିଲା। ପୁଣି ୨୦୧୬–୧୮ ମଧ୍ୟରେ ବିଧାୟକ ପାଣ୍ଠି ଅନୁଦାନରେ ଆମ ଗାଁ ଆମ ବିକାଶ ଯୋଜନାରେ ଗୃହଟିର ପୁନଃ ନିର୍ମାଣ ହୋଇଥିଲା। ଉକ୍ତ ଗୃହ ଗ୍ରାମବାସୀଙ୍କ ଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତା ଅଭିଯାନ, ଯୋଗକେନ୍ଦ୍ର, ସ୍ୱାସ୍ଥ୍ୟସେବା ଶିବିର ଓ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିଲା। ଏହାକୁ କେହି ସରକାରୀ ଅଧିକାରୀ ବିରୋଧ କରୁ ନ ଥିଲେ କି ଜବରଦସ୍ତ ଜମିକୁ ଅଧିକାର କରାଯାଇନାହିଁ। ଅପରପକ୍ଷରେ ଗୋଚର କିସମକୁ ଘରଡିହରେ ରୂପାନ୍ତରିତ କରିବା ପାଇଁ ଗ୍ରାମବାସୀ ଏକମତ ହୋଇଥିଲେ। ମାତ୍ର ୨୦୨୪ ଜୁଲାଇରେ ଉକ୍ତ ଜମି ଜବରଦଖଲ କରାଯିବା ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ସେଟେଲମେଣ୍ଟ ପାଇଁ ଆବେଦନ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀ ଏନେଇ ୨୦୨୪ ସେପ୍ଟେମ୍ବର ୩ରେ ଆବେଦନ କରିଥିବାବେଳେ ଆବଶ୍ୟକ କାଗଜାତର ଅଭାବ ଦର୍ଶାଇ ୨୦୨୪ ସେପ୍ଟେମ୍ବର ୩୦ରେ ଖାରଜ କରିଦିଆଯାଇଥିଲା। ଖାରଜ ମାମଲାକୁ ନେଇ ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଆବେଦନ କରାଯିବା ସହ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ଉଚ୍ଛେଦ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଥିଲେ। ଏହାସତ୍ତ୍ୱେ ୨୦୨୪ ଡିସେମ୍ବର ୫ରେ ପୁଣି ଉଚ୍ଛେଦ ପାଇଁ ଆଦେଶନାମା ଜାରି ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିସେମ୍ବର ୧୩ରେ ଉପଜିଲାପାଳ ଶୁଣାଣି ଶେଷ କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆଦେଶ ସଂରକ୍ଷିତ ରଖିଥିଲେ। ତା' ପରଦିନ ସକାଳେ ଗୋଷ୍ଠୀକେନ୍ଦ୍ର ଭଙ୍ଗାଯିବା ନେଇ ଉପଜିଲାପାଳ ଅପରାହ୍ନ ୫ଟା୧୫ରେ ନୋଟିସ ଜାରି କରିଥିଲେ। ଆବେଦନକାରୀଙ୍କୁ ଆଦେଶକୁ ଚ୍ୟାଲେଞ୍ଜ କରିବା ଏବଂ ଗୃହକୁ ଖାଲି କରିବା ପାଇଁ ସମୟ ଦିଆ ନ ଯାଇ ପରଦିନ ସକାଳ ୧୦ଟା ବେଳେ ତହସିଲଦାର ତାହାକୁ ଭାଙ୍ଗି ଦେଇଥିଲେ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ଉଚ୍ଛେଦ ପାଇଁ ୧୫ ଦିନ ସମୟ ଦିଆଯିବା କଥା। ଭଙ୍ଗାଯିବାର ଭିଡିଓଗ୍ରାଫି କରାଯିବା ସମେତ ଆହୁରି କେତେକ ଆଦେଶକୁ ପାଳନ କରାଯାଇ ନ ଥିବାରୁ ଗ୍ରାମବାସୀ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିନାଦ ଲାଉଡ ଓ ଆଇନଜୀବୀ ଏଲ.କେ. ମହାରଣା ମାମଲା ପରିଚାଳନା କରୁଥିଲେ।

## କୋଟିଆ ଗସ୍ତରେ ରାଜସ୍ୱମନ୍ତ୍ରୀ, ପ୍ରତିନିଧି ଦଳ

**ଭୁବନେଶ୍ୱର,୨୬।୬ (ରବିନାରାୟଣ ଜେନା)**

ଦୀର୍ଘଦିନ ଧରି କୋଟିଆରେ ଲାଗି ରହିଥିବା ସୀମା ବିବାଦର କିଭଳି ଅନ୍ତ ଘଟିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ନେଇ ସରକାରୀସ୍ତରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହାସହିତ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ ହୋଇଛି। କମିଟି ଉକ୍ତ ଅଞ୍ଚଳ ଗସ୍ତକରି ସମସ୍ତ ତଥ୍ୟ ଅନୁଧ୍ୟାନ କରିବ ଏବଂ ଖୁବ୍‌ଶୀଘ୍ର କୋଟିଆ ବିବାଦର ସମାଧାନ ହେବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, କୋଟିଆ ବିବାଦର ସମାଧାନ ପାଇଁ ମୋ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। କମିଟିର ପ୍ରଥମ ସମୀକ୍ଷା ବୈଠକ ସରିଛି। ଆସନ୍ତାକାଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ପୁରୀ ରଥଯାତ୍ରା ପରଦିନ କୋଟିଆରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ରଥଯାତ୍ରାରେ ସାମିଲ ହେବାକୁ କୋଟିଆବାସୀଙ୍କ ଅନୁରୋଧ ଆସିଥିଲା। ଏହାକୁ ନେଇ କୋଟିଆ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ଅନ୍ୟ ପ୍ରତିନିଧିମାନେ ମଧ୍ୟ ଯିବାର ରହିଛି। ପ୍ରଥମଥର ପାଇଁ କୋଟିଆରେ ରଥ ଟାଣିବାର ସୁଯୋଗ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

## କ୍ଷୋଭପ୍ରକାଶ କଲେ ଶଙ୍କରାଚାର୍ଯ୍ୟ

**ପୁରୀ,୨୬।୬(ଅଜିତ୍ କୁମାର ମହାନ୍ତି)**

କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ବର୍ଷିଛନ୍ତି। ଗୁରୁବାର ପୁରୀ ଗୋବର୍ଦ୍ଧନ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶଙ୍କରାଚାର୍ଯ୍ୟ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ନୀତିଗତ ଏବଂ ଧାର୍ମିକ ବ୍ୟବସ୍ଥା କ୍ଷେତ୍ରରେ ନିଷ୍ପତ୍ତି ନେବାରେ ମୋଦି ଅସଫଳ। କେବଳ ନିଜ ଆତ୍ମପ୍ରଚାର ପାଇଁ ସେ କାମ କରୁଛନ୍ତି। ନିର୍ବାଚନ ପୂର୍ବରୁ ଭୟରେ ସେମାନେ ମୋତେ ଭେଟି ଆଶୀର୍ବାଦ ନେଇଥାନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରୁନାହାନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ, ଶ୍ରୀମନ୍ଦିର ଧାର୍ମିକ ବ୍ୟବସ୍ଥାରେ ଶଙ୍କରାଚାର୍ଯ୍ୟ ଧାର୍ମିକ ମୁଖ୍ୟ ହୋଇଥିଲେ ହେଁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ତାଙ୍କ ପରାମର୍ଶ ନେଉନାହାନ୍ତି। ସେ ଉପରେ ପଡ଼ି କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ। ଇସ୍କନର ଅଦିନିଆ ରଥଯାତ୍ରା ନେଇ ମଧ ବର୍ଷିଛନ୍ତି ଶଙ୍କରାଚାର୍ଯ୍ୟ। ଇସ୍କନର ଅଦିନିଆ ରଥଯାତ୍ରା ମନମାନି ପଛରେ କେଉଁମାନେ ଅଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଇସ୍କନ ପକ୍ଷରୁ ଭାରତ ଓ ଭାରତ ବାହାରେ ହୋଇଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଗଜପତି ନିଜେ ଯୋଗଦେଇଥିଲେ। ଦୀଘାରେ ଜଗନ୍ନାଥ ଧାମ ନାମକରଣ ହେବା ଉପରେ ପ୍ରତିକ୍ରିୟା ରଖି ଶଙ୍କରାଚାର୍ଯ୍ୟ କହିଛନ୍ତି, ଏହା ବିଧର୍ମୀ କାର୍ଯ୍ୟ। କେନ୍ଦ୍ର ସରକାର ଏହି ଘଟଣାରେ ହସ୍ତକ୍ଷେପ କରିବା ଉଚିତ୍। ଶୁକ୍ରବାର ରଥଯାତ୍ରାରେ ସେ ନିଜ ଶିଷ୍ୟ ଓ ଅନୁଗାମୀଙ୍କ ସହ ସାମିଲ ହେବେ ବୋଲି ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ପୋଲିସ ସହ ଗୁଳି ବିନିମୟ: ୨ ମହିଳା ମାଓବାଦୀ ମୃତ

ମାଲକାନଗିରି, ୨୬।୬(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ନାରାୟଣପୁର ଜିଲା ଅବୁଝମାଡ ଜଙ୍ଗଲରେ ଡିଆର୍‌ଜି ଓ ଏସ୍‌ଟିଏଫ୍ ବାହିନୀ ଗୁରୁବାର ତଲାସି କରୁଥିଲେ। ସେହି ଜଙ୍ଗଲରେ ମାଓବାଦୀମାନେ ବୈଠକ କରୁଥିଲେ। ପୋଲିସ ଆସୁଥିବା ଖବର ପାଇ ସେମାନେ ଆକ୍ରମଣ କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିବା ପରେ ଏହାକୁ ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ଉକ୍ତ ଅଞ୍ଚଳରେ ତଲାସି ସମୟରେ ୨ ମହିଳା ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଇନ୍‌ସାସ୍ ରାଇଫଲ, ଗୋଟିଏ ୩ ନଟ୍ ୩ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛନ୍ତି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ବେଳେ ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ନାରାୟଣପୁର ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




## ମାଓବାଦୀ ସ୍ତୂପ ଧ୍ୱଂସ

ମାଲକାନଗିରି, ୨୬।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ଦ୍ୱାରା ମାଓବାଦୀ ସ୍ତୂପ ଧ୍ୱଂସ କରାଯାଇଛି। ବିଜାପୁର ଜିଲା ନେଲସନାର ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ନଦୀ ପାରହେବା ପରେ ବାଙ୍ଗୋଲି ଗ୍ରାମରେ ପୋଲିସ ତଲାସି ବେଳେ ଉକ୍ତ ଗ୍ରାମରେ ୧୫ ଫୁଟ ଉଚ୍ଚତାର ଏକ ସ୍ତୂପ ଧ୍ୱଂସ କରିଥିଲେ।




# ଏମ୍ସ ୨ୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ

## ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ ସର୍ଭେ

ଭୁବନେଶ୍ୱର, ୨୬।୬ (ଅନୁରାଧା ମହାରଣା)

ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ (ମାର୍କେଟିଂ ଆଣ୍ଡ୍ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍) ମେଡିକାଲ କଲେଜ ସର୍ଭେ ୨୦୨୫ ରିପୋର୍ଟ ଗୁରୁବାର ପ୍ରକାଶ ପାଇଛି। ଉତ୍କର୍ଷର ଉଲ୍ଲେଖନୀୟ ଯାତ୍ରା ଜାରି ରଖିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। 'ଇଣ୍ଟେକ କ୍ୱାଲିଟି ଆଣ୍ଡ୍ ଗଭର୍ନାନ୍ସ', 'ଏକାଡେମିକ ଉତ୍କର୍ଷ', 'ଭିତ୍ତିଭୂମି ଓ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଆଦି ପାଞ୍ଚଟି ପାରାମିଟର ଆଧାରରେ ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ


ଅନ୍ୟମାନଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସର୍ଭେ ରିପୋର୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ଓ ଏମ୍‌ଡିଆର୍‌ଏ ମିଳିତ ଭାବେ ସର୍ଭେ କରିଥିଲେ।

ଏ ସମ୍ପର୍କରେ ସୂଚନା ଦେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି, ଏହି ମାନ୍ୟତା ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଓ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ୨୦୨୧ ସର୍ଭେରେ ଏମ୍ସ ଶ୍ରେଷ୍ଠ ମେଡିକାଲ କଲେଜ ବର୍ଗରେ ୨୫ତମ ର୍‍ୟାଙ୍କ ପାଇଥିଲା। ୨୦୨୫ରେ ୧୨ତମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ତଥା ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡା. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡିଡିଏ ଲ୍ୟୁଟନାଣ୍ଟ କଲୋନେଲ ଅଭିଜିତ ସରକାର, କୁଳସଚିବ ଡା. ସୁଦୀପ୍ତ ରଞ୍ଜନ ସିଂହ, ଡା. ଗୌରବ ଛାବ୍ରା, ଡା. ପଙ୍କଜ କୁମାର, ଡା. ଦେବପ୍ରିୟ ବନ୍ଦ୍ୟୋପାଧ୍ୟାୟ, ଡା. ସିପ୍ରା ରାଉତ ଏବଂ ଡା. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଯୋଗଦେଇଥିଲେ।




## ବାଲେଶ୍ୱର ବନ୍ୟା କ୍ଷତିଗ୍ରସ୍ତଙ୍କୁ ମିଳିବ ସହାୟତା: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର, ୨୬।୬(ରବିନାରାୟଣ ଜେନା)

ବାଲେଶ୍ୱର ବନ୍ୟା କ୍ଷତିଗ୍ରସ୍ତଙ୍କୁ ପ୍ରାଥମିକ ଆକଳନ ପରେ ତୁରନ୍ତ ସହାୟତା ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ବାଲେଶ୍ୱରରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ବହୁ ସମୟରେ ବିନା ବର୍ଷାରେ ବନ୍ୟା ହୋଇଯାଏ। ଏହାର କାରଣ ଝାଡ଼ଖଣ୍ଡରେ ଥିବା ଡ୍ୟାମ୍ ବୋଲି ରାଜସ୍ୱମନ୍ତ୍ରୀ କହିଛନ୍ତି। ଝାଡ଼ଖଣ୍ଡର ଡ୍ୟାମ୍ ବି ଅସମ୍ପୂର୍ଣ୍ଣ ରହିଛି। ଝାଡ଼ଖଣ୍ଡର ବର୍ଷାପାଣି ପଶିବା ଫଳରେ ଉଭୟ ମୟୂରଭଞ୍ଜ ଏବଂ ବାଲେଶ୍ୱର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୪୦ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କୁ ରାଶନ ପ୍ରଦାନ କରାଯାଇଥିଲା। ରାଜସ୍ୱ ବିଭାଗ ନିୟମିତ ଭାବେ ଜିଲାପାଳଙ୍କ ସହ ଯୋଗାଯୋଗରେ ରହିଛି। ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ପର୍ଯ୍ୟାପ୍ତ ରାଶି ଯୋଗାଇ ଦିଆଯାଇଛି, ଯାହା ସେମାନେ ନିଜ ଜିଲା ପାଣ୍ଠିରେ ଖର୍ଚ୍ଚ କରିପାରିବେ ବୋଲି ରାଜସ୍ୱମନ୍ତ୍ରୀ କହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଜଟାବାଲ ପୋଲ

ପାପଡ଼ାହାଣ୍ଡି, ୨୬।୬ (ସ୍ୱପ୍ନଜିତ ପଟ୍ଟନାୟକ)


ପୋଲ ଉପରେ ବର୍ଷାପାଣି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ବୁଧବାରଠାରୁ ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ଗୁରୁବାର ଜଟାବାଲ ନଦୀର ଅସ୍ଥାୟୀ ପୋଲ ଭାଙ୍ଗିଯାଇଛି। ବୁଧବାର ରାତିରୁ ପୋଲ ଉପରେ ପ୍ରାୟ ୪ ଫୁଟର ପାଣି ଚାଲିଥିଲା। ଫଳରେ ଗୁରୁବାର ସକାଳେ ପାପଡ଼ାହାଣ୍ଡିରୁ ଉମରକୋଟ ରାଜ୍ୟ ରାଜପଥର ଉଭୟ ପଟେ ଗାଡି ଅଟକି ରହିଥିଲା। ପରେ ଗାଡ଼ିଗୁଡ଼ିକ ଡାବୁଗାଁରୁ ମଇଦଲପୁର ଦେଇ ପାପଡ଼ାହାଣ୍ଡି ଯାଇଥିଲା। ବର୍ଷା କମିବା ପରେ ପୋଲ ଭାଙ୍ଗିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଜିଲା ଜରୁରିକାଳୀନ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ତ୍ରିପତି ବାଲାଜୀ ସାହୁ, ବିଡିଓ କପିଳଦେବ ସାହୁ ଯାଇ ସ୍ଥିତି ପରଖିଛନ୍ତି।






ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ଦୁର୍ବଳତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ





# ଦୋମୁହାଁ ନୀତି

ବ୍ରହ୍ମ ଚେଲାନି

ଇରାନ୍‌ର ଆଣବିକ ଭିତ୍ତିଭୂମି ଉପରେ ଇସ୍ରାଏଲ (ଅପରେଶନ ରାଇଜିଂ ଲାୟନ) ଓ ଆମେରିକା (ଅପରେଶନ ମିଡ୍‌ନାଇଟ ହାମର) ଆକ୍ରମଣ କରି କ୍ଷତି କରିଛନ୍ତି। କୌଶଳଗତ ଆକ୍ରମଣରୁ ଯାହା ହାସଲ ହୋଇ ଥାଉନା କାହିଁକି, ରଣନୈତିକ ରୂପେ ବିପଦକୁ ଆମନ୍ତ୍ରଣ କରିଥିବା ମନେକରାଯାଏ। କାରଣ ପୂର୍ବାପେକ୍ଷା ଇରାନ୍ ଏବେ ଅଧିକ ବୁଝିପାରିଛି ଯେ, ଭବିଷ୍ୟତର ଆକ୍ରମଣକୁ ରୋକିବା ସହ ଶାସନର ଅସ୍ତିତ୍ୱ ନିଶ୍ଚିତ କରିବା ସକାଶେ ଆଣବିକ ଅସ୍ତ୍ର ହିଁ ତା' ପାଇଁ ଏକମାତ୍ର ବାଟ। ଅତୀତରେ ସାବଧାନ ସହକାରେ ମିଳିତ ଚାପ ଓ ପ୍ରୋତ୍ସାହନ ଦ୍ୱାରା ଇରାନ୍‌କୁ ବୁଝାମଣା ପାଇଁ ଅଣାଯାଇଥିଲା। ୨୦୧୫ରେ ଜଏଣ୍ଟ କମ୍ପ୍ରିହେନ୍‌ସିଭ ପ୍ଲାନ ଅଫ୍ ଆକ୍‌ସନ (ଜେସିପିଓଏ) ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ଇରାନ୍ ତାହାର ଆଣବିକ କାର୍ଯ୍ୟକ୍ରମକୁ ସୀମିତ କରିବାକୁ ରାଜି ହୋଇଥିଲା। କିନ୍ତୁ ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱରେ ଜେସିପିଓଏକୁ ଅବହେଳା କରି ୨୦ ମାସ ଧରି କୂଟନୈତିକ ପଦକ୍ଷେପ ଦ୍ୱାରା ସୃଷ୍ଟି ହୋଇଥିବା ଏକ ବିଶ୍ୱାସକୁ ଭାଙ୍ଗିଦେଲେ। ଆମେରିକା ବର୍ତ୍ତମାନ ଇରାନ୍ ସହିତ ନୂଆ ଆଣବିକ ଚୁକ୍ତି ଆରମ୍ଭ କରିବା ପରିବର୍ତ୍ତେ ଇସ୍ରାଏଲ ସହ ଆକ୍ରମଣରେ ଯୋଗ ଦେଉଛି। କେତେକେ ଯୁକ୍ତି କରନ୍ତି, ଇରାନ୍ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଧୋକା ଦେଇ, ଆଞ୍ଚଳିକ ସଂଘର୍ଷ ବଢ଼ାଇ ଏବଂ ବେସାମରିକ କାର୍ଯ୍ୟ ପାଇଁ ଆବଶ୍ୟକ ୟୁରାନିୟମଠାରୁ ଅଧିକ ଉତ୍ପାଦନ କରି ଆକ୍ରମଣକୁ ଆମନ୍ତ୍ରଣ କଲା। ତେବେ ଏସବୁ ହେଉଛି ଯୁକ୍ତିଯୁକ୍ତ ଅଭିଯୋଗ।

ଇସ୍ରାଏଲ ସାମରିକ ଅଭିଯାନ ଆରମ୍ଭ କରିବାର ଠିକ୍ ପୂର୍ବରୁ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଇରାନ୍‌ର ଅନ୍ତର୍ଜାତୀୟ ଦାୟିତ୍ୱ ଅନୁପାଳନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲା। ଏହାର ରିପୋର୍ଟକୁ ଅନୁଧ୍ୟାନ କରିଥିବା ଇନ୍‌ଷ୍ଟିଚ୍ୟୁଟ ଫର ସାଇନ୍ସ ଆଣ୍ଡ ଇଣ୍ଟରନ୍ୟାଶନାଲ ସିକ୍ୟୁରିଟି ଯୁକ୍ତି ବାଢ଼ିଥିଲା ଯେ, ଇରାନ୍ ତାହାର ଉନ୍ନତ ମାନର ୬୦ ପ୍ରତିଶତ ୟୁରାନିୟମକୁ ଫୋର୍‌ଡୋ ଫୁଏଲ ଏନ୍‌ରିଚମେଣ୍ଟ ପ୍ଲାଣ୍ଟ(ଏଫଏଫଇପି)ରେ ୩ ସପ୍ତାହରେ ୨୩୩ କେଜି (ଅସ୍ତ୍ରଶସ୍ତ୍ର ଉପଯୋଗୀ ୟୁରାନିୟମ)କୁ ପରିବର୍ତ୍ତନ କରିପାରିବ, ଯାହା ୯ଟି ଅଣୁଅସ୍ତ୍ର ପାଇଁ ଯଥେଷ୍ଟ। ଏହି ପଦକ୍ଷେପ ଟ୍ରମ୍ପ ପ୍ରଶାସନକୁ କ୍ରୋଧିତ କରିଥାଇପାରେ। ଏହା ବ୍ୟତୀତ ଆଇଏଇଏ ତାହାର ସିଦ୍ଧାନ୍ତରେ ଦର୍ଶାଇଥିଲା ଯେ, ଇରାନ୍‌ରେ ଏକ ଅଘୋଷିତ ଆଣବିକ କାର୍ଯ୍ୟକ୍ରମ ଜାରି ରହିଥିବା ବିଷୟରେ ତା' ପାଖରେ କୌଣସି ଠୋସ୍ ସୂଚନା ନାହିଁ। ଆଇଏଇଏ ମଧ୍ୟ ସତର୍କ କରିଦେଇଥିଲା ଯେ, ଇରାନ୍ ହେଉଛି ବିଶ୍ୱର ଏକ ମାତ୍ର ଅଣୁଅସ୍ତ୍ର ବିହୀନ ଦେଶ ଯାହା ୬୦ ପ୍ରତିଶତ ଉନ୍ନତ ମାନର ୟୁରାନିୟମ ରଖିଛି, ଯାହା ଟେକ୍‌ନିକାଲି ଅଣୁଅସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ୯୦ ପ୍ରତିଶତ ଶୁଦ୍ଧ ୟୁରାନିୟମ ଗ୍ରେଡ୍ ଯୋଗ୍ୟ ନୁହେଁ। ଏହା ସତ୍ତ୍ୱେ ଆମେରିକା ଓ ଇସ୍ରାଏଲର ନୀତି ନିର୍ଦ୍ଧାରକମାନେ ଇରାନ୍‌ର ଆଣବିକ ସ୍ଥଳୀ ଫୋରଡୋ, ନାତାଞ୍ଜ ଏବଂ ଇସଫାହାନରେ ଆକ୍ରମଣ ପାଇଁ ସବୁଜ ସଙ୍କେତ ଦେଇଛନ୍ତି।



ଏଭଳି ଆକ୍ରମଣ ଆଇଏଇଏର ଅଧିକାର କ୍ଷେତ୍ର ଏବଂ ତାହାର ଯାଞ୍ଚ ପରିସରକୁ ଦୁର୍ବଳ କରିବା ସହ ଏନ୍‌ପିଟିର ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରର ସିଦ୍ଧାନ୍ତ, ଜାତିସଂଘ ଅଧିକାରପତ୍ର ଓ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରିଛି। ଦେଖିବାକୁ ଗଲେ ଶାସନ ପରିବର୍ତ୍ତନ କରିବା ଲକ୍ଷ୍ୟରେ ବିଧ୍ୱଂସକାରୀ ଯୁଦ୍ଧ କରିବାରେ ଆମେରିକାର ରେକର୍ଡ ରହିଛି ଏବଂ ବେଆଇନ ଭାବେ ଆଣବିକ ଅସ୍ତ୍ରଶସ୍ତ୍ର ଅଧିକାରୀ ପାଲଟିଥିବା ଇସ୍ରାଏଲ ଏନ୍‌ପିଟିରେ ସ୍ୱାକ୍ଷର କରିବାକୁ ମନା କରିଛି। ଏହା ବାର୍ତ୍ତା ଦେଉଛି ଯେ, ବିଶ୍ୱରେ କେବଳ ଦୁର୍ବଳମାନେ ହିଁ ନିୟମ ମାନନ୍ତି ଓ ଶକ୍ତିଶାଳୀମାନେ ସୁରକ୍ଷିତ ରୁହନ୍ତି। ବାସ୍ତବତା ହେଉଛି ଯେ ପର୍ଯ୍ୟନ୍ତ ତୁମେ ଆଣବିକ ଅସ୍ତ୍ରଶସ୍ତ୍ରର ଅଧିକାରୀ ହୋଇଥିବ ସେ ଯାଏ ଅନ୍ତର୍ଜାତୀୟ ଆଇନକୁ ନିଜ ଇଚ୍ଛାରେ ଅବମାନନା କରିପାରିବ। ଏହା ଉଭୟ ପ୍ରମୁଖ ଶକ୍ତଶାଳୀ ଓ ଛୋଟ ଦେଶଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଉଦାହରଣ ସ୍ୱରୂପ, ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହିତ କରି ଛାୟାଯୁଦ୍ଧ ଚଳାଇଛି ଏବଂ ଏହା ବିରୋଧରେ ପଦକ୍ଷେପ ନେଲେ ଆଣବିକ ଯୁଦ୍ଧ ଧମକ ଦେଉଛି। ଏହା ଇରାନ୍‌ର କାଳ୍ପନିକ ବୋମା ତୁଳନାରେ ଆଞ୍ଚଳିକ ଶାନ୍ତିରେ ବିରାଟ ବିପଦ ସୃଷ୍ଟି କରୁଛି, କିନ୍ତୁ ଏ କ୍ଷେତ୍ରରେ ଆମେରିକା ନୀରବ। ଆମେରିକା ପାକିସ୍ତାନକୁ ବୋମା ତିଆରି ପାଇଁ ଗୁପ୍ତକାମକୁ ପ୍ରୋତ୍ସାହିତ କରିବା ସହ ସହାୟତା କରିଥିଲା। ୧୯୮୦ ଦଶକରୁ ୧୯୯୦ ଦଶକ ମଧ୍ୟରେ ଆମେରିକାର ସବୁ ପ୍ରଶାସନ ପାକିସ୍ତାନ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତ କରି ଆଣବିକ ଅସ୍ତ୍ରଶସ୍ତ୍ର ଗୁପ୍ତରେ ତିଆରି କରୁଥିବାର ପର୍ଯ୍ୟାପ୍ତ ପ୍ରମାଣକୁ ଅଣଦେଖା କରିଥିଲେ।

ଏବେ କୂଟନୀତିର ଅଧୋଗତି ହୋଇଛି, ଯାଞ୍ଚର ଗୁରୁତ୍ୱ କମିଛି, ଚାପପ୍ରୟୋଗ ସାଧାରଣ ହୋଇଯାଇଛି ଏବଂ ଦୋମୁହାଁ ନୀତିକୁ ଗ୍ରହଣ କରାଯାଇଛି। ଏଭଳି ସ୍ଥିତିରେ, ବିନା ଆଣବିକ ଦେଶ ଭାବେ ରହିବା ଏକ ବିଜ୍ଞତାର କାମ ତଥା ରଣନୈତିକ ଦୃଷ୍ଟିରୁ ଉପଯୋଗୀ ବୋଲି ଇରାନ୍‌କୁ ବୁଝାଇବା ଭଳି ଆଉ କେଉଁ ଉପାୟ ରହିଛି ? ତେବେ ଇରାନ୍ ଏଥିରୁ ଓହରିଯିବା କିମ୍ବା ଆଇଏଇଏ ବ୍ୟବସ୍ଥାକୁ ମାନି ଆଣବିକ ଦୌଡ଼କୁ କମାଇବା ଲାଗି ପଦକ୍ଷେପ ନେବା ଦରକାର। ୧୯୮୧ରେ ଇସ୍ରାଏଲ ଇରାକର ଆଇଏଇଏ ଦ୍ୱାରା ପରିଚାଳିତ ଓସିରାକ ରିଆକ୍ଟର ଉପରେ ଆକ୍ରମଣ କରିବା ପରେ ସଦ୍ଦାମ ହୁସେନ ଯେଭଳି ଆଣବିକ କାର୍ଯ୍ୟକ୍ରମକୁ ଗୁପ୍ତରେ କରିଥିଲେ, ସେହିଭଳି ଇରାନ୍ ମଧ୍ୟ ତାହାର ଗୋପନୀୟତା ଉପରେ ସମୀକ୍ଷା ଓ ସ୍ୱଚ୍ଛତାର ଯାଞ୍ଚକୁ ଅଗ୍ରାହ୍ୟ କରୁଛି। ଏହା କେବଳ ଅବମାନନା ନୁହେଁ ବରଂ ଏହା ଏକ ଗମ୍ଭୀର ବିଷୟ ଓ ଅସ୍ତିତ୍ୱ ପ୍ରତି ବିପଦ। କେବଳ ଇରାନ୍ ଘଟଣା ନୁହେଁ, ଯଦି ଶକ୍ତିଶାଳୀ ଦେଶଗୁଡ଼ିକ ସୁରକ୍ଷିତ ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିପାରିବେ ତେବେ କାହିଁକି କୌଣସି ଦେଶ ବୈଶ୍ୱିକ ଆଣବିକ ଅସ୍ତ୍ର ଅପ୍ରସାର ବ୍ୟବସ୍ଥା ଉପରେ ବିଶ୍ୱାସ ରଖିବ ? ଇରାକର ସଦ୍ଦାମ ହୁସେନ ଓ ଲିବ୍ୟାର ମୁଆଁମାର ଗଦାଫି (କିମ୍ବା ଗଣତାନ୍ତ୍ରିକ ୟୁକ୍ରେନ)ଙ୍କ କ୍ଷେତ୍ରରେ ଯାହା ଘଟିଲା ସେଥିରୁ ବଞ୍ଚିବାକୁ ଚାହୁଁଥିବା ଯେକୌଣସି ସରକାର ପରମାଣୁ ବୋମର ଅଧିକାରୀ ହେବାକୁ ଚାହିଁବେ । ଆଣବିକ ଅସ୍ତ୍ର ଅପ୍ରସାର ହେଉଛି ଏକ ମାତ୍ର ଉପଯୋଗୀ ପଥ। ଧ୍ୱଂସ ନୁହେଁ ସବୁବେଳେ କୂଟନୀତି ବାଟ ଗ୍ରହଣ କରିବାକୁ ହେବ। ସାମରିକ ଆକ୍ରମଣ ଆଣବିକ କାର୍ଯ୍ୟକ୍ରମକୁ ମନ୍ଥର କରିପାରେ, କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ତାହାକୁ ରୋକି ପାରିବ ନାହିଁ।

**ପ୍ରଫେସର ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**



# ମହାପ୍ରଭୁଙ୍କ ଆଶୀର୍ବାଦ

ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

ଆଜି ପବିତ୍ର ଶ୍ରୀଗୁଣ୍ଡିଚା। ଅନନ୍ୟ ଆମର ମହାପ୍ରଭୁ। ଅନନ୍ୟ ତାଙ୍କର ମାନବୀୟ ଲୀଳା। ନବଦିନାତ୍ମକ ଯାତ୍ରାରେ ବାହାରିବେ ମହାବାହୁ। ରତ୍ନ ସିଂହାସନ ଛାଡ଼ି ଜନ ସମୁଦ୍ର ଭିତରକୁ ଆସିବେ କାଳିଆ ସାଆନ୍ତ। ରତ୍ନବେଦୀରୁ ଜନ୍ମବେଦୀ, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ। ବାଟରେ ମାଉସୀ ମା'ର ପୋଡ଼ପିଠା ଖାଇବେ। ନୀଳାଦ୍ରିବିଜେ ପୂର୍ବରୁ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କର ମାନ ଭଞ୍ଜନ କରିବେ। ରଥଯାତ୍ରା ଓଡ଼ିଆ ଜନଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏବଂ ଓଡ଼ିଆ ସଭ୍ୟତା, ସଂସ୍କୃତି ଓ ପରମ୍ପରାର ସବୁଠାରୁ ବଡ଼ ଘଟଣାକ୍ରମ।

ଜଣେ ସାଧାରଣ ଓଡ଼ିଆ ବିଶେଷଭାବରେ ଜଣେ ଆଦିବାସୀ ସମାଜର ବ୍ୟକ୍ତିବିଶେଷ ଭାବରେ ମହାପ୍ରଭୁଙ୍କର ଏହି ମହାନ ପରମ୍ପରାରେ ସାମିଲ ହେବାର ଖୁସିରେ ମୁଁ ଆତ୍ମବିଭୋର। ପହଣ୍ଡିବିଜେରୁ ରଥାରୂଢ଼ ହେବା ପର୍ଯ୍ୟନ୍ତ, ଗଜପତି ମହାରାଜାଙ୍କ ଛେରାପହଁରାଠାରୁ ଚାରମାଳ ଖୋଲା ହେବା ପର୍ଯ୍ୟନ୍ତ ଖୁବ୍ ନିକଟରୁ ମହାପ୍ରଭୁଙ୍କର ମହାଲୀଳା ଦେଖିବା ସହ ନିଜେ ରଥଟାଣିବାର ଖୁସି ମନରେ ଭକ୍ତି ଓ ସମର୍ପଣର ଭାବନା ତିଆରି କରୁଛି।

ମହାପ୍ରଭୁ ମୂଳତଃ ଆଦିବାସୀଙ୍କ ଦେବତା। ଶବରରାଜା ବିଶ୍ୱାବସୁଙ୍କ ଭକ୍ତି ଓ ନୈବେଦ୍ୟରେ ଅତ୍ୟନ୍ତ ପ୍ରୀତ। ଚକାଆଖିରେ ଆଖି ମିଳାଇ କୋଟିକୋଟି ଭକ୍ତଙ୍କ ଭଳି ମୋର ଭାବବିହ୍ୱଳ ହେବାର ଅନେକ ଅନୁଭୂତି ଅଛି। ମୋଭଳି ଗରିବ-ଆଦିବାସୀ ପରିବାରରୁ ଆସିଥିବା ଜଣେ ସାଧାରଣ ଓଡ଼ିଆକୁ ମହାପ୍ରଭୁ ୪.୫ କୋଟି ଓଡ଼ିଆଙ୍କ ସେବାରେ ନିୟୋଜିତ କରିବାର ସୁଯୋଗ ଦେଇଛନ୍ତି। ଯୁଗେଯୁଗେ ଓଡ଼ିଶାର ଗଜପତି ପରମ୍ପରାରେ ରାଜା ସବୁବେଳେ ଝାଡୁଦାର ଓ ସେବକ ଭାବରେ ନିଜକୁ ପ୍ରସ୍ତୁତ କରି ସେଥିରୁ ଶାନ୍ତି ଓ ଆତ୍ମସନ୍ତୋଷ ପାଉଛନ୍ତି। ମହାପ୍ରଭୁଙ୍କର ଭକ୍ତଭାବରେ ଆଜିର ଏହି ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ନିଜକୁ ୪.୫ କୋଟି ଓଡ଼ିଆଙ୍କ ସେବକ ଭାବରେ ମହାପ୍ରଭୁଙ୍କୁ ସାକ୍ଷୀରଖି ତାଙ୍କ ଚକା ଆଖିରେ ଆଖି ମିଳାଇ ନିଜକୁ ଜନସେବାରେ ସମର୍ପି ଦେବାର ଶପଥ ନେଉଛି। ମୁଁ ଜାଣିଛି ମହାପ୍ରଭୁ ଭକ୍ତର ଭଗବାନ।

ନିଜେ ମହାପ୍ରଭୁ ଜଗନ୍ନାଥ, ବଡ଼ଠାକୁର ବଳଭଦ୍ର କଳାଧଳା ଘୋଡ଼ା ଚଢ଼ି କାଞ୍ଚି ବିଜୟରେ ବାହାରିଥିଲେ। ମାଣିକ ଗଉଡୁଣୀର ହାତପରଷା ଦହି ଓ ଅର୍ଥ ନ ଥିବା ସ୍ଥିତିରେ ରତ୍ନମୁଦି ଦେଇଯିବା ଏହା ଓଡ଼ିଆଙ୍କ ଅଖଣ୍ଡ ଲୋକ ବିଶ୍ୱାସ। ଓଡ଼ିଆଙ୍କ ବିଶ୍ୱାସର ଅଦ୍ୱିତୀୟ ଦିଅଁ କଳାଠାକୁର ସାରା ଓଡ଼ିଶାବାସୀଙ୍କ ସମେତ ସାରା ବିଶ୍ୱବାସୀଙ୍କ ଉପରେ ଆଶୀର୍ବାଦ ବର୍ଷା କରନ୍ତୁ। ଆଜିର ଏହି ଶୁଭ ଅବସରରେ ତାଙ୍କର ଆଶିଷ ପ୍ରାର୍ଥନା କରୁଛି।

ମହାପ୍ରଭୁଙ୍କ ଭକ୍ତର ଅର୍ଘ୍ୟ ଅର୍ପଣ କରୁକରୁ ଆମ ମାତୃଭୂମି ପବିତ୍ର ଭାରତବର୍ଷରେ ଆମ ରାଜ୍ୟ ଓଡ଼ିଶାର ଉତ୍ପତ୍ତି ଓ ଐତିହାସିକ ପୃଷ୍ଠଭୂମିଠାରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ତଥା ସ୍ୱାଧୀନୋତ୍ତର ଭାରତରେ ଓଡ଼ିଶାର ବିକାଶ ଯାତ୍ରାରୁ ଅନେକ ପ୍ରେରଣାଦାୟୀ ପ୍ରସଙ୍ଗ ମନରେ ନାଚି ଉଠୁଛି। ଇତିହାସରୁ ପ୍ରେରଣା ନେଇ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବା ପାଇଁ ସାରା ଓଡ଼ିଶାକୁ ଏକ କରି ଏବଂ ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ମହାପ୍ରଭୁ ଓଡ଼ିଆ ଜାତିର ସହାୟକ ହେବେ ମୋର ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା।

ମହାପ୍ରଭୁ ସମନ୍ୱୟର ପ୍ରତୀକ। ସାରା ଦେଶ ଯେତେବେଳେ ସ୍ୱାଧୀନତାର ଲଢ଼େଇ ଲଢୁଥିଲା, ଠିକ୍ ସେତିକିବେଳେ ଆମ ରାଜ୍ୟରେ ଦୁଇଟି ଲଢ଼େଇକୁ ଏକା ସାଙ୍ଗରେ ଓ ପରସ୍ପରର ସମନ୍ୱୟରେ ଲଢ଼ାଯାଇଥିଲା। ବ୍ରିଟିଶ ଶାସନ ସମୟରେ ଓଡ଼ିଶାକୁ ଭାଷା ଆଧାରିତ ରାଜ୍ୟ କରିବା ପାଇଁ ଆମର ନେତୃତ୍ୱ ସଂଘର୍ଷ କରୁଥିଲା। ଆଞ୍ଚଳିକବାଦର ଲଢ଼େଇ ଭାବେ ପରିଚିତ ଭାଷା ଆଧାରିତ ରାଜ୍ୟ ପାଇଁ ସଂଘର୍ଷ କେବେ ବି ଆମ ଦେଶର ସ୍ୱାଧୀନତା ପାଇଁ ବ୍ରିଟିଶ ସାମ୍ରାଜ୍ୟ ସହ ଲଢ଼େଇର ନେତୃତ୍ୱ ପରସ୍ପରର ବିରୋଧାତ୍ମକ ସ୍ଥିତିକୁ ଆସିବାର କୌଣସି ଉଦାହରଣ ନାହିଁ। ଉଗ୍ର ଆଞ୍ଚଳିକବାଦ, ନିଜ ଭାଷା ଓ ସ୍ଥାନୀୟ ସ୍ୱତନ୍ତ୍ର ପରିଚୟ ଓ ଅସ୍ମିତାର ଗୌରବ ସହ ମହାଭାରତୀୟ ଚିନ୍ତାଧାରାରେ ସମପରିମାଣରେ ଉଦ୍‌ବୁଦ୍ଧ ହୋଇ ସମାନ୍ତରାଳ ଭାବରେ ଚାଲିବାର ଉଦାହରଣ ସାରା ଦେଶ ଆଗରେ ଆମ ରାଜ୍ୟ ହିଁ ପ୍ରସ୍ତୁତ କରିଛି।

ମହିଳା ସଶକ୍ତୀକରଣ, ଜାତିବାଦରୁ ଊର୍ଦ୍ଧ୍ୱରୁ ଉଠିବା ଏବଂ ସ୍ୱଚ୍ଛତାର କଥା କାହିଁ କେଉଁ ୧୫ଶ ଶତାବ୍ଦୀରୁ ଜଗନ୍ନାଥ ସଂସ୍କୃତି ହିଁ ବିଶ୍ୱକୁ ବାର୍ତ୍ତା ଦେଇଛି। କବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣ ମା' ଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ଦୋଷ ସ୍ୱୀକାର କରିବା ଏବଂ କ୍ଷମା ପ୍ରାର୍ଥନା କରିବା ପ୍ରସଙ୍ଗର ଅବତାରଣା କରାଯାଇଛି। ମହାଲକ୍ଷ୍ମୀ ନିଜ ଇଚ୍ଛାରେ ବୁଲିବା ତଥା ତଥାକଥିତ ଜାତି ବିଭାଜନର ତଳେ ଥିବା ଶ୍ରୀୟା ଚାଣ୍ଡାଳୁଣୀର ଆତିଥ୍ୟ ନେବା ତାଙ୍କୁ ବରଦାନ ଦେବା ସହିତ ପରିବାର ବ୍ୟବସ୍ଥାରେ ଏହା ଗ୍ରହଣୀୟ ହେବା ଏହା ଓଡ଼ିଶା ମାଟିରୁ ସାରା ମାନବତାକୁ ବାର୍ତ୍ତା କହିଲେ କ'ଣ ଭୁଲ୍ ହେବ କି ?

ମହାପ୍ରଭୁଙ୍କ ମାନବ ସଭ୍ୟତାକୁ ମହାବାର୍ତ୍ତାର ଆଲୋଚନା ସମୟରେ ଆଜିବି ମହାପ୍ରଭୁଙ୍କର ମହାପ୍ରସାଦରେ ସମ୍ପୂର୍ଣ୍ଣ ସ୍ୱଦେଶୀ ପଦାର୍ଥର ବ୍ୟବହାର ପରମ୍ପରା ରହିଛି। ଆଜି ବି ଆଳୁ, ଟମାଟୋ ବା ବିଲାତି ବାଇଗଣ ଆଦି ଶ୍ରୀମନ୍ଦିରରେ ବ୍ୟବହାର ହୋଇନାହିଁ। ଏହା ମାଧ୍ୟମରେ ମହାପ୍ରଭୁ ସ୍ୱଦେଶୀ ହେବାର ବାର୍ତ୍ତା ଆମମାନଙ୍କୁ ଦେଇଛନ୍ତି ବୋଲି କ'ଣ କହି ହେବ ନାହିଁ ? ଯଦି ଆମ ମହାପ୍ରଭୁଙ୍କ ସେବାରେ କୌଣସି ବିଦେଶୀ ବସ୍ତୁ ଓ ସାମଗ୍ରୀ ଲାଗୁ ନାହିଁ ତେବେ ଆମେ ଆମ ଅଞ୍ଚଳ, ରାଜ୍ୟ ଓ ଦେଶର ପ୍ରସ୍ତୁତ ସାମଗ୍ରୀ ବ୍ୟବହାର କରି ଆମର ସ୍ଥାନୀୟ ଅର୍ଥନୀତିକୁ ମଜଭୁତ କରିବାରେ କ'ଣ ସହାୟକ ହୋଇପାରିବା ନାହିଁ ?

ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଆଜିର ଆମର ଏହି ଶ୍ରୀମନ୍ଦିର ଆଜିବି ଭାସ୍କର୍ଯ୍ୟ ଦୃଷ୍ଟିରୁ ଦୃଢ଼ ହୋଇଛି। ବିଶେଷଜ୍ଞମାନେ ଯେତେବେଳେ ଶ୍ରୀମନ୍ଦିରର ସ୍ଥାୟିତ୍ୱ ଓ ସୁରକ୍ଷା ନେଇ ସ୍ଥିତିକୁ ଆକଳନ କରୁଛନ୍ତି ୮୦୦-୯୦୦ ବର୍ଷର ପୁରୁଣା ଏହି ମନ୍ଦିରର ସ୍ଥାପତ୍ୟରେ ଆଶ୍ଚର୍ଯ୍ୟାନ୍ୱିତ ହେଉଛନ୍ତି। ହଜାର ବର୍ଷ ପୂର୍ବେ ଏହି ଜାତିର ନିର୍ମାଣ କ୍ଷେତ୍ରରେ ଥିବା ବୈଜ୍ଞାନିକ ଆଧାରର ଏହା ପ୍ରମାଣ ନୁହେଁ ତ ଆଉ କ'ଣ ?

ଏହି ଜାତିର ଯୁବପିଢ଼ି ଦିନେ ସାଧବ ପୁଅ ନାଁରେ ପୂରା ଦକ୍ଷିଣ-ପୂର୍ବ ଏସିଆ ଦେଶ ସମୂହରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲେ। ଏ ସବୁର ଐତିହାସିକ ପୃଷ୍ଠଭୂମି ଉପରେ ଠିଆହୋଇ ଆମେ ଆତ୍ମବିଶ୍ୱାସର ସହ ପୁଣିଥରେ ବିଶ୍ୱବିଜୟ ପାଇଁ ବାହାରିବାର ସମୟ ଆସିଛି। ଆମ ଲକ୍ଷ୍ୟ ସାଧନ ପାଇଁ ଦୃଢ଼ ସଂକଳ୍ପର ସହ ଆଗେଇ ଚାଲିବାର ବେଳ ଆସିଛି।

କେତେଦିନ ଆମେ ଅନ୍ୟ ଉପରେ ଦୋଷ ଦେଇ ଆମ ଦାୟିତ୍ୱରୁ ମୁହଁ ଲୁଚାଇବା। ଆମେ ପିଲାଦିନୁ ଶୁଣି ଆସୁଛୁ ଆମ ରାଜ୍ୟ ପ୍ରାଚୁର୍ଯ୍ୟରେ ଭରପୂର ମାତ୍ର ଆମ ରାଜ୍ୟର ଜନତା ଗରିବ। ରାଜ୍ୟ ଧନୀ କିନ୍ତୁ ଜନତା ଗରିବ। ଆମ ମହାପ୍ରଭୁ ଆମକୁ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଙ୍ଗଲ ସମ୍ପଦ, ଜଳସମ୍ପଦ, ପରିଶ୍ରମୀ ଏବଂ ବୁଦ୍ଧିମାନ ମାନବ ସମ୍ବଳ ଦେଇଛନ୍ତି।

ଆମର ଅମାପ ସମ୍ପଦ ଆମକୁ ଗରିବୀରୁ ବାହାର କରି ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଗୋଟିଏ ଆଗୁଆ ଭୂଖଣ୍ଡ ଭାବରେ ଗଢ଼ିତୋଳିବାର ସମ୍ଭାବନା ଓ ସୁଯୋଗ ସୃଷ୍ଟି କରୁଛି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ ନୁହନ୍ତି। ତାଙ୍କର ପୂର୍ବୋଦୟର ପରିକଳ୍ପନାର କେନ୍ଦ୍ରବିନ୍ଦୁ ହେଉଛି ଓଡ଼ିଶା । ବିକାଶର ଅନେକ ମାପଦଣ୍ଡରେ ଆମ ରାଜ୍ୟ ଓଡ଼ିଶା ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ପଛରେ ଥାଇପାରେ। ମାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ରାଜ୍ୟରେ ଯେତିକି ସମ୍ଭାବନା ଓ ସୁଯୋଗ ଦେଇଛନ୍ତି ତାହା ଆମ କାହା ପାଖରେ ନାହିଁ।

ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ମହିଳା, କୃଷକ, ଯୁବକ ଓ ଗରିବଙ୍କ ଦ୍ରୁତ ବିକାଶ ପାଇଁ ସମୟବଦ୍ଧ ଭାବରେ ଯୋଜନା କାର୍ଯ୍ୟକାରୀ କରି ସେମାନଙ୍କ ଜୀବନ ମାନରେ ତୁରନ୍ତ ପରିବର୍ତ୍ତନ ଆଣିବା ପାଇଁ ମୁଁ ମୋ ସରକାରର ସଂକଳ୍ପ ଦୋହରାଉଛି। ଆଦିବାସୀ, ଦଳିତ, ଅନ୍ୟାନ୍ୟ ପଛୁଆବର୍ଗ, ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳର ବାସିନ୍ଦା ଆମ ଶାସନ ବ୍ୟବସ୍ଥାରେ ବିକାଶର ପ୍ରଥମ ହକ୍‌ଦାର। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ଆମ ଶାସନ ବ୍ୟବସ୍ଥାର ମୂଳମନ୍ତ୍ର।

ଆଜି ପବିତ୍ର ଶ୍ରୀଗୁଣ୍ଡିଚାରେ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରୁଛି। ଓଡ଼ିଆ ଜାତିକୁ ପୁଣିଥରେ ତା'ର ହୃତଗୌରବ ଫେରାଇ ଆଣିବା ପାଇଁ ନୂଆପିଢ଼ି ମନରେ ଉତ୍ସାହ, ସଂଘର୍ଷ ଓ ସଫଳ ହେବାର ଜିଦ୍ ଭରି ଦିଅନ୍ତୁ ଏତିକି ପ୍ରାର୍ଥନା।

**ଜୟ ଜଗନ୍ନାଥ**



# ପ୍ରକୃତିର ଅନୁବନ୍ଧ ସ୍ମୃତିବନ

ମୀନାକ୍ଷୀ ଦ୍ୱିବେଦୀ

ସ୍ମୃତିବନ ଗୋଟିଏ ସାଧାରଣ ଉଦ୍ୟାନ ନୁହେଁ, ଏହା ହେଉଛି ସ୍ମୃତିର ଉପସ୍ଥାନ, ଯାହା ପ୍ରେମ, ସମ୍ମାନ ଓ ପ୍ରକୃତି ସେବାକୁ ଏକତ୍ର କରିଥାଏ। ଏହା ପ୍ରାକୃତିକ ଶୃଙ୍ଗାର ମଧ୍ୟରେ ଏକ ଦୃଢ଼ ସମ୍ପର୍କ ବିକାଶକରି ଲୋକଙ୍କୁ ତାଙ୍କ ପ୍ରିୟ ଲୋକଙ୍କ ସ୍ମୃତି ସହ ନିଜକୁ ଏକତ୍ର କରିବାର ସୁଯୋଗ ଦିଏ।

ଗୋଟେ ଗଛ ରୋପଣକଲେ କିଛି ମାସ ଧରି ତାହା ଉପରେ ଦୃଷ୍ଟିରଖିବା ସାଧାରଣ ଘଟଣା। କିନ୍ତୁ ଗୋଟିଏ ସ୍ମୃତି ଆଧାରିତ ଗଛ ଯେତେବେଳେ ତୁମ ସ୍ନେହର ଅନୁଭୂତି ଭରି ବଢ଼ିଥାଏ, ତାହା ହୁଏ ଏକ ଜୀବନ ଶିକ୍ଷା। ସ୍ମୃତିବନ, ଭୁବନେଶ୍ୱରର ଏକ ଅଦ୍ଭୁତ ପ୍ରୟାସ ଯେଉଁଠାରେ ଲୋକେ ତାଙ୍କ ଜୀବନର ଗଭୀର ସ୍ମୃତିକୁ ଗଛ ରୂପେ ରୋପଣ କରନ୍ତି। ଏହା କେବଳ ଗଛ ଲଗାଯାଇଥିବା ଏକ ଜାଗା ନୁହେଁ, ଏହା ହେଉଛି ଅନେକ ସ୍ମୃତି, ଆଭାସ ଓ ସମ୍ବେଦନାର ଜୀବନ୍ତ ପ୍ରତୀକ। ଏକ ନୀରବ ଜଙ୍ଗଲ ମଧ୍ୟରେ ଯେଉଁଠି ଲୋକମାନେ ନିଜ ଅନୁଭୂତି ଆଖିର ଅଖରେ ଲେଖି ଦିଅନ୍ତି ଗଛର ଛାୟା ତଳେ ଅକ୍ଷୟ ସ୍ମୃତି, ଏହି ସ୍ମୃତିବନ ତାହାର ଜୀବନ୍ତ ଉଦାହରଣ। ମନୁଷ୍ୟ ତାଙ୍କ ପ୍ରିୟଜନଙ୍କୁ ସ୍ମୃତି ଭିତରେ ଅବିରତ ରଖିପାରିବେ ଗଛ ଲଗାଇ। ଜନ୍ମଦିନ, ବିବାହ ବାର୍ଷିକୀ, ବିଦାୟ, ବିଶେଷ ସ୍ମୃତି ଓ ସମ୍ବେଦନା ଅବସରରେ ଲୋକେ ଏଠି ଗଛ ରୋପଣ କରନ୍ତି।



ପ୍ରତ୍ୟେକ ଗଛ ତଳେ ଏକ ନାମ, ଏକ ତାରିଖ ଏବଂ ଏକ ଦୃଢ଼ ସମ୍ପର୍କ ଅଛି ,ଯାହା ପରିବାର, ମୈତ୍ରୀ, ପ୍ରେମ ବା ଅନୁଶ୍ରଦ୍ଧାର ଅଭିବ୍ୟକ୍ତି। ସ୍ମୃତିବନ କେବଳ ପରିବେଶ ସୁରକ୍ଷା ପାଇଁ ଏକ ଉଦ୍ୟମ ନୁହେଁ, ଏହା ହେଉଛି ଏକ ସଂସ୍କୃତି ଯେଉଁଥିରେ ମନୁଷ୍ୟ ପ୍ରେମ, ବିରହ ଓ ଦାୟିତ୍ୱର ଦୈନନ୍ଦିନ ଅନୁଭୂତିକୁ ପ୍ରକୃତି ମା'ଙ୍କ ପାଖରେ ଅର୍ପଣ କରନ୍ତି। ଗଛମାନେ କେବଳ ଚେର, ପତ୍ର, ଫୁଲ, ଡାଳ ଓ ଫଳରେ ସମୃଦ୍ଧ ନୁହେଁ , ଏହା ଅତୁଟ ଇଚ୍ଛାଶକ୍ତି, ଭାଗ୍ୟର ଅନ୍ତର୍ଗତ ସଂଘର୍ଷ ଏବଂ ସ୍ନେହ ଓ ବିରହର ଏକ ଆତ୍ମୀୟ ଭାଷା। ଯେଉଁପରି ଏକ ଦୀର୍ଘ ଚିଠି ପଢ଼ିବା ବେଳେ ହୃଦୟ ଭିଜିଯାଏ, ସେପରି ଏଠି ଥିବା ପ୍ରତ୍ୟେକ ଗଛ ଏକ ଅଦୃଶ୍ୟ ଉପନ୍ୟାସର ଅଧ୍ୟାୟ।

ସ୍ମୃତି ଏକ ମାନବ ଚେତନାର ଅବିନାଶୀ ଅଂଶ, ଯାହା ଜୀବନର ସାରଗର୍ଭ ଅନୁଭୂତିକୁ ଆଜି ଓ କାଲି ସହ ଜଡ଼ିତ ରଖେ। ଏହି ମୂଲ୍ୟବାନ୍ ଅନୁଭୂତିକୁ ଅମର କରିବା ଏବଂ ନିଜ ପ୍ରିୟଜନଙ୍କୁ ସ୍ମରଣକରିବା ଦୃଢ଼ ଉଦ୍ଦେଶ୍ୟରେ ୨୦୧୦ରେ ଓଡ଼ିଶା ସରକାର ଓ ବନ ବିଭାଗ ଏକ ସବୁଜ ପ୍ରୟାସ ଆରମ୍ଭ କରିଥିଲେ, ଯାହାର ଅଂଶ ସ୍ୱରୂପ ଲୋକମାନେ ସେମାନଙ୍କ ପ୍ରିୟଜନଙ୍କ ସ୍ମୃତିରେ ଚାରା ରୋପଣ କରିପାରିବେ। ଏଥିପାଇଁ ସହର ଉପକଣ୍ଠରେ ୭୫ ଏକର କ୍ଷେତ୍ର ନିର୍ଣ୍ଣୟ କରାଯାଇଥିଲା। ସ୍ମାରକୀ ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ସହ ବନ ବିଭାଗ ସେହି ଜମିରେ ଏକ ସୁନ୍ଦର ଉଦ୍ଭିଦ ଉଦ୍ୟାନ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ଏହାକୁ ଦୁଇଟି ଭାଗ କରାଯାଇଛି- ସ୍ମୃତି ବାଟିକା ଓ ଶ୍ରଦ୍ଧା ବାଟିକା । ଜଣେ ବ୍ୟକ୍ତି ନିଜର ପରଲୋକଗତ ପ୍ରିୟଜନଙ୍କ ସ୍ମୃତିରେ ସ୍ମୃତି ବାଟିକାରେ ଗଛ ଲଗାଇପାରିବେ। ସେହିଭଳି ନିଜର କୌଣସି ସ୍ମରଣୀୟ ଦିନକୁ (ଯଥା ନିଜର ବା ପ୍ରିୟଜନଙ୍କ ଜନ୍ମଦିନ, ବିବାହ ବାର୍ଷିକୀ, କାର୍ଯ୍ୟାଳୟ ପ୍ରତିଷ୍ଠା ଦିବସ ବା ସେହିଭଳି କୌଣସି ସ୍ମରଣୀୟ ଦିନ) ଅଧିକ ସ୍ମରଣୀୟ କରିବା ପାଇଁ ଶ୍ରଦ୍ଧା ବାଟିକାରେ ଗଛ ଲଗାଇପାରିବେ।

ସ୍ମୃତିବନରେ ଆପଣ ନିଜ ମନଇଚ୍ଛା ଯେ କୌଣସି ଗଛ ଲଗାଇପାରିବେ ନାହିଁ। ବନର ସୌନ୍ଦର୍ଯ୍ୟ ରକ୍ଷା ତଥା ସନ୍ତୁଳନ ଓ ସମତା ରକ୍ଷା ପାଇଁ ମାତ୍ର ୪ଟି ଗଛ ଲଗାଇବାର ବ୍ୟବସ୍ଥା ରହିଛି- ଅଶୋକ, ନିମ୍ବ, ରକ୍ତଚନ୍ଦନ ଏବଂ ବଉଳ। ସ୍ମୃତିବନ ମଧ୍ୟରେ ୧୧୫୦ଟି ଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଯାବତ୍ ୫୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଯାଇଛି। ଯଦି ଆପଣ ସତରେ ନିଜର ପ୍ରିୟଜନଙ୍କ ସ୍ମୃତିକୁ ଏଭଳି ଅଭିନବ ଢଙ୍ଗରେ ସ୍ମରଣୀୟ କରି ରଖିବାକୁ ଚାହୁଁଛନ୍ତି, ସ୍ଥାନ ପୂରଣ ହେବା ପୂର୍ବରୁ ଯଥାଶୀଘ୍ର ଯାଇ ସ୍ମୃତିବନରେ ଚାରାଟିଏ ରୋପଣ କରିପାରନ୍ତି।

ସମୟ ସହ ଏହି ସ୍ଥାନଟି ଏକ ସୁନ୍ଦର ଭୂଦୃଶ୍ୟ ପାର୍କରେ ରୂପାନ୍ତରିତ ହୋଇଛି। ପ୍ରତ୍ୟେକ ଗଛ ଏଠି ଏକ ଗପ କୁହେ, ଏକ ସ୍ମୃତି ରଖେ ଏବଂ ଏକ ଆଶା ଦିଏ। ''ମୁଁ ଅଛି, ମୁଁ ତୁମକୁ ମନେରଖିଛି। ତୁମେ ହେବ ମୋର ଛାୟା ତଳେ ବଢୁଥିବା ଜୀବନ। ମୋ ପତ୍ରରେ ପ୍ରେମ ଅଛି, ଡାଳିରେ ଦୟା ଓ ମୂଳ ମଧ୍ୟରେ ଅଛି ସ୍ମୃତି।'' ସ୍ମୃତିବନ ଆମକୁ ଶିଖାଏ ଯାହା ଚାଲିଯାଏ, ସେ ସଦା ଅନୁପସ୍ଥିତ ନୁହେଁ, ସେ ଏକ ଗଛ ରୂପେ ବଞ୍ଚିପାରେ। ଯେଉଁ ଆଘାତ ତୁମକୁ ଭାଙ୍ଗିଦେଉଛି, ତାହାକୁ ଏକ ନୂଆ ଜୀବନ ମୂଳ ଗଢ଼ିପାରେ।

ଗଛ ଏକ ପ୍ରତୀକ ହେବା ସହ ସେ ଦିନକୁ ଦିନ ବୃଦ୍ଧି ପାଇ ଅନୁଗାମୀ ପିଢ଼ିକୁ ମଧ୍ୟ ସୃଜନଶୀଳ ପରିବେଶ ଦିଏ। ଏହି ପ୍ରକଳ୍ପ ନା କେବଳ ଏକ ସୃଜନାତ୍ମକ ଧାରଣା, ବରଂ ଏହା ଏକ ନୂଆ ସାଂସ୍କୃତିକ ପରିବର୍ତ୍ତନର ଚିହ୍ନ ମଧ୍ୟ। ସ୍ମୃତିବନ ହେଉଛି ଗଛ ରୂପରେ ମନର ଶାନ୍ତି, ମୃତ୍ୟୁରେ ମଧ୍ୟ ଜୀବନ ଖୋଜିବା ଏକ ଶୁଭ ଚେଷ୍ଟା। ଆସନ୍ତୁ, ଆମେ ମଧ୍ୟ ଗଛ ଲଗାଇ ନିଜ ସ୍ନେହ ଓ ଦୟାକୁ ପୃଥିବୀ ସହ ବାନ୍ଧିବା।

**ଗୁରୁଗ୍ରାମ, ମୋ:୭୯୭୮୦୮୨୮୩୪**

## ଏଇ ଭାରତରେ

ଡ୍ରାଗନ ଫ୍ରୁଟ୍ସ ଚାଷରୁ ବର୍ଷକୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଉତ୍ତରପ୍ରଦେଶର ଅନସୁଲ ମିଶ୍ର। ବହୁ ବର୍ଷ ଧରି ଚାଷ ହେଉ ନ ଥିବା ତାଙ୍କ ପୈତୃକ ଜମିରେ ଏହି ଚାଷ କରି ସେ ଏଭଳି ସଫଳତା ପାଇଛନ୍ତି। ଅନସୁଲ ଚେନ୍ନାଇରେ ଇଞ୍ଜିନିୟରିଂ ପଢ଼ା ଶେଷ କରି ଚାକିରି ନ କରି ତାଙ୍କ ଗାଁ ଚିଲାଓ୍ୱାକୁ ଫେରି ଏହି ଚାଷ କରିବାକୁ ଯୋଜନା କରିଥିଲେ। ମହାରାଷ୍ଟ୍ର ସୋଲାପୁର ଜିଲାରୁ ୧୬୦୦ ଚାରା ସଂଗ୍ରହ କରି ପ୍ରଥମେ ଏକ ଏକର ଜମିରେ ଲଗାଇଥିଲେ ଓ ୧୮ ମାସ ପରେ ୨୦୨୦ରେ ପ୍ରଥମ ଡ୍ରାଗନ ଫ୍ରୁଟ୍ସ ଉତ୍ପାଦନ କରିଥିଲେ। ୬ ବର୍ଷ ମଧ୍ୟରେ ୪ ଏକରକୁ ଚାଷ ବଢ଼ାଇପାରିଛନ୍ତି। ଏକର ପିଛା ୨୫ରୁ ୩୦ କୁଇଣ୍ଟାଲ ଡ୍ରାଗନ ଫ୍ରୁଟ୍ସ ଉତ୍ପାଦନ କରି କିଲୋପିଛା ୨୫୦ ଟଙ୍କାରେ ବିକ୍ରି କରୁଛନ୍ତି। ଏହା ସହ ସେ ଡ୍ରାଗନ ଫ୍ରୁଟ୍ସ ନର୍ସରି କରି ଚାରା ବିକ୍ରି କରି ଲକ୍ଷାଧିକ ଟଙ୍କା ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଜୁନ୍ ୧୯୭୬

- ଚାକିରି କରିଥିବା ଛାତ୍ରମାନଙ୍କୁ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକୁଦଗୁଡ଼ିକରେ ଅନୁମତି ଦିଆଯିବ ନାହିଁ ବୋଲି ଆନ୍ତଃବିଶ୍ୱବିଦ୍ୟାଳୟ ଭାରତୀୟ ସ୍ପୋର୍ଟ୍ସ ବୋର୍ଡ ନିଷ୍ପତ୍ତି କରିଛନ୍ତି।
- ଆସାମ ମୁଖ୍ୟମନ୍ତ୍ରୀ ଏସ୍.ସି. ସିହ୍ନା ୧୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ମିଥାନୋଲ ପ୍ଲାଣ୍ଟ ଉଦ୍‌ଘାଟନ କରିଛନ୍ତି।

## ଚିରନ୍ତନୀ

ଉଷର ମୃତ୍ତିକା କର୍ଷି କଲ ସ୍ୱର୍ଣ୍ଣ-
ଉତ୍ପାଦନକ୍ଷମ
ଭବିଷ୍ୟର ଆଗନ୍ତୁକ ପାଇଁ ତାହା
କରିଲ ସୁଗମ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 9 | | | 5 | | |
| | | | 3 | 1 | | | 7 | 8 |
| | | | | | | 9 | 6 | |
| | 4 | | | | | | 2 | |
| 8 | | | | | 6 | | | |
| | | 6 | | 4 | | | | |
| 3 | 7 | | | 2 | 4 | | | |
| | 8 | | | | | | | 3 |
| | | | | 5 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 6 | 8 | 9 | 1 | 3 | 7 | 5 |
| 7 | 8 | 1 | 3 | 5 | 4 | 2 | 9 | 6 |
| 9 | 5 | 3 | 6 | 7 | 2 | 1 | 8 | 4 |
| 8 | 9 | 2 | 1 | 3 | 5 | 6 | 4 | 7 |
| 3 | 1 | 5 | 4 | 6 | 7 | 8 | 2 | 9 |
| 4 | 6 | 7 | 9 | 2 | 8 | 5 | 1 | 3 |
| 6 | 2 | 9 | 7 | 8 | 3 | 4 | 5 | 1 |
| 1 | 7 | 8 | 5 | 4 | 6 | 9 | 3 | 2 |
| 5 | 3 | 4 | 2 | 1 | 9 | 7 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜାତୀୟ ସୁରକ୍ଷା ଆଇନ କଠୋର ହେଉ

ମହାଶୟ,

ରାଜ୍ୟର ବିଭିନ୍ନ ସମ୍ବାଦପତ୍ରରେ ଚାଞ୍ଚଲ୍ୟ ସୃଷ୍ଟିକରୁଥିବା ଖବର ପ୍ରକାଶ ପାଉଛି । ଦୁଃଖଦ ଘଟଣା। ସୁରକ୍ଷା କର୍ମୀମାନେ ସୁରକ୍ଷାର ଘୋର ଅଭାବରୁ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶେଷ କଥା ଜଙ୍ଗଲ, ବନ୍ୟଜନ୍ତୁଙ୍କ ସୁରକ୍ଷାରେ ପ୍ରଥମତଃ ଆମର ଗୁପ୍ତ ଗୋଇନ୍ଦା ବିଭାଗର ଅପାରଗତା ଦାୟୀ । ଜାତୀୟ ସମ୍ପତ୍ତି ସୁରକ୍ଷା ପାଇଁ ସମସ୍ତ ରେକର୍ଡ, କାଇଦା କଟକଣାକୁ ଗୁପ୍ତ ରଖାଯାଉ। ଜାତୀୟ ସୁରକ୍ଷା ଆଇନକୁ କଠୋର କରାଯାଉ । ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-145

# ରଥଯାତ୍ରା ୨୦୨୫ ପାଇଁ ଟ୍ରାଫିକ୍ ନିୟମାବଳୀ

## ନିୟମିତ ଯାତ୍ରୀବାହୀ ସେବା

- ତାଳବଣି ଆ ପଟୁ ଆସୁଥିବା ଅଟୋଗୁଡିକ ୱାଟରୱାର୍କସ୍ ରୋଡ, ଓଡିଶା ବେକେରୀ ଓ ରାମ ମନ୍ଦିର ଦେଇ ଘୋଡା ବଜାର ପର୍ଯ୍ୟନ୍ତ ଆସିପାରିବେ। ଫେରିଲାବେଳେ ରାମ ମନ୍ଦିର, ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ବାଟ ଦେଇ ପ୍ରସ୍ଥାନ ନ କରିବେ।
- ମାଳତୀପାଟପୁର ପଟୁ ଆସୁଥିବା ଅଟୋଗୁଡିକ ବାଟଗାଁ ଛକ ଦେଇ ଅଠରନଳା ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।
- ବ୍ରହ୍ମଗିରି ପଟୁ ଆସୁଥିବା ଅଟୋଗୁଡିକ ମଙ୍ଗଳାଘାଟ ଛକ ଦେଇ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଆସିପାରିବେ। ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।




## ପର୍ଯ୍ୟଟକ ବସ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ ଗୁଡିକ ଫ୍ଲୋରିଶ ଇଣ୍ଡିଆ ପାର୍କିଂ ଠାରେ ରହଣି କରିବେ।




ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ ଗୁଡିକ ମାଳତିପାଟପୁର ବସଷ୍ଟାଣ୍ଡ ଠାରେ ରହଣି କରିବେ।




କୋଣାର୍କ ପଟୁ ଆସୁଥିବା ସମସ୍ତ ପର୍ଯ୍ୟଟକ ଯାତ୍ରୀବାହୀ ବସ ଗୁଡିକ ସ୍ୱାମୀ ନାରାୟଣ ମନ୍ଦିର ଠାରେ ରହଣି କରିବେ।

## ଚାରିଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଷ୍ଟର୍ଲିଂ ଛକ ପର୍ଯ୍ୟନ୍ତ ଯିବେ ଓ ସେଠାରେ ନିର୍ଦ୍ଧାରିତ ହୋଇଥିବା ଯାନ ରହଣି ସ୍ଥଳ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।




ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡିକ ମାଳତିପାଟପୁର ବ୍ରିଜ, ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡିକୁ ରଖିବେ। ପୁଣି ସେଠାରୁ ପିକେଆରଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁଦାନ ଛକ, ଗ୍ରୀଡ ଷ୍ଟେସନ୍ ଛକ, ବାଲିଘାଟ ଛକ, ସମଙ୍ଗରା ଗ୍ରାମ ଦେଇ ବାଟଗାଁ ଛକ ଠାରୁ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।




କୋଣାର୍କ ପଟୁ ଆସୁଥିବା ସମସ୍ତ ହାଲୁକା ମୋଟର ଯାନଗୁଡିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ୍ ଛକ ଦେଇ ତାଳବଣିଆ ପଟେ ନିର୍ଦ୍ଧାରିତ ଯାନ ରହଣି ସ୍ଥଳ ପର୍ଯ୍ୟନ୍ତ ଯିବେ। ତାଳବଣିଆ ପଟେ ବିଧାନସଭା ଅତିଥି ଭବନ, ଶିକ୍ଷ ତାଲିମ କେନ୍ଦ୍ର, ହେଲିପ୍ୟାଡ୍, ଇଣ୍ଡୋର ଷ୍ଟାଡିଅମ, ଉଦ୍ୟାନ କୃଷି ପଡିଆ ଓ ସ୍ୱଚ୍ଛ ମାଛ ବଜାର ଠାରେ କ୍ରମାନ୍ୱୟରେ ନିଜ ନିଜର ଯାନ ଗୁଡିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

## ଦୁଇଚକିଆ ଯାନ




ବ୍ରହ୍ମଗିରି ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନ ଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ୍ ପଡିଆ ଠାରେ ନିଜ ନିଜର ଯାନ ଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, ମଙ୍ଗଳାଘାଟ ଛକ ଦେଇ ବ୍ରହ୍ମଗିରି ପାଇଁ ପ୍ରସ୍ଥାନ କରିବେ।




ଭୁବନେଶ୍ୱର ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ମଶାଣିଚଣ୍ଡୀ ଛକ, ଦେବିଘାଟ ଛକ ଦେଇ ଜଗନ୍ନାଥ ବଲ୍ଲଭ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଶାଣିଚଣ୍ଡୀ ଛକ ଠାରୁ ମାଟିତୋଟା ଖେଳ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ମାଟିତୋଟା ଖେଳ ପଡିଆ ପୂର୍ଣ୍ଣ ହୋଇଯିବା ପରେ ସମସ୍ତ ଦୁଇଚକିଆ ଯାନଗୁଡିକ ମଙ୍ଗଳାଘାଟ ଛକ ଠାରୁ ଶ୍ରୀସେତୁ ଦେଇ ମାଟିତୋଟା ହେଲିପ୍ୟାଡ ପଡିଆ ଠାରେ ନିଜ ନିଜର ଯାନଗୁଡିକୁ ରଖିବେ। ଜଗନ୍ନାଥ ବଲ୍ଲଭ ଠାରେ ରଖିଥିବା ଯାନଗୁଡିକ ନରେନ୍ଦ୍ର କୋଣ, କଟିଆ ବାବାଜୀ ଛକ, କୁମ୍ଭାରପଡା ଥାନା, ଅଠରନଳା ଓ ବାଟଗାଁ ଛକ ଦେଇ ଭୁବନେଶ୍ୱର ପାଇଁ ପ୍ରସ୍ଥାନ କରିବେ।




କୋଣାର୍କ ପଟୁ ଆସୁଥିବା ସମସ୍ତ ଦୁଇଚକିଆ ଯାନ ଗୁଡିକ ବାଇଦାସ ନଗର ଛକ, ଗ୍ରୀଡ ଷ୍ଟେସନ ଛକ, ପେଣ୍ଠକଟା ଛକ, ସୁବାଷ ବୋସ ଛକ ଦେଇ ବ୍ଲୁ ଫ୍ଲାଗ ବେଳାଭୂମି ଓ ନୀଳାଚଳ ଅଶୋକ ଠାରେ ନିଜ ନିଜର ଯାନ ଗୁଡିକୁ ରଖିବେ। ପୁଣି ସେଠାରୁ ସେହି ସମାନ ବାଟ ଦେଇ ପ୍ରସ୍ଥାନ କରିବେ।

OIPR-15003/13/0004/2526

**Any one requiring any assistance 24x7 Puri Police help line number- 6370967100**

SPPuri1 SPPuri SPPuri

### ଗଞ୍ଜେଇ ଜବତ ମାମଲା, ଅଭିଯୁକ୍ତ ଖଲାସ

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ଏଡିଜେ କୋର୍ଟ ଗୁରୁବାର ଗଞ୍ଜେଇ ଜବତ ମାମଲାର ଶୁଣାଣିକରି ରାଜୁ ମାଝିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏଡିଜେ ଦେବଦତ୍ତ ପଟ୍ଟନାୟକ ଏହି ରାୟ ଶୁଣାଇଥିବା ତାଙ୍କ ଓକିଲ ଭାଗିରଥି ବାଙ୍ଗାରି ସୂଚନା ଦେଇଛନ୍ତି। ୨୦୨୦ ସେପ୍ଟେମ୍ବର ୧୭ରେ ପଦ୍ମପୁର ପୋଲିସ ମେରେଣ୍ଡା ଗ୍ରାମର ଏକ କୁଡିଆରେ ଚଢ଼ାଉ କରି ୫୦୭ କେଜି ଗଞ୍ଜେଇ ଜବତ କରିଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ରାଜୁ ମାଝି ଫେରାର ହୋଇଯାଇଥିଲେ। ୨୦୨୦ରେ ପୋଲିସ ରାଜୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ରାଜୁଙ୍କ ପାଇଁ ଭାଗୀରଥି ବାଙ୍ଗାରି ଏବଂ ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ସେନାପତି ମାମଲା ପରିଚାଳନା କରୁଥିଲେ।

## ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଖଲାସ

**ଗୁଣପୁର,୨୬ା୬ (ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟ ଗୁରୁବାର ସ୍ତ୍ରୀ ହତ୍ୟା ମାମଲାର ଶୁଣାଣିକରି ଅଭିଯୁକ୍ତ ସ୍ୱାମୀ ସୁରେନ୍ଦ୍ର ଶବରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ପ୍ରମାଣ ଅଭାବରୁ ଏଡିଜେ ଦେବଦତ୍ତ ପଟ୍ଟନାୟକ ସୁରେନ୍ଦ୍ରଙ୍କୁ ଖଲାସ କରିଥିବା ଓକିଲ ଭାଗୀରଥି ବାଙ୍ଗାରି ସୂଚନାଦେଇଛନ୍ତି। ଚିନାସାରି ଗ୍ରାମର ସୁରେନ୍ଦ୍ର ଗୁଣପୁରର ଗୌରୀ ବାଉରିଙ୍କୁ ବିବାହ କରିଥିଲେ। ୨୦୨୧ ଏପ୍ରିଲ ୫ ରେ ଗୌରୀ ତାଙ୍କ ସ୍ୱାମୀଙ୍କ ପାଖକୁ ଯିବେ ବୋଲି କହି ଚିନାସାରିକୁ ଯାଇଥିଲେ । ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶେଷରେ ୨୦୨୧ ଏପ୍ରିଲ ୧୨ରେ ଗୌରୀଙ୍କ ମା' ମହାକାଳ ବାଉରି ଗୁଣପୁର ଥାନାରେ ତାଙ୍କ ଝିଅ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ଗୌରୀଙ୍କ ଭଉଣୀ ସତ୍ୟ ବାଉରି ତାଙ୍କ ଭଉଣୀଙ୍କୁ ସୁରେନ୍ଦ୍ର ହତ୍ୟା କରିଥିବା ନେଇ ୨୦୨୧ ଏପ୍ରିଲ ୧୬ରେ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୪୯୮(କ), ୩୦୨ ଏବଂ ୨୦୧ ଆଇପିସିରେ ସୁରେନ୍ଦ୍ରଙ୍କ ନାଁରେ ମାମଲା ରୁଜୁ କରିଥିଲା। ପୋଲିସ ସୁରେନ୍ଦ୍ରଙ୍କୁ ଥାନାରେ ପଚରାଉଚରା କରିବା ପରେ ସେ ଦୋଷ ମାନିବା ସହ କୁରୁଗୁଡା ଛକଠାରେ ଥିବା ଏକ ବୁଦାମୂଳେ ମୃତଦେହ ଫିଙ୍ଗିଥିବା ପୋଲିସକୁ ଦେଖାଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫକରି ଗୁଣପୁର କୋର୍ଟକୁ ଚାଲାଣ କରିଥିଲେ । ଗିରଫ ପରଠାରୁ ସେ ଗୁଣପୁର ଜେଲ ହାଜତରେ ରହି ଆସୁଥିଲେ । ସୁରେନ୍ଦ୍ରଙ୍କ ପାଇଁ ଷ୍ଟେଟ ଡିଫେନ୍ସ ଭାବରେ ଭାଗୀରଥି ବାଙ୍ଗାରି ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ସାହୁ ମାମଲା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ସୁରେନ୍ଦ୍ର ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କର ଜାମିନ ନାକଚ ହୋଇଥିଲା।

# ବ୍ୟାପିଲାଣି ଝାଡ଼ାବାନ୍ତି, ୪ ଆକ୍ରାନ୍ତ

**ରାୟଗଡ଼ା,୨୬ା୬(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡା ଜିଲାକୁ ଡାଇରିଆ, ମ୍ୟାଲେରିଆ ଓ ଡିପଥେରିଆ ରୋଗ ପିଛା ଛାଡୁନି। ଏବେ ବର୍ଷା ଲାଗି ରହିଥିବାବେଳେ ଜିଲାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ବୁଧବାର ୯ଜଣ ରୋଗୀ ଝାଡ଼ାବାନ୍ତରେ ଆକ୍ରାନ୍ତ ହୋଇ ମେଡ଼ିକାଲରେ ଚିକିତ୍ସା ହୋଇ ଫେରିଥିବା ବେଳେ ଗୁରୁବାର ଗୋଟିଏ ପରିବାରର ୪ଜଣଙ୍କ ସମେତ ମୋଟ ୫ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ଚାନ୍ଦିଲି ଥାନା ଅର୍ନ୍ତଗତ କୁଲି ପଞ୍ଚାୟତର ମନ୍ତରଖୋଲା ଗ୍ରାମର ଇଶାରାଓ ମାଣ୍ଡାଙ୍ଗି, କାମେ ମାଣ୍ଡାଙ୍ଗି, ସିଲାଇ ସାରକା ଓ ଅନି ପ୍ରାସକା । ସେମାନଙ୍କୁ ଜ୍ୱର ସହିତ ଝାଡ଼ା ହେଉଥିବା ସୂଚନା ମିଳିଛି।

ଚଳିତ ମାସରେ ଅଦ୍ୟାବଧି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିବା ଜଣାପଡ଼ିଛି । ତେଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ବିଶେଷ ଧ୍ୟାନ ଦେବା ସହିତ ରାଜ୍ୟ ସରକାର ତୁରନ୍ତ ଜିଲାରେ ଖାଲି ଥିବା ଡାକ୍ତର, ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ପୂରଣ କରିବା ଆବଶ୍ୟକ ବୋଲି ଜିଲାବାସୀ ଦାବି କରିଛନ୍ତି । ରୋଗ ଯେଭଳି ସଂକ୍ରମିତ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଗତ ଦିନରେ ଜିଲାପାଳ ପାରୁଲ ପଟାୱରି ଜିଲାସ୍ତରୀୟ ବୈଠକ କରି ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।


ଆକ୍ରାନ୍ତମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।


ରାୟଗଡା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନବ ଯୌବନ ବେଶ । ( ଫଟୋ – ଭାଗ୍ୟଶ୍ରୀ ମିଶ୍ର)

## ସାର ହେରଫେର ନେଇ ଅଭିଯୋଗକଲେ ବିଧାୟକ

**ରାୟଗଡ଼ା,୨୬ା୬(ଆଶିଷ ରଞ୍ଜନ ପଣ୍ଡା)**

ଚାଷୀଙ୍କ ପାଇଁ ଆବଶ୍ୟକୀୟ ଏଚୟୁଆରଏଲ ୟୁରିଆ ସାର ମାର୍କଫେଡ଼ ସଂସ୍ଥା ହେରଫେର କରିଥିବା ନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଗୁରୁବାର ଉପଜିଲାପାଳ ରମେଶ କୁମାର ଜେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମାର୍କଫେଡ଼କୁ ଆସିଥିବା ୬୦୪ ମେଟ୍ରିକ ଟନ୍ ସାର (୧୩୪୨୯ ବସ୍ତା) ଚାଷୀଙ୍କୁ ସବସିଡ଼ି ଦରରେ ଯୋଗାଇବା ବଦଳରେ ମାର୍କଫେଡ଼ ସଂସ୍ଥା ତାକୁ ଦଲାଲ ହାତକୁ ଟେକି ଦେଇଛି ବୋଲି ବିଧାୟକ କାଡ୍ରାକା କହିଛନ୍ତି। ବିଧାୟକ କାଡ୍ରାକାଙ୍କ ସୂଚନା ଅନୁସାରେ, ମାର୍କଫେଡ଼ ସଂସ୍ଥାକୁ ଆସିଥିବା ୬୦୪ ମେଟ୍ରିକ ଟନ୍ ୟୁରିଆ ସାର ଜିଲାର ସମସ୍ତ ବ୍ଲକରେ ରହିଥିବା ଲ୍ୟାମ୍ପସକୁ ଦେଇଥିବା ସଂସ୍ଥାର ମ୍ୟାନେଜର କହୁଛନ୍ତି । ହେଲେ ଉକ୍ତ ସାର କୌଣସି ଲ୍ୟାମ୍ପସ ଏବଂ ଚାଷୀଙ୍କୁ ଦିଆ ନ ଯାଇ ସଂସ୍ଥାର ମ୍ୟାନେଜର ବାହାରେ ବିକ୍ରି କରି ଦେଇଛନ୍ତି । ତେବେ ଏ ସମ୍ପର୍କରେ ମ୍ୟାନେଜର ରଶ୍ମିରଞ୍ଜନ ରାୟଙ୍କୁ ପଚାରିବାରୁ ସମସ୍ତ ଲ୍ୟାମ୍ପସକୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସାର ପ୍ରଦାନ କରାଯାଇଛି। ବଳକା ସାର ମାର୍କଫେଡ଼ର ଗୋଦାମରେ ସ୍ଥାନ ଅଭାବ ଯୋଗୁ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରଙ୍କୁ ଅନୁରୋଧ କରାଯାଇ ସେଠାରେ ରଖାଯାଇଛି ବୋଲି କହିଛନ୍ତି। ତେବେ ତଦନ୍ତ ହେଲେ ପ୍ରକୃତ ଘଟଣାକୁ ସାମ୍ନାକୁ ଆସିବ ବୋଲି ବିଧାୟକ କାଡ୍ରାକା କହିଛନ୍ତି ।

## ଆନ୍ତର୍ଜାତିକ ନିଶାଦ୍ରବ୍ୟ ସେବନ ନିରୋଧୀ ଦିବସ


ରାୟଗଡ଼ାରେ ଆୟୋଜିକ କାର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

**ରାୟଗଡା/ଗୁଣପୁର,୨୬ା୬ (ଆଶିଷ ରଞ୍ଜନ ପଣ୍ଡା/ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ସଂସ୍କୃତି ଭବନଠାରେ ନିଶାଦ୍ରବ୍ୟ ସେବନ ତଥା ବେଆଇନ ନିଶାଦ୍ରବ୍ୟ କାରବାର ନିରୋଧୀ ଆନ୍ତର୍ଜାତିକ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶିଷ୍ଟ ଶିକ୍ଷାବିତ୍ ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି, ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଜିଲା ମୁଖ୍ୟ ଚିକିତ୍ସାଳୟର ମନସ୍ତତ୍ତ୍ୱବିତ୍ ରାକେଶ ରଞ୍ଜନ ପାଢ଼ୀ ଓ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ସଚେତନତା ରାଲିକୁ ଏସ୍‌ପି ସାଥୀ. ଏସ୍. କୁମାର ଓ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ।

ସେହିପରି ଗୁଣପୁର କଲେଜରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଜେ ଦେବଦତ୍ତ ପଟ୍ଟନାୟକ ,ସବଜଜ୍ ସୁମିତ୍ରା ସାହୁ, ଏସ୍‌ଡିଜେଏମ ବିଜୟଲକ୍ଷ୍ମୀ ମହାପାତ୍ର, ଓକିଲ ସଂଘର ସଭାପତି ଗୌରୀ ଶଙ୍କର ଦାସ, ଆଇନଜୀବୀ କୃଷ୍ଣ ଚନ୍ଦ୍ର ସେନାପତି, ମିହିର ପଟ୍ଟନାୟକ, ଆଇଆଇସି କେକେବିକେ କହଁର, ଗୁଣପୁର କଲେଜର ଭାରପ୍ରାପ୍ତ ଅଧକ୍ଷ ଡ଼. ଜବାହର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ ।

## ବିଳମ୍ବରେ ଆସିବାରୁ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ

**ଗୁଡାରି,୨୬ା୬ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଗୁରୁବାର ପୂର୍ବାହ୍ଣ ୧୦ଟା ୩୦ରେ କଦମା ଗ୍ରାମପଞ୍ଚାୟତର ସାକରବାଲୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ୨ଜଣ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ଥିବାବେଳେ ଅନ୍ୟ ଜଣେ ଶିକ୍ଷକ ୧୦ଟା ୫୫ରେ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଳମ୍ବରେ ପହଞ୍ଚିଥିବାରୁ ସମ୍ପୃକ୍ତ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କୁମ୍ଭାର ସୂଚନା ଦେଇଛନ୍ତି। ବିଇଓ କୁମ୍ଭାର କିଛି ସମୟ ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଥିଲେ। ପରେ ମରାଠୀଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗସ୍ତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଗୁଡା ରୂପାମାଝୀ ମଧ ଉପସ୍ଥିତ ଥିଲେ।










**ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ସଦରଥାନା ଅନ୍ତର୍ଗତ ନୂଆପୁଟ୍ ଗ୍ରାମ ଜଙ୍ଗଲରୁ ଏକ ଝୁଲନ୍ତା ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ୨୩ ତାରିଖରେ ପର୍ଶୁରାମ ପରଜା(୬୧) ନିଖୋଜ ଥିବା ନେଇ ତାଙ୍କ ପୁଅ ନବୀନ ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖୋଜାଖୋଜି କରିବା ପରେ ପାଖ ଜଙ୍ଗଲରେ ତାଙ୍କ ମୃତଦେହ ଝୁଲୁଥିବା ଜଣାପଡ଼ିଥିଲା। ସଦର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନିଶା ନିବାରଣ ପାଇଁ ସଚେତନତା ଜରୁରୀ

**ନବରଙ୍ଗପୁର,୨୬।୬(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଅବକାରୀ ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଗୁରୁବାର ସକାଳ ୯ଟା ୩୦ରେ ଏକ ସଚେତନ ପଦଯାତ୍ରା ଏବଂ ଗଣଦୌଡ଼ ବାହାରିଥିଲା। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ପୌରାଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ବିଶ୍ୱଜିତ ବର୍ମନ୍, ଅବକାରୀ ଅଧୀକ୍ଷକ ପ୍ରତାପ ଦାସ, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ରଙ୍କ ସହ ପୋଲିସ, ସିଆର୍‌ପିଏଫ୍ ଯବାନ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ, ଜନସାଧାରଣ ସାମିଲ ହୋଇଥିଲେ। ଶୋଭାଯାତ୍ରା ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଯାଏ ବିଭିନ୍ନ ନିଶା ନିବାରଣ ନାରା ଦେଇ ଯାଇଥିଲା। ଗଣଦୌଡ଼ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପରେ ପହଞ୍ଚିବା ପରେ ଅବକାରୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ମୁଖ୍ୟବକ୍ତା, ନବରଙ୍ଗପୁର ଶିଶୁ ପ୍ରକଳ୍ପ ଅଧିକାରୀ ମିନତି ନାୟକ, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଉଣୀ ଗୀତାଞ୍ଜଳି, ଆକାଶ ସଂସ୍ଥାରୁ ପ୍ରେମ ମହାନ୍ତି, ଜିଲା ଭିନ୍ନକ୍ଷମ ପୁନଃ ଥଇଥାନ କେନ୍ଦ୍ର ଅଧିକାରୀ ବିଭୁଦତ୍ତ ସେଠୀ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଅଧିକାରୀ ପ୍ରଭାତ ପଟ୍ଟନାୟକ, ଅବକାରୀ ଉପ ଅଧିକାରୀ ଦିଲୀପ ରଥ ମଞ୍ଚାସୀନ ଥିଲେ। ନିଶା ନିବାରଣ ପାଇଁ ସଚେତନତା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ସଭା ପରିଚାଳନା କରିଥିଲେ।

**ମିନି ମାରାଥନ ସହ ଶୋଭାଯାତ୍ରା ଓ ସଚେତନତା ସଭା**



ସଚେତନତା ଶୋଭାଯାତ୍ରାକୁ ବିଧାୟକ, ପୌରାଧ୍ୟକ୍ଷ, ଜିଲାପାଳ ଓ ଏସ୍‌ପି ଶୁଭାରମ୍ଭ କରୁଛନ୍ତି।

# କୋରାପୁଟରୁ ପୁରୀକୁ ଗଲା କଳାଜିରା ଚାଉଳ

**କୋରାପୁଟ,୨୬।୬(ଅମିତାଭ ବେହେରା)**

ନେତ୍ର ଉତ୍ସବ ଅବସରରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଓ୍ୱାସନଙ୍କ ଦ୍ୱାରା କୋଠ ଭୋଗ ଓ ଅମୃତ ଅନ୍ନ ଲାଗି ପାଇଁ ଶାବର ଶ୍ରୀକ୍ଷେତ୍ର ପ୍ରାଙ୍ଗଣରୁ ପୁରୀକୁ ଜୈବିକ କୋରାପୁଟ କଳାଜିରା ଚାଉଳର ଯୋଗାଣ ଯାତ୍ରାର ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ପୁରୀ ଶ୍ରୀମନ୍ଦିର ପ୍ରଶାସନଙ୍କ ଅନୁରୋଧରେ ପ୍ରଗତି, ଜୈବିକଶ୍ରୀ ଓ ଚିତ୍ରିଦୋରା କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ୩୨ କୁଇଣ୍ଟାଲ ଜୈବିକ କଳା ଜିରା ଚାଉଳ, ୧ କୁଇଣ୍ଟାଲ ମୁଗ ଓ ୧ କୁଇଣ୍ଟାଲ ବିରି କୋଠଭୋଗ ଉଦ୍ଦେଶ୍ୟରେ ପଠାଯାଇଛି। ଏହାଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଗୌରବ, ସଂସ୍କୃତିର ପ୍ରଚାର ଓ ଆର୍ଥିକ ବିକାଶ, ଜୈବିକ କୃଷିର ଉନ୍ନତି, ପ୍ରାକୃତିକ ସନ୍ତୁଳନର ସୁରକ୍ଷା ତଥା ସୁସ୍ଥ ଖାଦ୍ୟ ଯୋଗାଇବାରେ କୋରାପୁଟ ଜିଲାର କୃଷକ ସମାଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଜିଲାପାଳ କହିଛନ୍ତି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲା ଏସ୍‌ପି ରୋହିତ ବର୍ମା, ପ୍ରଗତି ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀ, ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭବାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ କଳାଜିରା ଚାଉଳରୁ ପ୍ରସ୍ତୁତ ଅମୃତ ଅନ୍ନର ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଖୋଲାଯାଇ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ଉପଲବ୍ଧ କରାଇବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବଡ ସୁଆର, ସୁଆର ଓ ମହାସୁଆର ନିଯୋଗ ପ୍ରତିନିଧିଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା।

# ନିଶାଦ୍ରବ୍ୟ ଅପବ୍ୟବହାର, ଚୋରା ଚାଲାଣ ନିରୋଧୀ ଦିବସ

**ମାଲକାନଗିରି,୨୬।୬ (ଦୁର୍ଯ୍ୟୋଧନ ପାତ୍ର)**

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଓ ଜିଲା ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶାଦ୍ରବ୍ୟ ଅପବ୍ୟବହାର ଓ ଚାରାଚାଲାଣ ନିରୋଧୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ଷ୍ଟାଡିୟମଠାରୁ ଡିଏନ୍‌କେ ଖେଳ ପଡ଼ିଆ ପର୍ଯ୍ୟନ୍ତ ସଚେତନତା ଗଣ ଦୌଡ଼ର ଆୟୋଜନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଅବକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା କରା ଯାଇଥିଲା। ଜିଲା ଅବକାରୀ କାର୍ଯ୍ୟାଳୟଠାରେ ଏକ କର୍ମଶାଳା କରାଯାଇଥିଲା। ଏହାକୁ ବିଚାରପତି ସଂଗୀତା ପାତ୍ର ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ନିଶା ନିବାରଣ କେନ୍ଦ୍ର ଦ୍ୱାରା ନିଶାମୁକ୍ତ ହୋଇଥିବା ୪ ଅନ୍ତେବାସୀ ଏବଂ ଦୁର୍ଗା କିନ୍ନରଙ୍କୁ ନିଶା ବିରୋଧ ପଦକ୍ଷେପ ନିମନ୍ତେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜିଲା ସିଭିଲ କୋର୍ଟ ରେଜିଷ୍ଟ୍ରାର କୈଳାସ ସାହୁ, ଅଶୋକ ପଟ୍ଟନାୟକ ଓ ସାଗର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାଙ୍ଗୁଆ ଓ ଅବକାରୀ ଅଧୀକ୍ଷକ ବିଦ୍ୟାଧର ପଣ୍ଡା ପରିଚାଳନା କରିଥିଲେ ।



ସଚେତନତା ପଦଯାତ୍ରାରେ ଯାଉଛନ୍ତି।

# ନିଶାମୁକ୍ତ ସମାଜ ଗଠନ ନେଇ ଶପଥପାଠ

**କୋରାପୁଟ/ଜୟପୁର,୨୬।୬ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଉପବିଭାଗ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ନିରୋଧ ଦିବସ ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରରେ ଗୁରୁବାର ପାଳିତ ହୋଇଯାଇଛି। ସମାଜରୁ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନକୁ ବିରୋଧ କରିବା ସହ ଏକ ନିଶା ମୁକ୍ତ ସୁସ୍ଥ ସମାଜ ଗଠନ କରିବା ଏବଂ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନିଶା ସେବନଠାରୁ ଦୂରେଇ ରଖିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାପାଳ ଭି. କୀର୍ତ୍ତି ୱାସନ ରାଲି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଚେତନତା ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ନିଶାସେବନ ନ କରିବାକୁ ଶପଥ ପାଠ କରାଇଥିଲେ। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ଏଡିପିଏର୍‌ଓ ଡ. ଶିବସାଇ ସ୍ୱରୂପ, ସ୍ୱର୍ଣ୍ଣ ବ୍ରହ୍ମ କୁମାରୀ, ଜିଲା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତପନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଥିବା ଶୋଭାଯାତ୍ରାକୁ ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ଏଥିରେ ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ,ବୈପାରିଗୁଡା ଓଆଇସି ଭଗବାନ ମହାନନ୍ଦିଆ, ନନ୍ଦପୁର ଓଆଇସି ଅନ୍ନପୂର୍ଣ୍ଣା ରଥ,ଜୟପୁର ଓଆଇସି ସୁବ୍ରତ କିଶୋରୀ ହିରଣ,ବୋରିଗୁମ୍ମା ଓଆଇସି ବିଶ୍ୱଜିତ ପାଣିଗ୍ରାହୀ ଓ କୋଟପାଡ଼ ଓଆଇସି ନୀଳାଦ୍ରି ମିଶ୍ର ଉପସ୍ଥିତ ଥିଲେ।

# ଯୁବକଙ୍କ ମୃତଦେହ ଜବତ

**କୋରାପୁଟ,୨୬।୬(ଅମିତାଭ ବେହେରା)**

କୋରାପୁଟ ସଦର ଥାନା ଅନ୍ତର୍ଗତ ଅମିନଗୁଡା ଛକ ଚିପାଗାଡ଼ ବ୍ରିଜ ତଳେ ଅଜଣା ଯୁବକଙ୍କ ମୃତଦେହ ଭାସୁଥିବା ଥିବା ବେଳେ ସଦର ପୋଲିସ ଗୁରୁବାର ଜବତ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ତାହା ଅସ୍ପଷ୍ଟ ରହିଛି। ସଦର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲକୁ ପଠାଇ ଥିବା ତଦନ୍ତ ଭାରପ୍ରାପ୍ତ ଅଧିକାରୀ ଫକିର ମୋହନ ଖରା ସୂଚନା ଦେଇଛନ୍ତି।

# ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

**ଡାବୁଗାଁ, ୨୬।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)**



ଡାବୁଗାଁ ଶ୍ରୀଜଗନ୍ନାଥ ମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରେ ଷୋଡ଼ଶ ଉପଚାରରେ ପୂଜା ସହ ଚକ୍ଷୁଦାନ କରାଯାଇଥିଲା। କର୍ତ୍ତାଭାବେ କମିଟି ଉପସଭାପତି ଜି. ଭେଙ୍କଟେଶ୍ୱର ରାଓ ସ୍ତ୍ରୀ ଜି. ନାଗଜ୍ୟୋତିଙ୍କ ସହ ହୋମ ଆଦି କରିଥିଲେ। ଆଚାର୍ଯ୍ୟ ବିକାଶ ନାହାକ ଓ ବ୍ରହ୍ମା ମନ୍ଦିରର ପୂଜକ ନବୀନ ପାଢ଼ୀଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସମ୍ପୂର୍ଣ୍ଣ ହିନ୍ଦୁ ଧାର୍ମିକ ଏବଂ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରଙ୍କ ନବଯୌବନ ଦର୍ଶନ ନୀତି ହୋଇଥିଲା। ପ୍ରଭୁଙ୍କଠାରେ ଲାଗି ହୋଇଥିବା ଭୋଗ ନୈବେଦ୍ୟକୁ କର୍ତ୍ତା ସମସ୍ତ ଭକ୍ତଙ୍କ ମଧ୍ୟରେ ବାଣ୍ଟିଥିଲେ।

# ୩ ଠାକୁରଙ୍କ ନବଯୌବନ ଦର୍ଶନ

**କୋରୁକୋଣ୍ଡା,୨୬।୬(ଶିବଦତ୍ତ ସାହୁ)**

ବାଲିମେଳା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ପକ୍ଷରୁ ରାଜା ଭାବେ ଜଳବିଦ୍ୟୁତ୍ କେନ୍ଦ୍ର ବରିଷ୍ଠ ସାଧାରଣ ପରିଚାଳକ ଦିଲୀପ କୁମାର ସ୍ୱାଇଁ ଦାୟିତ୍ୱ ତୁଲାଇବା ଲାଗି ସ୍ଥିର ହୋଇଛି। ସନ୍ଧ୍ୟା ପ୍ରାୟ ୬ ଟାରେ ମନ୍ଦିରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ହୋଇଥିଲା। ୩ ଠାକୁରଙ୍କ ଆସ୍ଥାନ ଚକା ଅପସାରଣ ପରେ ସ୍ୱାଇଁଙ୍କ ଦ୍ୱାରା ମନ୍ଦିରର ଦ୍ୱାର ଖୋଲାଯାଇ ଦର୍ଶନ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ଦିଲୀପ କୁମାର ବୋରୀ, ନଗରପାଳ ପ୍ରଦୀପ କୁମାର ନାୟକ,ନିମାଇଁ ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଅକ୍ଷୟ ବିଶ୍ୱାଳ,ଶୀତଲ କୁମାର ଟର୍ଚ୍ଚି, ସତ୍ୟଜିତ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଦୀପକ କୁମାର ସାହୁ ଓ ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୪ କଇଁଛ ଜବତ, ଜଣେ ଗିରଫ

**ମାଲକାନଗିରି,୨୬।୬(ଦୁର୍ଯ୍ୟୋଧନ ପାତ୍ର)**

କାଲିମେଳା ବନ ବିଭାଗ କର୍ମଚାରୀ ମାଙ୍ଗିପାଲୀ ଗ୍ରାମରେ କଇଁଛ ଚୋରାଚାଲାଣ ଖବର ଗୁରୁବାର ଚଢ଼ାଉ କରିଥିଲେ। ୨୪ କଇଁଛ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏମ୍‌ପିଭି ୬୩ ଗ୍ରାମର ସୁବାସ ଦେ । ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି।




DSPL-150




DSPL-148



**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ**

ବାଲେଶ୍ୱର, (ବାଞ୍ଛାନିଧି ଦେ): ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ପଦ୍ମଲୋଚନ କାମିଲାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ଗୁଣିଗାରେଡ଼ି ସନ୍ଦେହରେ ଘର ଭାଙ୍ଗିଦେଲେ

ଭଦ୍ରକ,୨୬।୬(ସନାତନ ରାଉତ)

ଗୁଣିଗାରେଡ଼ି ସନ୍ଦେହରେ ତାତିଲେ ଲୋକେ। ଗ୍ରାମବାସୀ ଏକାଠି ହୋଇ ସନ୍ଦେହ କରୁଥିବା ଗୁଣିଆଙ୍କ ଘର ଭାଙ୍ଗି ଦେଇଛନ୍ତି। ବୁଧବାର ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ରାଜପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗ୍ରାମରେ ଘଟୁଥିବା ଅଘଟଣ ପାଇଁ ଉକ୍ତ ବ୍ୟକ୍ତିଙ୍କୁ ଦାୟୀ କରି ଗ୍ରାମବାସୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗୁଣିଆ ସନ୍ଦେହରେ ଗ୍ରାମର ବାପ ପୁଅଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।



ଭାଙ୍ଗିଥିବା ଘର ନିକଟରେ ଲୋକଙ୍କ ଭିଡ଼।

ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ଉକ୍ତ ବ୍ୟକ୍ତି ୧୦ବର୍ଷ ପୂର୍ବେ ଗାଁ ମଧ୍ୟରୁ ବାହାରି ଆସି ଶ୍ମଶାନ ନିକଟସ୍ଥ ବିଲରେ ଘର କରି ବସବାସ କରୁଛନ୍ତି। ସେ ସେଠାରେ ରହିବା ପରେ କିଛିବର୍ଷ ଧରି ଗାଁର ଜଣେ ପରେ ଜଣେ ଝିଅବୋହୂ ଅସ୍ୱାଭାବିକ ବ୍ୟବହାର କରିବା ସହ ନଚାନଚି କରୁଛନ୍ତି। ସେ ରଖିଥିବା ଠାକୁରଘର ପାଖକୁ ନେବା ପରେ ସେମାନେ ଭଲ ହୋଇଯାଆନ୍ତି। ଜଣଙ୍କୁ ଛାଡ଼ିବା ପରେ ଅନ୍ୟ ଜଣଙ୍କୁ ଏମିତି ହୋଇଥାଏ। ଗତ ମଙ୍ଗଳବାର ରାତିରେ ତାଙ୍କ ଠାକୁରଘର ଭିତରୁ ଜଣେ ମହିଳା ଉଲଗ୍ନ ଅବସ୍ଥାରେ ବାହାରି ଶ୍ମଶାନକୁ ଯାଉଥିବା ଗ୍ରାମର ହରେକୃଷ୍ଣ ଯେନା ଦେଖିବା ପରେ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ସେମାନେ ଏକତ୍ର ହୋଇ ଏକ ବୈଠକ କରିଥିଲେ। ବୈଠକକୁ ଉକ୍ତ ବ୍ୟକ୍ତି ଓ ତାଙ୍କ ପରିବାରକୁ ଡକାଇ

## ବାପପୁଅ ଥାନାରେ ଅଟକ

ଏ ବାବଦରେ ପଚରାଯାଇଥିଲା। ହେଲେ ତାଙ୍କ ବଡ଼ପୁଅ ଗ୍ରାମର ମୁରବୀମାନଙ୍କୁ ଦୁର୍ବ୍ୟବହାର କରିବା ସହ ବାପାଙ୍କୁ କହି ଗାଁ ଲୋକଙ୍କୁ ମାରିଦେବେ ବୋଲି ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ପରେ ଉକ୍ତ ବ୍ୟକ୍ତି ଗୁଣି କରି ଏସବୁ କାଣ୍ଡ ଘଟାଉଥିବା ଅଭିଯୋଗ ଆଣି ଗ୍ରାମର ଉତ୍ୟକ୍ତ ଲୋକେ ଗୁରୁବାର ସକାଳେ ତାଙ୍କ ଘର ଭାଙ୍ଗି ଦେଇଛନ୍ତି। ଗ୍ରାମର ବଳରାମ ଯେନା, କାର୍ତ୍ତିକ ଯେନା, ପ୍ରଶାନ୍ତ ଯେନା, ସୁନନ୍ଦା ଯେନା, ବାଣୀ ଯେନା, ଜୟରାମ ଯେନା, ଅଶୋକ କୁମାର ଯେନା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଗୁରୁବାର ଥାନାରେ ପ୍ରଦାନ କରାଯାଇଛି। ମନ୍ଦିର କହୁଥିବା ଉକ୍ତ ବ୍ୟକ୍ତିଙ୍କ ଠାକୁରଘର ବନ୍ଦ କରାଯିବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ଅଭିଯୋଗ ପାଇବା ପରେ ବାପ, ପୁଅଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ କହିଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି, ଜଣେ ବ୍ୟକ୍ତି ଗୁଣିଗାରେଡ଼ି କରୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଘର ଭଙ୍ଗାଯାଇଥିବା ନେଇ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ମା'ଙ୍କୁ ପାଇପ୍‌ରେ ପିଟି ହତ୍ୟାକଲେ ପୁଅ

ଚିକିଟି,୨୬।୬(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୧୨ ନମ୍ବର ୱାର୍ଡ କରାଇଲୁଆ ଗ୍ରାମର ବନ୍ଧସାହିରେ ଗୁରୁବାର ମଧ୍ୟାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ସନ୍ତୋଷ ବେହେରା (୩୯) ତାଙ୍କ ମା' ଉଲି ବେହେରା (୫୫)ଙ୍କୁ ପାଇପରେ ପିଟି ହତ୍ୟା କରିଛନ୍ତି। ଏନେଇ କେ. ନୁଆଗାଁ ଥାନାରେ ଅଭିଯୁକ୍ତଙ୍କ ଭାଇ ସୁଶାନ୍ତ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ. ୨୧୪/୨୫ରେ ଏକ ମାମଲା ରୁଜୁ ହୋଇଛି।

ଖବରରୁ ଜଣାପଡ଼ିଛି ପରିବାରରେ ମା' ପୁଅଙ୍କୁ ଛାଡି ସମସ୍ତେ ମଜୁରି କାମ ପାଇଁ ବାହାରକୁ ଚାଲି ଯାଇଥିଲେ। ମଧ୍ୟାହ୍ନରେ କିଛି କଥାକୁ ନେଇ ଉଲି ଓ ସନ୍ତୋଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଘର ପିଣ୍ଡାରେ ଉଲି ପାଣି ଭରୁଥିବା ବେଳେ ସନ୍ତୋଷ ଏକ ପାଇପରେ ତାଙ୍କୁ ପିଟି ଗୁରୁତର କରି ଦେଇଥିଲେ। ଉଲିଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ନେଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଲିଙ୍କ ମୃତ୍ୟୁ ଘଟିଥିଲା। ଅଭିଯୋଗକୁ ଭିତ୍ତିକରି ଏଏସଆଇ ଅଞ୍ଜଳି ବେହେରା, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଏଏସ୍‌ଆଇ ତାରକେଶ୍ୱର ରାଓ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଅଭିଯୁକ୍ତ ସନ୍ତୋଷଙ୍କୁ ଥାନାକୁ ଆଣି ଜେରା କରାଯାଉଛି।

# ୨ ଦଳିତଙ୍କୁ ଅଧା ଲଣ୍ଡା କରି ଆଣ୍ଠୁରେ ଚଲେଇବା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଧରାକୋଟ,୨୬।୬(ବିଷ୍ଣୁ କେଶରୀ ସ୍ୱାଇଁ)

ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗ୍ରାମରେ ସିଙ୍ଗିପୁର ଗ୍ରାମର ୨ ଦଳିତ ବ୍ୟକ୍ତିଙ୍କୁ ଗୋଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗି ନ ଦେବାରୁ ମାଡ଼ ମାରି ଉଭୟଙ୍କୁ ଗାଁ ଦାଣ୍ଡରେ ଆଣ୍ଠୁରେ ଚଲାଇବା ଘଟଣାରେ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରାଜା ସାମଲ। ଏହି ମାମଲାରେ ପୂର୍ବରୁ ୬ଜଣ ଗିରଫ ହୋଇଥିବା ବେଳେ ଧରାପଡିଥିବା ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇ ବାଳସୁଧାର ଗୃହକୁ ପଠାଯାଇଥିଲା। ବୁଧବାର ୨ ଜଣଙ୍କୁ ଗିରଫ କରି ପୋଲିସ ବିଳମ୍ବିତ ରାତିରେ କୋର୍ଟଚାଲାଣ କରିଥିବା ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି। ଏ ଘଟଣାରେ ଆଉ ୫/୬ଜଣ ଗିରଫ ହେବେ। ଏଥିପାଇଁ ସତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ।

# ଚିଲିକାରେ ମାଛଧରାକୁ କେନ୍ଦ୍ରକରି ଗୁଳିମାଡ଼

## ଜଣେ ମତ୍ସ୍ୟଜୀବୀ ଗୁରୁତର

ବାଲୁଗାଁ,୨୬।୬(ସଂଗ୍ରାମ ପାଇକରାୟ)

ମାଛଧରାକୁ କେନ୍ଦ୍ରକରି ବୁଧବାର ବିଳମ୍ବିତ ରାତିରେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ସିପିଆ ଗ୍ରାମ ନିକଟ ଚିଲିକାରେ ଗୁଳିମାଡ଼ ହୋଇଛି। ୨୦ରୁ ୩୦ଜଣ ବ୍ୟକ୍ତି ସଂଘବଦ୍ଧଭାବେ ଦେଶୀ ବନ୍ଧୁକରୁ ଗୁଳିମାଡ଼ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ ଚନ୍ଦ୍ରାପୁଟ ଗ୍ରାମର ମତ୍ସ୍ୟଜୀବୀ ବୀର ଜାଲି(୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପିଠି ଏବଂ ଜଂଘରେ ଏକାଧିକ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ମୁତାବକ, ଚନ୍ଦ୍ରାପୁଟ ଗ୍ରାମର ବୀର ଜାଲି, କାହ୍ନା ବେହେରା ଏବଂ ତୋଫାନ ବେହେରା ବୁଧବାର ସକାଳ ୯ଟାରେ ଏକ ଡଙ୍ଗାରେ ମାଛ ଧରିବା ପାଇଁ ଚିଲିକାକୁ ଯାଇଥିଲେ। ବିଳମ୍ବିତ ରାତି ପ୍ରାୟ ୧୨ଟାରେ ସିପିଆ ଗ୍ରାମ ନିକଟ ଚିଲିକାରେ ମାଛ ଧରୁଥିବା ବେଳେ ହଠାତ୍ ୩ଟି ଡଙ୍ଗାରେ ୨୦ରୁ ୩୦ଜଣ ବ୍ୟକ୍ତି ସେଠାରେ ପହଞ୍ଚିବା ସହ ସଂଘବଦ୍ଧଭାବେ ଦେଶୀ ବନ୍ଧୁକରୁ ସେମାନଙ୍କ ଉପରେ ଗୁଳିମାଡ଼ କରିଥିଲେ। ଫଳରେ ତୋଫାନ ଏବଂ କାହ୍ନା ଜୀବନ ବିକଳରେ ଚିଲିକାକୁ ଡେଇଁ ପଡିଥିଲେ। ପହଁରି ପହଁରି କିଛିଦୂରରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀଙ୍କ ଡଙ୍ଗା ସହାୟତାରେ ଆସିବା ସହ ଗ୍ରାମରେ ପହଞ୍ଚିଥିଲେ। ଆମ ଚିଲିକା ଅଞ୍ଚଳରେ କାହିଁକି ମାଛ ଧରୁଛ କହି ଆକ୍ରମଣକାରୀମାନେ ଆହତ ଅବସ୍ଥାରେ ବୀରଙ୍କୁ ଅପହରଣ କରିନେବା ସହ ଡଙ୍ଗା ଓ ଜାଲ ନେଇଯାଇଥିଲେ। ଗୁରୁବାର ସକାଳେ କୃଷ୍ଣପ୍ରସାଦରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବସ୍‌ରେ ଆହତ ବୀରଙ୍କୁ ବସାଇ ବାଲୁଗାଁ ପଠାଇଦେଇଥିଲେ। ବୀର ପହଞ୍ଚିବା ପରେ ତାଙ୍କର ଏପରି ଅବସ୍ଥା ଦେଖି ପରିବାର ଓ ଗ୍ରାମବାସୀ ତୁରନ୍ତ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଘଟଣାଟି ଘଟିଥିବାରୁ ଚିକିତ୍ସା ପରେ ଥାନାରେ ଅଭିଯୋଗ କରାଯିବ ବୋଲି ବୀରଙ୍କ ପରିବାର ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଚିଲିକାରେ ମାଛଧରାକୁ କେନ୍ଦ୍ରକରି ପୂର୍ବରୁ ମଧ୍ୟ ସିପିଆ ଏବଂ ଚନ୍ଦ୍ରାପୁଟ ଗ୍ରାମ ମଧ୍ୟରେ ଗୁଳି ଓ ବୋମାମାଡ଼ ହୋଇଥିବା ନଜିର ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଉକ୍ତ ସମସ୍ୟାର ସମାଧାନ କରିବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।


केनरा बैंक Canara Bank | सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧, ମୋ.:୯୪୩୭୬୩୬୫୫୮

**ଗାଡି ବିକ୍ରୟ ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡି କାନାରା ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି।

| କ୍ର. ନଂ. | ଶାଖାର ନାମ / ଫୋନ୍ ନଂ. | ଋଣଗ୍ରହୀତାମାନଙ୍କ ନାମ/ ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି |
|---|---|---|---|---|
| ୧. | ସିଡିଏ ଶାଖା (୧୮୦୯୪) / ୯୪୩୭୪୯୬୦୨୧ | ସାମସନ ବେହେରା / ୪୯୧୮୭୬୮୦୦୦୦୫୦/ ୨୭.୦୩.୨୦୧୭ | CHEVROLET BEAT LT(TCDI), CAR Regd. No.: OD05Z7208 | ଟ.୭୦,୦୦୦/- / ଟ.୭,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "........................ କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର ୭ ଦିନ ମଧ୍ୟରେ ଅର୍ଥାତ୍ ତା.୦୪.୦୭.୨୦୨୫ରିଖ ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ ତା.୦୫.୦୭.୨୦୨୫ରିଖ ଦିନ ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ କଟକକୁ ପୈଠ ଦର୍ଶାଇ ତା.୦୪.୦୭.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବେ।
୩. ଗାଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ ତା.୦୪.୦୭.୨୦୨୫ରିଖ ସୁଦ୍ଧା ଯାଞ୍ଚ କରିପାରିବେ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର ୭ ଦିନ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଟିକସ, ଚାଲାଣ ଏବଂ ବୀମା ଦେୟ ଆଦି ଖର୍ଚ୍ଚ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀଙ୍କୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: କଟକ, ତାରିଖ:୨୬.୦୬.୨୦୨୫ — ସ୍ୱା/- ବରିଷ୍ଠ ପ୍ରବନ୍ଧକ, କାନାରା ବ୍ୟାଙ୍କ



**TENDER NOTICE**
**STATE INSTITUTE OF HOTEL MANAGEMENT**
TITILAGARH ROAD, BALANGIR - 767001 (ODISHA)

No.341/SIHM/2025-26/TENDER — Date: 26.06.2025

Sealed tender are invited from the reputed firms/agencies/dealers/ companies/manufacturers/distributors for supply of Student Uniform (readymade) for the Academic Session 2025-26.

Tenderers must be superscripted "Tender for supply of Student Uniform (Readymade) for the Academic Session 2025-26" on the top of the envelope which contains the tender documents, other required documents and Cloth samples should reach the Office of the Principal, State Institute of Hotel Management, Titilagarh Road, Balangir - 767001 (Odisha) by Govt. Speed Post/Regd. Post/Courier/by hand on or before 26.07.2025 till 05.00 p.m.

For further details kindly visit our website **www.sihmbalangir.org**

Sd/-
Principal



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଆଦ୍ରା-୩୮-୪୧-୨୫, ତାରିଖ: ୨୫।୦୬।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍ (ଇଏନ୍‌ଜିଜି)/ଦକ୍ଷିଣ ପୂର୍ବ ରେଳପଥ, ଆଦ୍ରା ତଳେ ଦର୍ଶାଯାଇଥିବା ଅନୁଯାୟୀ ପରିବହନ, ଫେନ୍‌ସିଂ କାର୍ଯ୍ୟ ପାଇଁ ୦୪ (ଚାରି) ଗୋଟି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। କ୍ର.ସଂ.-୧। ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଆଦ୍ରା-୩୮-୨୫। କାର୍ଯ୍ୟର ବର୍ଣ୍ଣନା: ଆଦ୍ରା ମଣ୍ଡଳ-ଡିଇଏନ୍ (କେନ୍ଦ୍ରୀୟ)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ବିପଦପ୍ରବଣ ଅଞ୍ଚଳରେ ଦୁର୍ଘଟଣାକୁ ରୋକିବା ପାଇଁ ରେଳଧାରଣାକୁ ସୁରକ୍ଷା ଦେବା ଲାଗି ରାସ୍ତାର ବ୍ୟାରିକେଡିଂ/ଫେନ୍‌ସିଂ ଏବଂ ରାସ୍ତା ମରାମତି। ଟେଣ୍ଡର ମୂଲ୍ୟ: ₹୩,୨୬,୭୨,୧୬୫.୪୫। କ୍ର.ସଂ.-୨। ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଆଦ୍ରା-୩୯-୨୫। କାର୍ଯ୍ୟର ବର୍ଣ୍ଣନା: ଦୁଇ ବର୍ଷ ଅବଧି ପାଇଁ ଡିଇଏନ୍ (ପୂର୍ବ)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ସଡ଼କ ଯୋଗେ ବିଭିନ୍ନ ସ୍ଥାନକୁ ପି.ୱେ ସାମଗ୍ରୀର ପରିବହନ। ଟେଣ୍ଡର ମୂଲ୍ୟ: ₹୧,୦୧,୯୭,୪୭୫.୯୭। କ୍ର.ସଂ.-୩। ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଆଦ୍ରା-୪୦-୨୫। କାର୍ଯ୍ୟର ବର୍ଣ୍ଣନା: ଦୁଇ ବର୍ଷ ଅବଧି ପାଇଁ ଡିଇଏନ୍ (ଉତ୍ତର)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ସଡ଼କ ଯୋଗେ ବିଭିନ୍ନ ସ୍ଥାନକୁ ପି.ୱେ ସାମଗ୍ରୀର ପରିବହନ। ଟେଣ୍ଡର ମୂଲ୍ୟ: ₹୯୬,୧୪,୭୬୩.୦୬। କ୍ର.ସଂ.-୪। ଟେଣ୍ଡର ନଂ.: ଇ-ଡିଆରଏମ୍-ଇଏନ୍‌ଜିଜି-ଆଦ୍ରା-୪୧-୨୫। କାର୍ଯ୍ୟର ବର୍ଣ୍ଣନା: ଦୁଇ ବର୍ଷ ଅବଧି ପାଇଁ ଡିଇଏନ୍ (କେନ୍ଦ୍ରୀୟ)/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ସଡ଼କ ଯୋଗେ ବିଭିନ୍ନ ସ୍ଥାନକୁ ପି.ୱେ ସାମଗ୍ରୀର ପରିବହନ। ଟେଣ୍ଡର ମୂଲ୍ୟ: ₹୯୩,୨୩,୪୦୬.୬୦। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୨୧।୦୭।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୪ ପାଇଁ ପ୍ରତ୍ୟେକ)। ଉପରୋକ୍ତ ଇ-ଟେଣ୍ଡରଗୁଡ଼ିକର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଦେଖାଯାଇପାରିବ। (PR-321)



**GOVERNMENT OF ODISHA**
**DISTRICT PLANNING AND MONITORING UNIT, RAYAGADA**
**(STATISTICAL WING)**
E-mail: dpmustatistics.rayagada@gmail.com, Phone:06856-224730

**Office Order No.443/ Dated 25.06.25**

**No.X-26:** Applications are invited from Local Youths of the Rayagada District to be engaged as Enumerator for conduct of field Work pertaining to 7th Minor Irrigation Census and 2nd Census of Water Bodies under the supervision of the undersigned.

| Post | No. of Post | Remuneration (In Rs.) | Qualification(s) and Experience |
|---|---|---|---|
| Enumerator | 54 | a) Field Allowance @Rs.900/- & Rs.720/- per village for conduct of 7th MI Census and 2nd Census of Water bodies respectively. b) Patwari Allowance @300/- per village for conduct of 7th MI Census. c) Charges for use of personal mobile devices @Rs.750/- for conduct of 2nd Census of Water bodies. d) Allowance for attending Training @Rs.165/- per day. e) No TA/DA for conduct of field Work. | Essential: Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government. Candidates must read, write and speak with Odia & English Language. Candidate must have basic Computer Skill. Should have a smart phone (Android 10.0 above with access to internet connection RAM should be minimum 6 GB, ROM should be minimum 128 GB, Battery should be minimum 5000 MaH. **Desirable:** Preference will be given to the candidates having experience in conducting data collection by using Digital App of any Govt./ Non- Govt./ Educational / Banking Institutions. |

**How to Apply:** The candidates will apply for the post of enumerator through Speed Post/Registered Post or by dropping the application in the Box available in the O/o the Deputy Director, DPMU, Rayagada-765001.The detailed advertisement is available at District website **https://rayagada.odisha.gov.in.**

The Application after due date will not be considered. The starting date of submission of the application 27.06.2025 and date of Closing of receipt of application is 04.07.2025 (6PM). The candidates should submit their application duly filled in along with self-attested Photo, copies of the educational qualification; experience, if any within the stipulated dateline. All terms & condition is available in DPMU, Rayagada Office interested candidate may collect the same.

**Mode of Selection:**
i. Eligible Candidates may be selected through Scrutiny and evaluation of their certificates. ii. A provisional list of candidates may be prepared on the basis of the highest percentage of marks secured in both Matriculation and Intermediate (+2) Examination with 40% and 60% weightage respectively. In case of tie, preference will be given to the candidates having highest education qualification. iii.The provisional list of the candidates will be placed before the District level Sub-Committee for approval and engagement order will be issued by the DD, DPMU, Rayagada as per the terms of reference and conditions of the SOP. Type and Period of engagement: the nature of the work of the enumerators are temporary in nature and will not be considered as the contractual employees of the DPMU, Rayagada. They will not claim for the regularization after completion of the census work. During the time engagement, the enumerator will have to submit the formal agreement in Non-Judicial Stamp Paper of @Rs.10/-(Rupees Ten only) which will be executed between the Deputy Director (P&S),District Planning & Monitoring Unit,(Ist Party) and the selected youths (2nd Party). The enumerators will be engaged for a period from his date engagement to till completion of field survey under the Irrigation and Waterbody census. The other terms and conditions for engagement for enumerators will be as per the standard operating procedure approved by Govt. in P&C Department. The authority has reserved the rights to the cancel the advertisement without assigning any reason thereof.

OIPR-21043/11/0001/2526 — Sd./- Deputy Director (P&S), D.P.M.U, Rayagada



**कार्यालय, कार्यपालन अभियंता**
**जल संसाधन संभाग, कोरबा, जिला: कोरबा (छ.ग.)**
**कार्यालयीन आदेश**

आदेश क्र. 1823/व.ले.लि/2025 — कोरबा, दिनांक 30.05.2025

कार्यालय प्रमुख अभियंता, जल संसाधन विभाग शिवनाथ भवन सेक्टर-19 नार्थ ब्लॉक नवा रायपुर अटल नगर रायपुर (छ.ग.) के पृ.क्रं. 4263489/निविदा प्रकोष्ठ/2024/357 (टी.सी.)/नवा रायपुर दिनांक 24.01.25 के परिपालन में निविदा सूचना क्रं 05/व.ले.लि./2024-25 दिनांक 20.12.2024 सिस्टम निविदा क्रं. 163082 (प्रथम आमंत्रण) गुरसिया व्यपवर्तन योजना के फीडर टैंक, वियर नहरों व संरचनाओं का उन्नयन कार्य राशि 293.56 लाख निविदा के प्रथम आमंत्रण में एकल निविदाकार होने के फलस्वरूप निविदा निरस्त किया जाता है।

स्वा:/- कार्यपालन अभियंता
जल संसाधन संभाग, कोरबा,
जिला - कोरबा (छ.ग.)

G-252601796/4



**ବିଜ୍ଞପ୍ତି**

No. G-23: ଆସନ୍ତା ତା୨୮।୦୬।୨୦୨୫ରିଖ ଶନିବାର ଦିନ ବାରଙ୍ଗ ତହସିଲ ଅନ୍ତର୍ଗତ ବିଦ୍ୟାଧରପୁର ମଉଜାରେ (ସିଡିଏ-୧୧ସ୍ଥିତ ବିଦ୍ୟାଧରପୁର ବାଲିଘାଟ ନିକଟସ୍ଥ ତଥା ଖାତା: ୩୩୪, ପ୍ଲଟ: ୫୮, ୧୩୦), ୨୦୫୨୩.୨୪୫ ଘନମିଟର ଜବତ ବାଲିକୁ ନିଲାମ କରାଯିବ। ଆଶାୟୀ ପ୍ରାର୍ଥୀମାନେ ତା ଉପରୋକ୍ତ ସ୍ଥାନରେ ୧୦.୦୦ ଘଟିକାରେ ଉପସ୍ଥିତ ରହି ନିଲାମ ଡାକି ପାରିବେ। ଏହି ସମ୍ବନ୍ଧୀୟ ସମସ୍ତ ସୂଚନା ଖଣି ଉପ-ନିର୍ଦ୍ଦେଶକ, କଟକ ମଣ୍ଡଳଙ୍କ କାର୍ଯ୍ୟାଳୟ ତଥା କଟକ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ଅଛି।

ସ୍ୱା./- ଖଣି ଅଧିକାରୀ
କଟକ ଖଣି ମଣ୍ଡଳ

OIPR-30056/11/0412/2526



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, ODISHA
PHONE:- (06854) 242001, Fax:- (06854) 242093
e-mail: sgmel.ukhep@gmail.com, CIN: U40101OR1995SGC003963

**NOTICE INVITING TENDER NO.UKHEP-14/2025-26, DT.21.06.2025**

**No.CAD-890:** Sealed tenders are invited in sealed envelopes from the reputed suppliers/agencies for "Supply of Ornamental & Flowering Plants for PH Garden alongwith up keeping and maintenance at Upper Kolab Hydro Electric Project, Bariniput, Dist: Koraput, Odisha.

| Sl. No. | Description of Item | Cost of Tender Paper (non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| 1 | Supply of Ornamental & Flowering Plants for PH Garden alongwith up keeping and maintenance at Upper Kolab Hydro Electric Project, Bariniput, Dist: Koraput, Odisha | Rs.2360/- (2000/-+ 18% GST) | Rs.2400/- |

- Period of Sale/ Download of tender document : From Dt.26.06.2025 upto 11.00 Hrs. of Dt.15.07.2025
- Last date & Time of receipt of tender document: Upto 12.00 Hrs. of Dt.15.07.2025
- Date & Time of Opening of tender document: At 12.30 Hrs of 15.07.2025

For details of tender documents/ terms & conditions/ corrigendum/ errata / addendum. If any please visit our website www.ohpcltd.com

OIPR-04002/11/0101/2526 — Sd./- C&P Head, UKHEP, Bariniput



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
No. CAD-891 Email-hpschiplima@yahoo.in, Fax No. (0663) 2460505

**No.-CHEP/TW-74 (Vol.-III)/2368 Date: 24.06.2025**

**TENDER CALL NOTICE NO.-CHEP-20/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Service Contractors / Agencies for the following work as mentioned below;

| Description | Cost of Tender Paper (Non-Refundable) | Estimated Cost / EMD |
|---|---|---|
| Running of Power House Canteen on Job Contract Basis of CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,36,766.00 / EMD = Rs.4,370.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** from **dtd.26.06.2025 up to 12:30 PM of dtd.10.07.2025.**

OIPR-04006/11/0092/2526 — Sd/- C & P Head, CHEP, Chiplima



**DIRECTORATE OF MEDICAL EDUCATION & TRAINING, ODISHA**
**WALK-IN-INTERVIEW FOR THE POST OF**
**ASSISTANT PROFESSOR/TUTOR/JUNIOR RESIDENTS**

No. 11242 — Dt.: 24 Jun 2025

No. E-194: Eligible candidates are invited to Walk-in-Interview for recruitment for the posts of Assistant Professor/Tutor/Junior residents on contractual/deployment basis in Govt. Medical Colleges of the State. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in** in recruitment of Govt. Medical Colleges Section/Link.

Sd./- Director Medical Education & Training, Odisha

OIPR-10016/11/0025/2526



**Bhadrak Autonomous College, Bhadrak**

**ADMISSION NOTICE 2025-26**

Offers Following Self-Financing Courses for the Academic Session 2025-26
No.CAD-901

**B.Sc. (Hons.) Data Science**
Eligibility: Passed with minimum 40% marks in aggregate in Higher Secondary (+2) Examination in Science Stream or Equivalent.

**B.Sc. (Hons.) Mathematics & Computing**
Eligibility: Passed with minimum 40% marks in aggregate in Higher Secondary(+2) Examination in Science stream with Mathematics as a subject in +2 exam. Or Equivalent.

**PGDCA: (Post Graduate Diploma in Computer Application)**
**Eligibility:** Graduate in any Stream from a recognized University.

**Offline Application Forms and Information Bulletins are available at College Counter on all working days OR you may download the form from the college website www.bhadrakcollege.ac.in.**
**Last Date for receipt of offline application form: 04/07/2025**

Sd /- Principal

For Details, Call: 8260894249, 9178614739, 7483057599, 8327745840

OIPR-11028/11/0015/2526



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**TENDER CALL NOTICE**
**Bid identification No:- VI-07(10)/SERIFED/2025-26/ 787**

**No.CAD-883** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website: www.tendersodisha.gov.in. during the period dt. 27.06.2025 to 5.00 P.M. up to 05.07.2025. Tender shall be received till 5.00 PM on 05.07.2025 & shall be opened at 11.30 A.M. on 07.07.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0058/2526 — Sd./- MANAGING DIRECTOR



**ROURKELA MUNICIPAL CORPORATION**
Udit Nagar, Rourkela, Pin - 769012
Mail Id : rourkelamunicipality@gmail.com, Telephone : (0661) 2500388
No. 7967 — Date : 23.06.2025

**TENDER CALL NOTICE**

**No.C-584** : Sealed tenders are invited from the reputed firms / Agencies for "Supply & Installation of 13 Nos. Water Purifier of 120 Liter Storage Capacity along with 3 Years of Comprehensive AMC after 01 Year of Warranty".
Detail technical specifications along with terms & conditions etc. may be seen from the Web site www.tendersorissa.gov.in and the website of Rourkela Municipal Corporation i.e. www.rmc.nic.in. Date of issue of tender documents is 24.06.2025. The last date for receipt of tender is 07.07.2025 till 05.00 P.M. through www.tendersorissa.gov.in portal.

Sd./- Commissioner
Rourkela Municipal Corporation

OIPR-13131/11/0144/2526



**ପୌର ପରିଷଦ ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ – ୭୬୧୧୦୨, ଦୂରଭାଷ – ୦୬୮୧୧ – ୨୮୦୦୨୫, ଟୋଲଫ୍ରି – ୧୪୪୨୦
At - Hinjilicut, Dist. - Ganjam, Pin - 761102, Contact : 06811-280025, Toll Free No. : 14420
Email : hinjilicutmunicipality@gmail.com, hinjilimunicipality@gmail.com
Hinjilicut Municipality, Hinjilicutmunicipality

Letter No. 1573/2025, — Date : 23.06.2025

**QUOTATION CALL NOTICE**

**No.C-589** : The Executive Officer, Hinjilicut Municipality on behalf of Governor of Odisha invites Quotation / Tenders are invited from interested reputed Travel Agencies/Tour Operators / Private Individuals having GST registration for providing 01(one) no. of A.C Petrol/ Diesel driven Vehicle (i.e. Mahindra Bolero / Tuv 300 / Tata Sumo Gold etc.) having seating capacity not more than 7 Nos. including driver, which shall confirm to the terms and conditions (Annexure-A) for Official use in Office of the Executive Officer, Hinjilicut Municipality, Dist- Ganjam on monthly rent basis.

1. Sale of Quotation Paper — Dt : 25.06.2025 to 07.07.2025 During Office Hour
2. Last Date of submission of Quotation — Dt : 08.07.2025, 5.00 P.M.
3. Date of opening of Quotation — Dt : 09.07.2025, 11.00 A.M.
4. Security Deposit — Rs. 10,000/- (Rupees Ten Thousand only)
5. Cost of Quotation Paper — Rs. 1000/- (Rupees One Thousand only)

All the quotation shall be opened in the Chamber of the Executive Officer, Hinjilicut Municipality in presence of the tenderers or their authorized representatives. The office is not responsible for absence of any contractors / representatives during opening of the tenders.
The Authority reserves the right to reject or cancel any or all tenders without assigning any reason thereof

Sd./- Executive Officer
Hinjilicut Municipality

OIPR-13105/11/0021/2526



**OFFICE OF THE COLLECTOR & DISTRICT MAGISTRATE, SUNDARGARH**
**(ST & SC Dev. Section)**
E-mail Id : dwosundargarh@gmail.com
**Notification No. 1934/Dt.20.06.2025**

**No.g-50** : Applications in prescribed form are invited from the deserving / eligible Lady candidates from native or Sundargarh District for engagement as Lady Matron in ST / SC Girls Hostels functioning under the ST & SC Development Department and the Hostels of SSD Deptt. functioning in S & ME Deptt. Schools of Sundargarh District purely on contractual basis. The detail advertisement and the selection criteria may be obtained from office Notice Board of District Welfare Office, Sundargarh and District Website www.sundergarh@nic.in. The candidates may download the advertisement and application format accordingly. The last date of receipt of application in the office of the District Welfare Office, Sundargarh is **11.07.2025 up to 5.30 P.M.** by Regd. Post / Speed Post only.

By Order of the Collector, Sundargarh
Sd./- District Welfare Officer
Sundargarh

OIPR-19222/11/0005/2526



**ଓଡ଼ିଶା ସରକାର, କ୍ରୀଡ଼ା ଓ ଯୁବସେବା ବିଭାଗ**
SYS-SPW-AWARD-0002-2025-15557 — Dt.25.06.2025

**ବିଜ୍ଞାପନ**

**'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ନିମନ୍ତେ ବ୍ୟକ୍ତିବିଶେଷ/ ଅନୁଷ୍ଠାନଙ୍କଠାରୁ ନିମ୍ନୋକ୍ତ ବର୍ଗରେ ମନୋନୟନ ପତ୍ର ଆହ୍ୱାନ କରାଯାଉଅଛି।**

No. TT-: ପୁରସ୍କାର ବର୍ଗ: (୧) କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, (୨) କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, (୩) କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, (୪) କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, (୫) କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, (୬) ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ୍, (୭) ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ (୮) ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା। ନିୟମାବଳୀ: (୧) ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍‌ରେ (https://sports.odisha.gov.in) ଉପଲବ୍ଧ ଅଛି। (୨) ମନୋନୟନପତ୍ର ଉଭୟ ଅଫଲାଇନ ଓ ଅନଲାଇନ (ଉପରୋକ୍ତ ବିଭାଗୀୟ ୱେବସାଇଟ୍ ମାଧ୍ୟମରେ) ପଦ୍ଧତିରେ ତା୦୫।୦୭।୨୦୨୫ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଗ୍ରହଣ କରାଯିବ। (୩) ଏହି ସମୟସୀମା ବାହାରେ ପ୍ରାପ୍ତ ମନୋନୟନ ପତ୍ର ଗ୍ରହଣଯୋଗ୍ୟ ହେବ ନାହିଁ। (୪) ଆବେଦନକାରୀ ଅଫଲାଇନ୍ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ 'ନିର୍ଦ୍ଦେଶକ, କ୍ରୀଡ଼ା, କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡ଼ିୟମ, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨' ଠିକଣାରେ ଡାକ (Speed Post)/କୋରିଅରସେବା/e-mail: bijupattnaikawards@gmail.com ଯୋଗେ ପ୍ରେରଣ କରିପାରିବେ। (୫) ଆବେଦନପତ୍ର ଲଫାପା ଉପରେ ପ୍ରେରକ ତାହାଙ୍କର ସମ୍ପୂର୍ଣ୍ଣ ନାମ, ଡାକ ଠିକଣା, ମୋବାଇଲ ନମ୍ବର, ଇ-ମେଲ୍ ଆଇ.ଡି ଲେଖିବେ। ତତ୍ ସହିତ, ଲଫାପାର ଉପର ଭାଗରେ ସ୍ପଷ୍ଟ ଭାବରେ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର-୨୦୨୪' ଲେଖିବେ। (୬) ମନୋନୟନ ପତ୍ର ଦାଖଲ ତଥା ପରବର୍ତ୍ତୀ ଯେ କୌଣସି ପରିସ୍ଥିତିରେ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିଷ୍ପତ୍ତି ସର୍ବଦା ଚୂଡ଼ାନ୍ତ ରହିବ।

OIPR-29001/11/0094/2526 — ସ୍ୱା./- ନିର୍ଦ୍ଦେଶକ, କ୍ରୀଡ଼ା

# ସୁରକ୍ଷିତ ବିଦ୍ୟୁତ୍ ସେବା ଦେବ ଟିପିସିଓଡିଏଲ୍

ଭୁବନେଶ୍ୱର,୨୬।୬(ଅନୁରାଧା ମହାରଣା)

ପୁରୀରେ ରଥଯାତ୍ରା ସମୟରେ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ୮୦୦ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଲିକେଜ୍ କରେଣ୍ଟ ପରୀକ୍ଷା, ଲୁହାଖୁଣ୍ଟରେ ଇନ୍ସୁଲେସନ ପେଣ୍ଟିଂ ଏବଂ ଲୋକମାନଙ୍କ ସୁରକ୍ଷା ପାଇଁ ଡିଟି ଫେନ୍ସିଂ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଲାଗି ପ୍ରତିଷେଧମୂଳକ ଓ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ ସହ ଫିଡର, ବିଦ୍ୟୁତ୍ ଓ ବିତରଣ ଟ୍ରାନ୍ସଫରମରଗୁଡ଼ିକର ନେଟ୍‌ୱର୍କରେ ଉନ୍ନତି ଅଣାଯାଇଛି । ବିଦ୍ୟୁତ୍ ବିଭ୍ରାଟକୁ ଏଡ଼ାଇବା ଲାଗି ରିଲେ ପ୍ରୋଟେକ୍ସନ ସେଟିଂର ପରୀକ୍ଷଣ କରାଯାଇଛି। ଜନ ସଚେତନତା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ୧ ଲକ୍ଷ ସୁରକ୍ଷା ସମ୍ପର୍କିତ ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିବା ବେଳେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ପୋଷ୍ଟର ଓ ବ୍ୟାନର ଲଗାଯାଇଛି। ପଲ୍ଲିଶ୍ରୀ ମେଳାରେ ନୁକଡ଼ ନାଟକର ଯୋଜନା କରାଯାଇଛି। ବଡ଼ ଦାଣ୍ଡରେ ଖୋଲା ତାରଗୁଡ଼ିକୁ ନିବୁଜ କରାଯାଇ ସାମୟିକ ବାଡ଼ ଦିଆଯାଇଛି। ପୁରୀ ଓ ନିଜ କାର୍ଯ୍ୟକ୍ଷେତ୍ରରେ ୪ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍‌ପେନ୍‌ସେରି (ଏମ୍‌ଏଚ୍‌ଡି) କରାଯାଇଛି। ଏମ୍‌ଏଚ୍‌ଡିରେ ପରାମର୍ଶ କୋଠରି, ପରୀକ୍ଷା ଶଯ୍ୟା ଓ ଏକ ଡିସ୍‌ପେନ୍‌ସେରି କାଉଣ୍ଟର୍ ସହ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟଙ୍କୁ ନିୟୋଜିତ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା



**ସାଇ ସମ୍ପୂର୍ଣ୍ଣା ସାହୁ (ମୁନି)**

୨୫ତମ ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ, ଶୁଭେଚ୍ଛା ଓ ଅଭିନନ୍ଦନ ଅବସରରେ ତୁମର ବାପା, ମାମା, ଭାଇ ଓ ପରିବାରବର୍ଗ

ଧ-୧୦୭୫

# ଭୁବନେଶ୍ୱରରେ ବିଓବିର ୬୨ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୬।୬

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ର ଅନ୍ତର୍ଗତ ଏହାର ୬୨ତମ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ତଥା ସିଏ ଭିଏମ୍‌ଏନ୍‌ଏସ୍ ସାଇବାବୁ, ଭୁବନେଶ୍ୱର କ୍ଷେତ୍ରର ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ରମ, ସହାୟକ ମହାପ୍ରବନ୍ଧକ ତଥା ଉପ- କ୍ଷେତ୍ରୀୟ ମୁଖ୍ୟ ରାଜୀବ କୁମାର ସିହ୍ନା , ଶାଖା ପ୍ରବନ୍ଧକ ରାଜ ରାଏ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ରିଲାଏନ୍ସର ବ୍ୟାପକ ବନ୍ଦୋବସ୍ତ

ଭୁବନେଶ୍ୱର,୨୬।୬

ପବିତ୍ର ରଥଯାତ୍ରା ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଜିଲା ପ୍ରଶାସନ ସହଭାଗିତାରେ ଦର୍ଶନାର୍ଥୀମାନଙ୍କ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ବ୍ୟାପକ ବନ୍ଦୋବସ୍ତ କରିଛି। ସହରର ୬ଟି ପ୍ରମୁଖ ସ୍ଥାନରେ ଲକ୍ଷାଧିକ ଭକ୍ତ ଏବଂ ପୋଲିସ କର୍ମଚାରୀଙ୍କୁ ପୁଷ୍ଟିକର ଗରମ ଭୋଜନ ପରିବେଷଣ କରୁଛି। ଖାଦ୍ୟ ଷ୍ଟଲ୍‌ଗୁଡିକରେ କଣ୍ଟାକ୍ଟଲେସ୍ ସାନିଟାଇଜର ସହ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟାଗ୍ ଯୋଗାଇ ଦିଆଯାଇଛି। ଦର୍ଶନାର୍ଥୀମାନଙ୍କ ମାର୍ଗଦର୍ଶନ ଏବଂ ସୁଗମ ଯାତ୍ରା ପାଇଁ ଦୂରରୁ ସ୍ପଷ୍ଟ ଦେଖାଯାଉଥିବା ମାର୍ଗଦର୍ଶକ ବୋର୍ଡ ଏବଂ ଦିଗସୂଚକ ସ୍ଥାପନ କରାଯାଇଛି । ୪,୦୦୦ରୁ ଅଧିକ ସ୍ୱେଚ୍ଛାସେବୀ ଭିଡ଼ ପରିଚାଳନା ସହାୟତା ଏବଂ ପାନୀୟ ଜଳ ପଏଣ୍ଟଗୁଡ଼ିକର ତଦାରଖ କରିବେ। ଶ୍ରଦ୍ଧାଳୁଙ୍କୁ ଗରମରୁ



ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଦେଢ଼ ଲକ୍ଷରୁ ଅଧିକ ପରିବେଶ ଅନୁକୂଳ ହାତପଙ୍ଖା ବିତରଣ କରାଯିବ। କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପାଇଁ ୧୦୦ଟି ପୋଲିସ ସହାୟତା ପୋଷ୍ଟ ଏବଂ ଆଶ୍ରୟସ୍ଥଳ ସ୍ଥାପନ କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ପୋଲିସ କର୍ମଚାରୀମାନଙ୍କୁ ୩,୫୦୦ ରେନ୍‌କୋଟ୍ ବିତରଣ କରାଯାଇଛି। ଭୋଜନଠାରୁ ସୁରକ୍ଷା ଯାଏଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଶ୍ରଦ୍ଧାଳଙ୍କ ଅନୁଭୂତିକୁ ସୁଗମ, ନିରାପଦ ଓ ଆରାମଦାୟକ କରି ସମୃଦ୍ଧ କରିବାକୁ ଆମେ ପ୍ରତିବଦ୍ଧ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଏମ୍ ଅମ୍ବାନୀ କହିଛନ୍ତି।


# Classified Everyday
0674-2580101, 9692975378

## REAL ESTATE



**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**Ready to move 3BHK apartment sale at Palasuni Bhubaneswar & Duplex available in Patia after Railway Station. Price 1CR. onwards. 8763887357, 7992736330.** D-76276



2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

2BHK, Ground Floor, Vertified Tile Floring at Madhusudan Nagar, Kalinga Stadium, NICCO-Park Lane, Bhubaneswar-751012. Car Parking, Garage available. Contact No. 8270887551, 9090606433. D-74731



Newly open Jyoti SPA positively health benefits (expert therapist). 8458067955. D-76923

Newly open health benefits SPA by expert therapist. Contact- 8280961126. D-76924

Newly open spa positively health benefits (Expert therapist). Contact: 7749034655 D-76922

## BUSINESS



ଇଶିକା ହୋମ୍ ଶପିଙ୍ଗରେ ପୁରୁଷ, ମହିଳା ଓ ପିଲାଙ୍କ ପାଇଁ ସମସ୍ତ ପ୍ରକାରର କପଡ଼ା ଉତ୍ତମ ଗୁଣସ୍ତରରେ ଏବଂ ଯୁକ୍ତିଯୁକ୍ତ ଦାମ୍‌ରେ ମିଳେ। ସମସ୍ତଙ୍କ ପାଇଁ ଏକ ଆଦର୍ଶ ଗଣ୍ଡି। ଠିକଣା– ଦୁବେଇ କଲୋନୀ, ରାମ ମନ୍ଦିର ନିକଟରେ, ମୁନିଗୁଡ଼ା। Contact- 8984715511, 8917587093. D-1081

## AFFIDAVIT

I, Monu Kumar @ SK. Mustafa Ali, S/o- Hawa Singh of Mohammadpur Rohi, Dist.- Fatehabad, Haryana at present C/o- SK. Kadiv Ali, At-Rasulpur, P.S.- Tirtol, Dist.- Jagatsinghpur declare by the affidavit No.- 3658, dt. 24.04.25 I was born by Hindu but I have converted to Islam faith. So I changed my name Monu Kumar to SK. Mustafa Ali. Henceforth, I shall be known as SK. Mustafa Ali for all purposes. D-1086

By virtue of an affidavit sworn before Executive Magistrate, Nayagarh on 25.06.2025, I, KSHIROD KUMAR SAHOO, S/o- Gobinda Chandra Sahoo, At/P.O.- Balugaon, P.S./Dist.- Nayagarh declare that I have changed my name from KHIRODA KUMAR SAHOO to KSHIROD KUMAR SAHOO. Henceforth, I shall be known as KSHIROD KUMAR SAHOO for all purposes. D-1083

By affidavit before Executive Magistrate, Malkangiri, I, Jagamohan Behera, S/o- A. Chudamani Behera, residing at Jagannath Mandir Road, Post-Rayagada (K), Dist.-Rayagada hereby declare that my minor son's actual name is Ramkrishna Behera as per School records (Regn. No.- B123/19116/0067). However, his name is wrongly recorded as Ramkrushna Behera in Aadhaar Card No.- XXXX XXXX 3026. Both names refer to the same person. I seek correction to Ramkrishna Behera. D-1082

By virtue of an affidavit sworn before the Executive Magistrate, Boudh, No.896, date 02.06.2025, I, Kumari Sibani Chaulia, formerly called Sibani Chaulia, D/o- Susil Chaulia, R/o. Village/P.O.- Sankulei, P.S.- Harabhanga, Dist.- Boudh, Odisha, PIN-762020 declare that I have changed my name from Sibani Chaulia to Kumari Sibani Chaulia for all purposes.
Kumari Sibani Chaulia D-1087

By virtue of an affidavit before Executive Magistrate, Bhanjanagar, affidavit No.-1555 on dated 23.06.2025, I, Jamala Dash, W/o- Bhabagrahi Dash, resident of At/P.O.- Udhura, P.S.- Belaguntha, Dist.- Ganjam, Odisha, PIN- 761119, declare that I have changed my name from Tamal Das to Jamala Dash. Henceforth, I shall be known as JAMALA DASH for all purposes. D-61975


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ତମାଳଲତା ରଥ**

୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫
(ଆଷାଢ଼ ମାସ, ଶୁକ୍ଳ ପକ୍ଷ, ତୃତୀୟା ତିଥି)

ବୋଉ, ଆଜି ତୋର ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ । ତୋର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଜୀବନର ଚଲାପଥରେ ସର୍ବଦା ପ୍ରେରଣା ହୋଇ ରହିଥାଉ ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୦୭୯

**୨୪ତମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ଚିତ୍ତରଞ୍ଜନ ଦାସ**

ପଟିଆ, ଭୁବନେଶ୍ୱର
ଆବିର୍ଭାବ : ୨୪।୦୬।୧୯୨୪
ତିରୋଧାନ : ୨୨।୦୬।୨୦୦୧

ଚାହୁଁ ଚାହୁଁ ୨୪ ବର୍ଷ ବିତିଗଲା, ଆପଣଙ୍କ ଅନୁପସ୍ଥିତ ଆମମାନଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି ଆଦର୍ଶରେ ଆମେ ଅନୁଗାମୀ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଏବେ ବି ଆମ ଜୀବନର ଉତ୍ସ। ପ୍ରଭୁଙ୍କଠାରେ ପ୍ରାର୍ଥନା ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହୁ।

ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ

ଧ-୧୦୭୮

**୧୯ ତମ ଶ୍ରାଦ୍ଧବାର୍ଷିକୀ**



**✓ ଦିଲୀପ ମିଶ୍ର**

୧୮୫, ଜନପଥ,ଭୁବନେଶ୍ୱର
ଆର୍ବିଭାବ: ତା ୨୧.୦୯.୧୯୪୦
ତିରୋଧାନ: ତା ୨୭.୦୬.୨୦୦୬
(ଶ୍ରୀ ଗୁଣ୍ଡିଚା)

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ

ଧ-୧୦୭୬

**'ଓଁ ଗଙ୍ଗା'**

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"



ଆବିର୍ଭାବ - ୨୬.୦୩.୧୯୬୬
ତିରୋଧାନ - ୧୭.୦୬.୨୦୨୫

**✓ରଞ୍ଜନା ଶତପଥୀଙ୍କ**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଧ-୧୦୭୭

# LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.–୪, ଶ୍ରୀ ପ୍ରଦୀପ୍ତ କୁମାର ନାୟକ (ଭା:ପ୍ରା:ସେ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନଂ.– ୨୯୫/୨୦୨୪

ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର–୫ ଏବଂ ନିୟମ ନମ୍ବର–୨୦ ମୁତାବକ

ଶ୍ରୀ ବିଜୟ କୁମାର ଜେନା ଚେୟାରମ୍ୟାନ୍ ....ବାଦୀ ଦରଖାସ୍ତକାରୀ
ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ରାଇଟ୍ ଇଞ୍ଜିନିୟର୍ସ (ବ୍ରାଇଟ୍ ଏଜୁକେସ୍‌ନାଲ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ)

ବନାମ

ଶ୍ରୀ ଅଞ୍ଜନ କୁମାର ଲେଙ୍କା ଏବଂ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

ପ୍ରତିବାଦୀ ୩) ଶ୍ରୀ ଅଞ୍ଜନ କୁମାର ଲେଙ୍କା, ପିତା– ଶ୍ରୀ ସୁରେନ୍ଦ୍ର ନାଥ ଲେଙ୍କା, ଗ୍ରାମ– ବୁଦୁକୁଣିଆ, ପୋଷ୍ଟ/ଥାନା– ମାହାଙ୍ଗା, ଜିଲ୍ଲା– କଟକ ଏବଂ ବର୍ତ୍ତମାନର ଠିକଣା– ଫ୍ଲାଟ୍ ନଂ.–୨୦୦୪, ନଂ.–୪, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ୪) ଶ୍ରୀ ବିଦ୍ୟାଧର ଶ୍ରୀଚନ୍ଦନ, ପିତା– ସ୍ୱର୍ଗତ– ଶ୍ରୀ କପିଳ ଶ୍ରୀଚନ୍ଦନ, ଗ୍ରାମ– ଯୁଝଗଡ଼, ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଭୁବନେଶ୍ୱର, ଓଡ଼ିଶା, ଜିଲ୍ଲା– ଖୋର୍ଦ୍ଧା, ପ୍ରତିବାଦୀ ୫) ଶ୍ରୀମତୀ ରୂପେଇ ବେଓ୍ୱା, ସ୍ୱାମୀ– ଶ୍ରୀ ଅରକ୍ଷିତ ଶ୍ରୀଚନ୍ଦନ, ଗ୍ରାମ– ଯୁଝଗଡ଼, ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଭୁବନେଶ୍ୱର, ଓଡ଼ିଶା, ଜିଲ୍ଲା– ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର–୫, ରୁଲ୍–୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ–୧୯୮୫ ଧାରା– (ଖ) ମୁତାବକ ମାନ୍ୟବର ଆଡିସନାଲ୍ ରିଭିଜନାଲ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ବିଜୟ କୁମାର ଜେନାଙ୍କ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୩, ୪ ଏବଂ ୫ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଜାରି ହୋଇଥିଲା। କିନ୍ତୁ ପ୍ରତିବାଦୀ ନଂ.–୩, ୪ ଏବଂ ୫ ନିଜେ କିମ୍ବା ତାଙ୍କର କୌଣସି ଉତ୍ତରାଧିକାରୀ ଉକ୍ତ ନୋଟିସକୁ ଗ୍ରହଣ ନ କରିବାରୁ ତାହା ଜାରି ହୋଇ ନ ପାରି ଫେରସ୍ତ ଆସିଛି। ସେମାନଙ୍କର ବର୍ତ୍ତମାନର ଠିକଣା ଆମେ ବହୁତ ଚେଷ୍ଟା କରି ପାଇପାରିଲୁ ନାହିଁ।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ କିମ୍ବା ସେମାନଙ୍କର ଯଦି କେହି ୱାରଷ ଥାନ୍ତି, ତାଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନାଲ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୧୮।୦୮।୨୦୨୫ରିଖ ଦିବା ଘ ୧୧.୩୦ମି. ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି ଜମିର ବିବରଣୀ:

ମୌଜା– ପଥରଗଡ଼ିଆ, ଥାନା– ଚନ୍ଦକା–୫୫, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବକ ଖାତା ନଂ.–୨୨୮, ସାବକ ପ୍ଲଟ୍ ନଂ.–୫୩, ଏରିଆ– ଏକର ୦.୦୮୫ଡି., ସାବକ ପ୍ଲଟ୍ ନଂ.– ୬୦/୧୪୨୦, ଏରିଆ– ଏକର ୦.୨୨୦ଡି. ସହିତ ଅନୁରୂପ ଚୂଡ଼ାନ୍ତ ହାଲ୍ ଖାତା ନଂ.–୧୨୨୯, ହାଲ୍ ପ୍ଲଟ୍ ନଂ.–୭୧, ଏରିଆ– ଏକର ୦.୦୮୫ଡି., ହାଲ୍ ପ୍ଲଟ୍ ନଂ.–୯୬, ଏରିଆ– ଏକର ୦.୧୫୦ଡି.।

ଖର୍ଦ୍ଦି ଏରିଆ– ସାବକ ଖାତା ନଂ.– ୨୨୮, ସାବକ ପ୍ଲଟ୍ ନଂ.– ୫୩ର ଏରିଆ– ଏକର ୦.୦୮୫ଡି ଏବଂ ସାବକ ପ୍ଲଟ୍ ନଂ.– ୬୦/୧୪୨୦ରୁ ଏରିଆ– ଏକର ୦.୨୨୦ଡି. ଭିତରୁ ଏରିଆ– ଏକର ୦.୧୪୯ଡି., ଶାରଦ ଅଣଜଳସେଚିତ ଦୁଇ–୨ ଜମି ଅଟେ। ଏଣୁ ଉପରୋକ୍ତ ମାମଲାର ଉପରୋକ୍ତ ପ୍ରତିବାଦୀମାନଙ୍କ ଉତ୍ତରାଧିକାରୀମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକ ତରଫା ଫଏସଲା କରାଯିବ।

ସ୍ୱା./– ଆଡିସନାଲ୍ ରିଭିଜନାଲ କୋର୍ଟ ନଂ.–୪ ଭୁବନେଶ୍ୱରଙ୍କ ଆଦେଶ କ୍ରମେ, କୋର୍ଟ ଅଫିସର

ଧ-୧୦୮୦

ମାନ୍ୟବର ଆଡିସନାଲ୍ କମିଶନର, ରାଜଶ୍ରୀ ମହାନ୍ତି, (ଆଇ.ଏ.ଏସ୍.) ଆଡିସନାଲ୍ ଡିଭିଜନ୍ କୋର୍ଟ ନଂ.–୩ଙ୍କ ଅଦାଲତ, ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ.–୯୦୮/୧୮, ୯୧୧/୧୮, ୯୧୨/୧୮

୧) ସମ୍ୟଶ୍ରୀ ସୁଶାନ୍ତ, ୨) ପ୍ରଭାସ ରଞ୍ଜନ ଦାସ, ୩) ଅଭୟ ଚରଣ ପରିଡ଼ା ଓ ଅନ୍ୟମାନେ ....ବାଦୀମାନେ

ବନାମ

ବସନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ ....ପ୍ରତିବାଦୀ

ପ୍ରାପ୍ତେଷୁ,

୧) ସୁଦେଇ ପାତ୍ର, ମାତା– ମୃତ ପଠାଣି ହରିଚନ୍ଦନ, ୨) ବିକାଶ ପାତ୍ର, ମାତା– ମୃତ ପଠାଣି ହରିଚନ୍ଦନ

ସମସ୍ତଙ୍କର ଠିକଣା: ସା/ପୋ– ଦାରୁଠେଙ୍ଗ, ଥା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ବର୍ତ୍ତମାନ ଠିକଣା– ସା/ପୋ– ବଳରାମପୁର, ଥା/ଜି– ଢେଙ୍କାନାଳ

ନୋଟିସ

ସିପିସି ଅର୍ଡର ନଂ.–୫, ରୁଲ୍– ୨୦ ମୁତାବକ ବାଦୀମାନଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା– ୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର ରିଭିଜନ କୋର୍ଟ ନଂ.–୩, ଭୁବନେଶ୍ୱର ଅଦାଲତରେ ବାଦୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ମାନ ଦାଏର କରିଅଛନ୍ତି। ବାଦୀମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.–୪ କ,ଖଙ୍କ ଅବଗତି ନିମନ୍ତେ ଠିକଣାରେ ନୋଟିସ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.–୪ କ, ଖଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ୍ କୋର୍ଟ ନଂ.–୩, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା୩୧।୦୭।୨୫ରିଖ ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେସ୍‌ର ତଫସିଲ୍ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ମୌଜା– ପଥରଗାଡ଼ିଆ, ପ୍ରି– ସାବକ ଖାତା ନଂ.–୧୦୮, ପ୍ରି– ସାବକ ପ୍ଲଟ୍ ନଂ.–୮୨୨, ଏହାର ସାବିକ ଖାତା ନଂ.–୩୨୪, ସାବିକ ପ୍ଲଟ୍ ନଂ.–୧୧୩୭, ଏରିଆ– ଏ୦.୫୫୦ ଡିସିମିଲ୍, ଏହାର ହାଲ୍ ଖାତା ନଂ.–୨୨୨୨, ହାଲ୍ ପ୍ଲଟ୍ ନଂ.– ୪୫୩୦/୭୧୯୩, ଏରିଆ– ଏ୦.୨୭୫ଡି.

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.– ୪ କ,ଖ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣମାନଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।

ସ୍ୱା./– ଆଡିସନାଲ୍ ରିଭିଜନ୍ କୋର୍ଟ ନଂ.–୩, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./– କୋର୍ଟ ଅଫିସର

ଧ-୧୦୭୪



"M.B.K."
Great Eastern®
RETAIL
Chariots of Happiness
₹45000 CASH BACK*
₹7000 EXCHANGE VALUE*
1 EMI OFF*
0 COST EMI*
0 DOWN PAYMENT*
NOW ALSO AT
TONK PANI ROAD NEAR SAI MANDIR 7735435079
JOBRA ROAD NEAR APPEX DIAGNOSTIC 8908972713
FREE GIFT WITH EVERY PURCHASE*
OTG
SMART WATCH
ROTI MAKER
MIXER GRINDER
ELECTRIC KETTLE
DRY IRON
SANDWICH TOASTER
STEEL BOTTLE
AND MANY MORE.....
upto 44% OFF
6kg FRONT LOAD MRP ₹37490 FESTIVE PRICE ₹20990* ₹58/Day*
7kg FRONT LOAD MRP ₹45100 FESTIVE PRICE ₹27990* ₹78/Day*
8kg FRONT LOAD MRP ₹52500 FESTIVE PRICE ₹31590* ₹88/Day*
upto 50% OFF
6.5kg TOP LOAD MRP ₹23490 FESTIVE PRICE ₹12390* ₹34/Day*
7kg TOP LOAD MRP ₹29990 FESTIVE PRICE ₹14490* ₹40/Day*
8kg TOP LOAD MRP ₹25900 FESTIVE PRICE ₹13690* ₹38/Day*
upto 41% OFF
7kg SEMI AUTO MRP ₹12450 FESTIVE PRICE ₹8290* ₹23/Day*
8kg SEMI AUTO MRP ₹16000 FESTIVE PRICE ₹10990* ₹31/Day*
9kg SEMI AUTO MRP ₹19990 FESTIVE PRICE ₹11890* ₹33/Day*
upto 52% OFF
1 T 3* INVERTER AC MRP ₹41900 FESTIVE PRICE ₹19990* ₹56/Day*
1.5 T 3* INVERTER AC MRP ₹46900 FESTIVE PRICE ₹22500* ₹63/Day*
1.5 T 5* INVERTER AC MRP ₹54900 FESTIVE PRICE ₹26490* ₹74/Day*
upto 65% OFF
55 4K ANDROID TV MRP ₹72490 FESTIVE PRICE ₹36990* ₹103/Day*
43 ANDROID TV MRP ₹45990 FESTIVE PRICE ₹20990* ₹58/Day*
32 HD LED TV MRP ₹22990 FESTIVE PRICE ₹7990* ₹22/Day*
upto 23% OFF
13 PLATE DISHWASHER MRP ₹61190 FESTIVE PRICE ₹47190* ₹131/Day*
upto 30% OFF
230L DEEP FRIDGE MRP ₹32890 FESTIVE PRICE ₹22990* ₹64/Day*
upto 44% OFF
20L CONVECTION MWO MRP ₹15050 FESTIVE PRICE ₹9990* ₹28/Day*
20L SOLO MWO MRP ₹9590 FESTIVE PRICE ₹5390* ₹15/Day*
upto 46% OFF
595 L SIDE BY SIDE REFRIGERATOR MRP ₹101990 FESTIVE PRICE ₹55290* ₹154/Day*
upto 40% OFF
300 L BOTTOM MOUNT REFRIGERATOR MRP ₹47990 FESTIVE PRICE ₹28790* ₹80/Day*
upto 36% OFF
235 L DOUBLE DOOR REFRIGERATOR MRP ₹31290 FESTIVE PRICE ₹19990* ₹32/Day*
upto 34% OFF
184 L SINGLE DOOR REFRIGERATOR MRP ₹18210 FESTIVE PRICE ₹12090* ₹34/Day*
upto 44% OFF
RO WATER PURIFIER MRP ₹12499 FESTIVE PRICE ₹6990* ₹19/Day*
SAMSUNG LG Panasonic SONY LLOYD SHARP Haier Whirlpool Godrej IFB BOSCH VOLTAS DAIKIN HITACHI Livpure GENERAL EUREKA FORBES HAVELLS hindware USHA
Widest Range Of Products* | Extended Warranty* | www.greateasternretail.com | Great Eastern Retail | 033 4037 2000 | Easy Finance Available HDB FINANCIAL SERVICES BAJAJ FINSERV IDFC FIRST Bank
ବ୍ରହ୍ମପୁର ଦଳୁଆ ସାହି 9938668181
ODISHA | WEST BENGAL | DELHI | HARYANA | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands.Exchange value applicable for working 75 inch LED based on physical condition.Double difference back on producing original invoice of current date for the same model manufactured in 2024 without any exchange, cash back or other offers.
virtual frame

# ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ




ରୌପ୍ୟ ପଦକ ସହ ମନ୍ନତା ମିଶ୍ର। ବ୍ରୋଞ୍ଜ ପଦକ ଗ୍ରହଣ କରୁଛନ୍ତି ପ୍ରତ୍ୟାଶା ରାୟ।

**ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍**

**ଭୁବନେଶ୍ୱର,୨୬।୬**
**(ଅନାଦି କର)**

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଗୁରୁବାର ଓଡ଼ିଶାକୁ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ଇଭେଣ୍ଟରେ ମନ୍ନତା ମିଶ୍ର ରୌପ୍ୟ ଓ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଓଡ଼ିଶାର ପ୍ରତିଷ୍ଠିତ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିଯୋଗୁ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପଦକ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ ଇଭେଣ୍ଟ ଫାଇନାଲ ରେସ୍‌କୁ ୧:୧୫.୫୭ ସେକେଣ୍ଡରେ ଶେଷ କରି ମନ୍ନତା ପୋଡିୟମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଭଳି ସମାନ ଟାଇମିଂ ସହ ରେସ୍ ଶେଷ କରିଥିବା ମହାରାଷ୍ଟ୍ରର ସାନଭି ଦେଶୱାଲ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଏହି ଇଭେଣ୍ଟରେ ଆର୍‌ଏସ୍‌ପିବି(ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ)ର ହର୍ଷିତା ଜୟରାମ ୧:୧୩.୨୪ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଇଭେଣ୍ଟର ଫାଇନାଲକୁ କ୍ୱାଲିଫାଏ କରିଥିବା ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୧:୧୫.୭୨ ସେ.) ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାତଛଡ଼ା କରିଛନ୍ତି। ସେହିଭଳି ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟ ଫାଇନାଲରେ ପ୍ରତ୍ୟାଶା ରେସ୍‌କୁ ୧:୦୫.୬୪ ସେକେଣ୍ଡରେ ଶେଷ କରି ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ କର୍ଣ୍ଣାଟକର ଭିହିଥା ନୟନା ଲୋଗନାଥନ (୧:୦୫.୧୮ ସେ.) ଓ ସୌବ୍ରିତି ମଣ୍ଡଳ (୧:୦୫.୧୯ ସେ.) ପ୍ରଥମ ଦୁଇ ସ୍ଥାନ ଅଧିକାର କରିବା ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ଏହା ପ୍ରତ୍ୟାଶାଙ୍କ ଲାଗି ତୃତୀୟ ପଦକ। ସେ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ ଇଭେଣ୍ଟରେ ବ୍ରୋଞ୍ଜ ଓ ମହିଳା ୪X୧୦୦ ମିଡ୍‌ଲେ ରିଲେରେ ଓଡ଼ିଶା ଦଳର ସଦସ୍ୟ ଭାବେ ରୌପ୍ୟ ପଦକ ଜିତିଥିଲେ। ତାଙ୍କ ଭଳି ମନ୍ନତା ମଧ୍ୟ ଏହି ଦଳର ସଦସ୍ୟା ଥିଲେ।

**ଏସିଆନ ସ୍କ୍ୱାଶ ଡବଲ୍ସ ଚାମ୍ପିୟନଶିପ୍**

# ଭାରତ ଜିତିଲା ସମସ୍ତ ୩ ଟାଇଟଲ



ଭାରତୀୟ ଖେଳାଳିଙ୍କ ସହ ଓଡ଼ିଆ କୋଚ୍ ଗୌତମ ଦାସ (ବାମରୁ ଦ୍ୱିତୀୟ)।

**କୁଆଲାଲମ୍ପୁର, ୨୬।୬ (ପି.ଟି.)**

ଭାରତ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଏସିଆନ ସ୍କ୍ୱାଶ ଡବଲ୍ସ ଚାମ୍ପିୟନଶିପ୍‌ରେ ପୁରୁଷ, ମହିଳା ଓ ମିକ୍ସଡ ଡବଲ୍ସରେ ସମସ୍ତ ତିନୋଟି ଟାଇଟଲ ହାସଲ କରିବାରେ ସଫଳ ହୋଇଛି। ଟପ୍ ସିଡ୍ ତଥା ପୁରୁଷ ଯୋଡ଼ି ଅଭୟ ସିଂ ଓ ଭେଲେଭାନ୍ ସେନ୍ଥିଲକୁମାର ଫାଇନାଲରେ ସେମାନଙ୍କ ପ୍ରଥମ ସେଟ୍ ହାରିଯାଇଥିଲେ ମଧ୍ୟ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ପାକିସ୍ତାନର ନୁର୍ ଜମାନ ଓ ନାସିର ଇକ୍‌ବଲଙ୍କୁ ୨-୧ (୯-୧୧, ୧୧-୫, ୧୧-୫)ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୮୮ ମିନିଟ ଧରି ଚାଲିଥିଲା। ମହିଳା ଡବଲ୍ସ ଫାଇନାଲରେ ଦ୍ୱିତୀୟ ସିଡ୍ ଜ୍ୟୋତ୍ସ୍ନା ଚିନାପ୍ପା ଓ ଅନାହତ ସିଂ ୨-୧ (୮-୧୧, ୧୧-୯, ୧୧-୧୦)ରେ ମାଲେସିଆର ଆଇନା ଆମାନି ଓ ଜିନ୍ ୟିଙ୍ଗ୍‌ଙ୍କୁ ୩୫ ମିନିଟ୍‌ରେ ହରାଇ ଦେଇଥିଲେ। ଜ୍ୟୋତ୍ସ୍ନା ଓ ଅନାହତ ହଂକଂର ପୋ ୟୁଇ କିର୍ଷ୍ଟି ଓଙ୍ଗ୍ ଓ ୟି ଲାମ୍ ଟୋବି ଟିସିଙ୍କ ବିପକ୍ଷରେ ବିଜୟ ହାସଲ କରି ଟାଇଟଲ ମୁକାବିଲାରେ ପ୍ରବେଶ କରିଥିଲେ। ଟପ୍ ସିଡ ମିକ୍ସଡ ଡବଲ୍ସ ଯୋଡ଼ି ଅଭୟ ଓ ଅନାହତ ସେମାନଙ୍କ ଫାଇନାଲ ଜିତି ଭାରତକୁ କ୍ଲିନ୍ ସୁଇପ୍ ଟାଇଟଲ ବିଜୟୀ କରାଇଥିଲେ। ସେମାନେ ମାଲେସିଆର ରାଚେଲ ଆର୍ନୋଲ୍ଡ ଓ ଆମିସେନରାଜ ଚନ୍ଦ୍ରନଙ୍କୁ ୨-୦ (୧୧-୯, ୧୧-୭)ରେ ମାତ୍ର ୨୮ ମିନିଟ୍‌ରେ ପରାସ୍ତ କରିଥିଲେ। ଏହି କ୍ରମରେ ଅଭୟ ଓ ଅନାହତ ଚାମ୍ପିୟନଶିପ୍‌ରେ ସେମାନଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଥିଲେ।

## ଓଡ଼ିଶାର ଗୌତମ କୋଚ୍

ସୂଚନାଯୋଗ୍ୟ, ଭାରତୀୟ ଦଳ ସହିତ କୋଚ୍ ଭାବେ ଯାଇଛନ୍ତି ଓଡ଼ିଆ ପୁଅ ଗୌତମ ଦାସ। କେନ୍ଦ୍ରାପଡ଼ା ଜିଲାର ମୂଳ ନିବାସୀ ଗୌତମ। ସେ ଗତ ୧୫ବର୍ଷ ଧରି ଭାରତୀୟ ଦଳ ସହ ଜଡ଼ିତ ଅଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୭/୨୦୨୫ (୧୨+୮=୨୦ ପୃଷ୍ଠା) Bhubaneswar, Friday, June 27/2025 Page 20 ₹ 7.00 | RAYAGADA

୫୧ଶ ଭାଗ ୨୧୨ ସଂଖ୍ୟା VOLUME 51 ISSUE 212 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul


# ଇଞ୍ଜୁଡ଼ି, ବାହୁଦାରେ ହେବ ବନ୍ଦର

■ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ସରକାର ପ୍ରାଥମିକତା ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

■ ଗୋପାଳପୁର ବନ୍ଦର ଉନ୍ନତୀକରଣ, ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର,୨୬।୬(ସୁନିତ୍ ମିଶ୍ର)

ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ରାଜ୍ୟ ସରକାର ଘରୋଇ କମ୍ପାନୀଗୁଡ଼ିକ ସହ ସହଭାଗିତା ଭିତ୍ତିରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମେ ଆଗାମୀ ଦିନରେ ଇଞ୍ଜୁଡି ଓ ବାହୁଦାଠାରେ ୨ଟି ନୂଆ ବନ୍ଦର ପ୍ରତିଷ୍ଠା କରାଯିବ। ସେହିପରି ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି ବୋଲି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

ଗୋପାଳପୁର ବନ୍ଦର ଉନ୍ନତୀକରଣ ଏବଂ ଜଟାଧାର ମୁହାଣରେ କ୍ୟାପ୍ଟିଭ୍ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରତିଷ୍ଠା ପୂର୍ବକ ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଜଟାଧାର ମୁହାଣଠାରେ ଏକ କ୍ୟାପ୍ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତୀକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ନିୟୁତ ମେଟ୍ରିକ ଟନ ହେବ। ଏହା ମାଧ୍ୟମରେ ପ୍ରାୟ ୫ ହଜାର ଯୁବତୀ ଯୁବକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟିହେବ। ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ପ୍ରେସିଡେଣ୍ଟ ଅନିଲ କୁମାର ସିଂ ଏବଂ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜ୍‌ନେସ୍ ହେଡ୍ ସନ୍ଦିପ ଜୟସ୍ୱାଲ ଏବଂ ଓଡିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଘରୋଇ କମ୍ପାନୀ ସହ ସହଭାଗିତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଜୁଡି ଓ ବାହୁଦାଠାରେ ୨ଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଏବଂ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଓଡ଼ିଶାର ସାମଗ୍ରିକ ବିକାଶରେ ବନ୍ଦର ଓ ଜେଟି ଉନ୍ନତୀକରଣର ଏକ ପ୍ରମୁଖ ଭୂମିକା ରହିଛି।










# ଆଜି ପହଣ୍ଡି, କାଲି ରଥଟଣା

## ବାରିପଦାରେ ନିଆରା ରଥଟଣା



ରଥଯାତ୍ରା ପାଇଁ ପ୍ରସ୍ତୁତ ତିନିରଥ ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ନୀତିକାନ୍ତି ପୁରୀ ଜଗନ୍ନାଥ ମନ୍ଦିର ଭଳି ଅନୁଷ୍ଠିତ ହୋଇଥାଏ। ଶ୍ରୀଜୀଉମାନେ ଶ୍ରୀଗୁଣ୍ଡିଚା ଦିନ ପହଣ୍ଡିରେ ରଥକୁ ଆସନ୍ତି। ସେଦିନ ରଥ ଟଣା ହୁଏନି। ତା ପରଦିନ ରଥ ଟଣା ହେବା ନିଆରା ପରମ୍ପରା ସୃଷ୍ଟି କରିଛି। ଗୁରୁବାର ନେତ୍ରୋତ୍ସବ ସମ୍ପନ୍ନ ହୋଇଛି। ତିନି ଚିତ୍ରଶିଳ୍ପୀ ମହାପାତ୍ର ସେମାନଙ୍କର ନେତ୍ରନୀତି ସମ୍ପନ୍ନ କରିବା ପରେ ମନ୍ଦିରର ପରିଚ୍ଛା, ପୁରୋହିତ ଓ ପୂଜକଙ୍କ ଉପସ୍ଥିତିରେ ସେବାୟତଗଣ ଶଙ୍ଖ, ଘଣ୍ଟ, ଘଣ୍ଟା ଓ କାହାଳୀ ଧ୍ୱନିରେ ନୀତିକାନ୍ତି ତୁଲାଇଥିଲେ। ଏହାପରେ ନବଯୌବନ ଦର୍ଶନ ଏବଂ ସନ୍ଧ୍ୟାରେ ସୁନା ବେଶ ଅନୁଷ୍ଠିତ ହୋଇଥିଲା।

ରଥ ପଡ଼ିଆରେ ତିନି ରଥକାର୍ଯ୍ୟ ଜୋରସୋରରେ ଚାଲିଛି। ରଥରେ ପିତୁଳାମାନଙ୍କୁ ସେମାନଙ୍କ ସ୍ଥାନରେ ଲଗା ଯାଇଥିବା ବେଳେ ସିଂହାସନ କାର୍ଯ୍ୟ ଶେଷ ହୋଇଛି। ରଥରେ କନା ବା ଚାନ୍ଦୁଆ ଲାଗି ଆରମ୍ଭ ହୋଇଛି। ବିଭିନ୍ନ ରଙ୍ଗରେ ଚିତ୍ର ମାଧ୍ୟମରେ ଚିତ୍ରକରଙ୍କ ଆକର୍ଷଣୀୟ ରୂପ ପ୍ରଦାନ ପରେ ବଡ଼ଦାଣ୍ଡ ଝଲସୁଛି। ଅପରପକ୍ଷରେ ରଥଯାତ୍ରା ପୂର୍ବରୁ ବାରିପଦା ସହରରେ ଜନସମାଗମ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ପସରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ପୋଲିସ ଅଧିକାରୀଙ୍କ ସହିତ ବୈଠକ ପରେ ଟ୍ରାଫିକ ନିୟନ୍ତ୍ରଣ ଓ ପୋଲିସ ମୁତୟନ ପ୍ରସ୍ତୁତି ଶେଷ କରିଛନ୍ତି।

**– ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ, ବାରିପଦା**

# ନବଯୌବନ ଦର୍ଶନ ଦେଲେ ମହାପ୍ରଭୁ



ଆଷାଢ଼ ଶୁକ୍ଳ ପ୍ରତିପଦା ତିଥି ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁ ନବଯୌବନ ଦର୍ଶନ ଦେଇଛନ୍ତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ୨୦ ମିନିଟ ପୂର୍ବରୁ ପାରିମାଣିକ ଓ ସର୍ବସାଧାରଣ ଦର୍ଶନ ହୋଇଥିଲା। ୧୫ ଦିନର ଅଣସର ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ଆନନ୍ଦିତ ହୋଇପଡ଼ିଥିଲେ ଭକ୍ତ।

ସକାଳେ ଚକା ଅପସର, ମଙ୍ଗଳ ଆଳତି ସରି ଅବକାଶ ପୂଜା, ମଇଲମ ନୀତି ପରେ ତାଟି ଫିଟିଥିଲା। ଅବକାଶ, ଦଶାବତାର ଦିଅଁ ବାହୁଡ଼ା ବିଜେ ହୋଇ ସକାଳ ୭ଟା ୪୦ରେ ପାରିମାଣିକ ଦର୍ଶନ ଏବଂ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପାରିମାଣିକ ଟିକେଟ ଦର୍ଶନ ସରିବା ପରେ ବ୍ୟାରିକେଡ୍‌ରେ ଅପେକ୍ଷା କରିଥିବା ଶ୍ରଦ୍ଧାଳୁଙ୍କୁ ଛଡ଼ାଯାଇଥିଲା। ସାହାଣମେଳା ବା ସର୍ବସାଧାରଣ ଦର୍ଶନରେ ଭକ୍ତମାନେ ମହାପ୍ରଭୁଙ୍କୁ ଅତି ନିକଟରୁ ଦର୍ଶନ କରି ନିଜକୁ କୃତାର୍ଥ ମନେ କରିଥିଲେ। ସର୍ବସାଧାରଣ ଦର୍ଶନ ପରେ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ବିଶେଷ ରୀତିନୀତି ରହିଥିବାରୁ ଦର୍ଶନ ବନ୍ଦ ରହିଥିଲା। ତେବେ ଭକ୍ତମାନେ ଶ୍ରୀମନ୍ଦିର ପରିସରକୁ ଯାଇ ଭିତରବେଢା ବୁଲି ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଓ ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

**– ରିପୋର୍ଟ: ଅଜିତ୍ କୁମାର ମହାନ୍ତି, ପୁରୀ**



















ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ ୨୭/୨୦୨୫ | Bhubaneswar, Friday, June 27/2025 | ପୃଷ୍ଠା-୧


## ଅଳକାନନ୍ଦା ନଦୀକୁ ଖସିଲା ତୀର୍ଥଯାତ୍ରୀ ବସ୍: ୩ ମୃତ, ୯ ନିଖୋଜ



ରୁଦ୍ରପ୍ରୟାଗ, ୨୬।୬

ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ୧୯ ଜଣ ତୀର୍ଥଯାତ୍ରୀଙ୍କୁ ଧରି ଉତ୍ତରାଖଣ୍ଡର ବଦ୍ରିନାଥକୁ ଯାଉଥିବା ଏକ ବସ୍ ଗୁରୁବାର ସକାଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍‌ସହ ମାଡ଼ ହୋଇ ଅଳକାନନ୍ଦା ନଦୀକୁ ଖସିପଡ଼ିଛି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗରୁ ଗୌଚର ମଧ୍ୟରେ ଥିବା ବଦ୍ରିନାଥ ଜାତୀୟ ରାଜପଥସ୍ଥିତ ଘୋଲ୍ଟିର ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ଅଳକାନନ୍ଦା ନଦୀରୁ ଉଦ୍ଧାରକାରୀ ଦଳ ୩ ମୃତଦେହକୁ ଉଦ୍ଧାର କରିଥିବା ବେଳେ ଏବେ ମଧ୍ୟ ୯ ଜଣ ନିଖୋଜ ରହିଛନ୍ତି। ନିଖୋଜ ଥିବା ବ୍ୟକ୍ତିଙ୍କର ବଞ୍ଚିବା ସମ୍ଭାବନା କମ୍ ବୋଲି ରୁଦ୍ରପ୍ରୟାଗ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂ ରାଜ୍‌ୱାର କହିଛନ୍ତି। ଆହତ ଅବସ୍ଥାରେ ୮ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରେ ବସ୍ ଡ୍ରାଇଭର ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୪ ଜଣଙ୍କୁ ଏମ୍ସ ଋଷିକେଶକୁ ଏୟାରଲିଫ୍ଟ କରାଯାଇଛି।

## ବିମାନ ଦୁର୍ଘଟଣା: ବ୍ଲାକ୍‌ବକ୍ସରୁ ଡେଟା ଡାଉନ୍‌ଲୋଡ୍ ହେଲା

ନୂଆଦିଲ୍ଲୀ, ୨୬।୬

ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନର ସମ୍ମୁଖ ଭାଗରେ ଥିବା ବ୍ଲାକ୍‌ବକ୍ସରୁ ବୁଧବାର ତଥ୍ୟ ଡାଉନ୍‌ଲୋଡ୍ କରାଯିବା ପରେ ତାହାର ଅନୁଶୀଳନ କରାଯାଉଛି। କେଉଁ କାରଣରୁ ଦୁର୍ଘଟଣା ଘଟିଲା ଏବଂ ଏଥିପାଇଁ କିଏ ଦାୟୀ ଥିଲା, ତାହା ଉକ୍ତ ଡେଟା ଅନୁଧ୍ୟାନରୁ ଜଣାପଡ଼ିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ବିମାନର ସୁରକ୍ଷାକୁ ବଢ଼ାଯିବା ସହ ଭବିଷ୍ୟତର ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଗୁରୁବାର କହିଛି। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ଡିଜିଙ୍କ ନେତୃତ୍ୱରେ ଏବଂ ଆମେରିକାର ନ୍ୟାଶନାଲ ଟ୍ରାନ୍ସପୋର୍ଟ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି)ର ବୈଷୟିକ ସଦସ୍ୟମାନଙ୍କ ସହଯୋଗରେ ତଦନ୍ତ ଜାରି ରହିଛି। ବୁଧବାର ସମ୍ମୁଖ ବ୍ଲାକ୍‌ବକ୍ସରୁ ସୁରକ୍ଷିତ ଭାବେ କ୍ରାସ୍ ପ୍ରୋଟେକ୍ସନ ମଡ୍ୟୁଲ୍ ବାହାର କରାଯାଇ ସେଥିରୁ ଡେଟା ଡାଉନ୍‌ଲୋଡ୍ କରାଯାଇଛି।

# ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ ଜାରି

**ଜୁନ୍ ୨୨ରେ ଆମେରିକାର ବି-୨ ବମ୍ବର ଇରାନ୍‌ର ୩ ଆଣବିକ କେନ୍ଦ୍ର ଉପରେ ଷ୍ଟ୍ରାଇକ୍ କରିଥିବାବେଳେ ଏହା ପୂର୍ବରୁ ତମାମ୍ ଗୋଇନ୍ଦା ଏଜେନ୍ସି ଆଖିରେ ଧୂଳି ଦେଇ ତେହରାନ୍ ସେଠାରେ ମହଜୁଦ ଥିବା ୯୦୦ ପାଉଣ୍ଡ (୪୦୮ କେ.ଜି.ରୁ ଊର୍ଦ୍ଧ୍ୱ) ଏନ୍‌ରିଚ୍‌ଡ ୟୁରାନିୟମ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ସକ୍ଷମ ହୋଇଥିଲା। ଏତେ ପରିମାଣର ୟୁରାନିୟମ୍‌କୁ ନେଇ ୧୦ଟି ପରମାଣୁ ବୋମା ତିଆରି କରିବା ଇରାନ୍ ପକ୍ଷେ ଯଥେଷ୍ଟ ବୋଲି କୁହାଯାଉଛି। ଆମେରିକୀୟ ଷ୍ଟ୍ରାଇକ୍‌ର ୪ ଦିନ ପରେ ଗୁରୁବାର ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଇସ୍ରାଏଲ୍ ବିରୋଧୀ ଯୁଦ୍ଧରେ ବିଜୟ ଘୋଷଣା କରିଛନ୍ତି। ଇସ୍ରାଏଲ୍-ଇରାନ୍ ଯୁଦ୍ଧବିରତି ପରେ ପ୍ରଥମ ଥର ସର୍ବସାଧାରଣରେ ବିବୃତି ଜାରି କରି ଖାମେନେଇ କହିଛନ୍ତି, ତାଙ୍କ ଦେଶ ଆମେରିକା ମୁହଁରେ ଏକ ଶକ୍ତ ଚାପୁଡ଼ା ମାରିଛି।**

ତେହରାନ/ୱାଶିଂଟନ୍, ୨୬।୬

- ଯୁଦ୍ଧରେ ବିଜୟ ଘୋଷଣା କଲେ ଖାମେନେଇ
- ୪୦୮ କେ.ଜି. ୟୁରାନିୟମ୍ ଗୁପ୍ତ ଠିକଣାକୁ ସ୍ଥାନାନ୍ତରିତ



ଆୟାତୋଲ୍ଲା ଅଲୀ ଖାମେନେଇ

ଇରାନ୍‌ରେ ୩୫ ବର୍ଷ ଧରି କ୍ଷମତାରେ ଥିବା ୮୬ ବର୍ଷୀୟ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇ ଜୁନ୍ ୧୯ ପରେ ପ୍ରଥମ ଥର ପାଇଁ ଏକ ସରକାରୀ ଟିଭି ଚ୍ୟାନେଲରେ ସାମ୍ନାକୁ ଆସିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଖାମେନେଇ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ଇସ୍ରାଏଲ୍‌ରେ ଇହୁଦୀ ଶାସନର ପତନ ଆଶଙ୍କା କରି ଆମେରିକା ଏହି ଯୁଦ୍ଧରେ ହସ୍ତକ୍ଷେପ କରିଥିଲା। ତେବେ ଯୁଦ୍ଧରୁ ଆମେରିକାକୁ କୌଣସି ଲାଭ ମିଳିନାହିଁ। ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ଏଥିରେ ବିଜୟୀ ହୋଇଛି। ସୋମବାର କାତାରସ୍ଥିତ ଆମେରିକାର ଅଲ୍-ଉଦୈଦ୍ ବାୟୁସେନା ଘାଟିକୁ ଇରାନ୍‌ର ମିଶାଇଲ୍ ମାଡ଼କୁ ଇଙ୍ଗିତ କରି ସେ ଏପରି ମନ୍ତବ୍ୟ ଦେଇଥିବା ମନେକରାଯାଉଛି। ଖାମେନେଇଙ୍କ ଏହି ବିବୃତି ଏପରି ସମୟରେ ଆସିଛି, ଯେତେବେଳେ କି ଆମେରିକାର ଷ୍ଟ୍ରାଇକ୍ ଯୋଗୁ ଇରାନ୍‌ର ଫାର୍ଦୋ, ଇସ୍‌ଫାହାନ୍ ଓ ନତାଞ୍ଜ ଆଣବିକ କେନ୍ଦ୍ରର କ୍ଷତିକୁ ନେଇ ସନ୍ଦେହ ଉପୁଜିଛି। ୩ ଆଣବିକ କେନ୍ଦ୍ରର ପ୍ରଭୂତ କ୍ଷତି ସାଧିତ ହୋଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଦାବି କରୁଥିବାବେଳେ ବୁଧବାର ହେଗ୍‌ରେ ଅନୁଷ୍ଠିତ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସମ୍ମିଳନୀରେ ସେ କ୍ଷତିର ମାତ୍ରା ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ। ଗତ ରବିବାର ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଆମେରିକାର ବି-୨ ବମ୍ବରରୁ କରାଯାଇଥିବା ଷ୍ଟ୍ରାଇକ୍ ବିଶେଷ ଫଳପ୍ରଦ ହୋଇନାହିଁ। କାରଣ ୨୨ ତାରିଖ ଭୋର ସମୟରେ ଏହି ଆକ୍ରମଣ କରାଯିବା ପୂର୍ବରୁ ଇରାନ୍ ୧୬ଟି ଟ୍ରକ୍ ଯୋଗେ ୪୦୮ କେ.ଜି.ରୁ ଅଧିକ ୟୁରାନିୟମ୍‌କୁ ସ୍ଥାନାନ୍ତର କରିବାରେ ସକ୍ଷମ ହୋଇଥିଲା। ସାଟେଲାଇଟ୍ ଚିତ୍ରକୁ ଅନୁଧ୍ୟାନ କରି ଇସ୍ରାଏଲୀ ଇଣ୍ଟେଲିଜେନ୍ସ ମଧ୍ୟ ଏହି ବିଷୟ ସ୍ପଷ୍ଟ କରିଛି। ଏତେ ପରିମାଣର ୟୁରାନିୟମ୍‌କୁ ନେଇ ଇରାନ୍ ଅନ୍ୟୁନ ୧୦ଟି ଆଣବିକ ଅସ୍ତ୍ର ନିର୍ମାଣ କରି ନିଜ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିପାରିବ ବୋଲି 'ନ୍ୟୁୟର୍କ ଟାଇମ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, ୟୁରାନିୟମ୍ ଭଗ୍ନାବଶେଷ ତଳେ ଚାପିହୋଇ ରହିଥାଇପାରେ କିମ୍ବା ଅନ୍ୟତ୍ର ବୁହାହୋଇ ନିଆଯାଇ ଥାଇପାରେ। ଅନ୍ୟପକ୍ଷେ ୟୁରାନିୟମ୍ ଆମେରିକୀୟ ଷ୍ଟ୍ରାଇକ୍‌ରୁ ବର୍ତ୍ତିଯାଇଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ମୁଖ୍ୟ ରାଫେଲ ଗ୍ରସି ପ୍ରକାଶ କରିଛନ୍ତି। ଏଥିସହ ସେ ପୁନର୍ବାର ୟୁରାନିୟମ୍ ମହଜୁଦ୍ ଥିବା ସ୍ଥଳକୁ ପରିଦର୍ଶନ ପାଇଁ ଦାବି କରିଥିବାବେଳେ ବୁଧବାର ଇରାନ୍ ପାର୍ଲାମେଣ୍ଟରେ ଗୃହୀତ ଏକ ବିଲ୍ ଅନୁଯାୟୀ, ଇରାନ୍ ନିଜ ଆଣବିକ କାର୍ଯ୍ୟକ୍ରମ ଜାରି ରଖିବ।

## ଏସ୍‌ସିଓ ମିଳିତ ଘୋଷଣାନାମାରେ ସ୍ୱାକ୍ଷର କଲାନି ଭାରତ

କିଙ୍ଗ୍‌ଡାଓ, ୨୬।୬(ପି.ଟି.)



ରାଜନାଥ ସିଂ

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ମିଳିତ ଘୋଷଣାନାମାରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସ୍ଥାନ ନ ପାଇବା ଏବଂ ପାକିସ୍ତାନ ସମର୍ଥିତ ସୀମାପାର ଆତଙ୍କବାଦକୁ ନେଇ ଭାରତର ଉଦ୍‌ବେଗକୁ ସ୍ପଷ୍ଟ ଭାବେ ସମାଧାନ କରାଯାଇ ନ ଥିବାରୁ ଏଥିରେ ଭାରତ ସ୍ୱାକ୍ଷର କରିନାହିଁ। ମିଳିତ ଘୋଷଣାନାମାରେ ସ୍ୱାକ୍ଷର କରିବାକୁ ଗୁରୁବାର ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମନା କରିଦେବା ପରେ ଚାଇନାର କିଙ୍ଗ୍‌ଡାଓଠାରେ ଅନୁଷ୍ଠିତ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀ ବିନା ଘୋଷଣାନାମାରେ ଶେଷ ହୋଇଛି।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜନାଥ କହିଥିଲେ, ଏସ୍‌ସିଓ ସଦସ୍ୟମାନେ ଆତଙ୍କବାଦକୁ ସ୍ପଷ୍ଟ ଭାବେ ନିନ୍ଦା କରିବା ସହ ସବୁ ପ୍ରକାର ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ଭାରତର ସଂକଳ୍ପକୁ ସ୍ୱୀକୃତି ଦେବା ଜରୁରୀ। ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାର ଆତଙ୍କବାଦରେ ସମ୍ପୃକ୍ତ ଅପରାଧୀ, ଆୟୋଜକ, ପାଣ୍ଠି ଯୋଗାଣକାରୀ ଏବଂ ପ୍ରାୟୋଜକମାନଙ୍କୁ ଉତ୍ତରଦାୟୀ କରାଯାଇ ସେମାନଙ୍କୁ ଆଇନର କାଠଗଡ଼ାକୁ ଆଣିବା ଆବଶ୍ୟକ ବୋଲି ରାଜନାଥ କହିଥିଲେ। କେତେକ ଦେଶ ସୀମାପାର ଆତଙ୍କବାଦକୁ ନୀତିର ମାଧ୍ୟମ ଭାବେ ବ୍ୟବହାର କରିବା ସହ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଯୋଗାଇଦେଉଛନ୍ତି। ଏଭଳି ଦୋମୁହାଁ ନୀତି ସ୍ଥାନ ପାଇବା ଉଚିତ ନୁହେଁ ଏବଂ ଏସ୍‌ସିଓ ଏଭଳି ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରିବାରେ କୁଣ୍ଠା ନ କରୁ। ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କ ହାତରେ ଗଣବିଧ୍ୱଂସୀ ଅସ୍ତ୍ରର ପ୍ରସାର ସହ ଶାନ୍ତି ଓ ସମୃଦ୍ଧି ଏକାଠି ରହିପାରିବ ନାହିଁ ବୋଲି ରାଜନାଥ କହିଥିଲେ। ଭାରତରେ ପୂର୍ବରୁ ଲସ୍କର-ଇ-ତୋଇବା କରିଥିବା ଆତଙ୍କବାଦୀ ଆକ୍ରମଣ ସହ ପହଲଗାମ ଆକ୍ରମଣ ଶୈଳୀର ସାମଞ୍ଜସ୍ୟ ରହିଛି। ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରି ଆତଙ୍କବାଦ ବିରୋଧରେ ଏହାର ଅଧିକାରକୁ କାର୍ଯ୍ୟକାରୀ କରିଥିବା ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ସମ୍ମିଳନୀରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାୱାଜା ଆସିଫ୍ ଏବଂ ଚାଇନା ପ୍ରତିରକ୍ଷାମନ୍ତ୍ରୀ ଡୋଙ୍ଗ୍ ଜୁନ୍ ଉପସ୍ଥିତ ଥିଲେ।

## ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଅପରେଶନ ସିନ୍ଦୂର ତଥ୍ୟ ଦେଇଥିବା ନୌସେନା କିରାଣି ଗିରଫ

ଜୟପୁର, ୨୬।୬(ପି.ଟି.)



ବିଶାଳ ଯାଦବ

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଜଣେ ଏଜେଣ୍ଟଙ୍କୁ ଟଙ୍କା ବଦଳରେ ଅପରେଶନ ସିନ୍ଦୂର ସମେତ ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ବିବରଣୀ ଦେଇଥିବା ଭାରତୀୟ ନୌସେନାର କିରାଣି ବିଶାଲ ଯାଦବଙ୍କୁ ବୁଧବାର ଜୟପୁରରୁ ଗିରଫ କରାଯାଇଛି। ସେ ନୌସେନାର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ନିଯୁକ୍ତ ହୋଇଥିଲେ। ଦୀର୍ଘ ମାସ ଧରି ନଜର ରଖିବା ପରେ ରାଜସ୍ଥାନ ପୋଲିସର ଗୋଇନ୍ଦା ବିଭାଗ ଭିଶାଲଙ୍କୁ ଗିରଫ କରିଥିବା ଗୁରୁବାର ପୋଲିସ ଆଇଜି ବିଷ୍ଣୁକାନ୍ତ ଗୁପ୍ତା କହିଛନ୍ତି। ବିଶାଙ୍କ ଘର ହରିୟାଣାର ରେୱାରିରେ। ଭାରତୀୟ ମହିଳା ଭାବେ ପରିଚୟ ଦେଉଥିବା ପାକିସ୍ତାନୀ ମହିଳା ହ୍ୟାଣ୍ଡଲରଙ୍କୁ ସେ ପ୍ରତିରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଥିଲେ। ଏଥିପାଇଁ ସେ ମୋଟ ୨ ଲକ୍ଷ ଟଙ୍କା ଗ୍ରହଣ କରିଥିବା ସ୍ୱୀକାର କରିଛନ୍ତି। ଅପରେଶନ ସିନ୍ଦୂର ତଥ୍ୟ ଦେବା ପାଇଁ ସେ ୫୦,୦୦୦ ଟଙ୍କା ପାଇଥିଲେ ବୋଲି କହିଛନ୍ତି। ତାଙ୍କ ବିରୋଧରେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ମିଳିତ ତଦନ୍ତ କରିବେ ବୋଲି ଜଣାପଡ଼ିଛି।

## ୧୪.୪ ଲକ୍ଷ ପିଲା ଆଦୌ ଟିକା ନେଇନାହାନ୍ତି

### ନାଇଜେରିଆ ପରେ ଦ୍ୱିତୀୟ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୬।୬



ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ପିଲା ଭାରତରେ ଗୁରୁତ୍ୱପୂର୍ଣ୍ଣ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ଲାନ୍‌ସେଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ଭାରତରେ ୧୪.୪ ଲକ୍ଷ ପିଲା ଗୁରୁତ୍ୱପୂର୍ଣ୍ଣ ଟିକାର ଗୋଟିଏ ବି ଡୋଜ୍ ନେଇ ନାହାନ୍ତି। ସେମାନଙ୍କୁ ଜିରୋ-ଡୋଜ୍ ପିଲା କୁହାଯାଉଛି। ଟିକାରୁ ବଞ୍ଚିତ ହୋଇଥିବା ସର୍ବାଧିକ ପିଲା ସଂଖ୍ୟାରେ ନାଇଜେରିଆ ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପିଲାମାନେ ସାଧାରଣ ରୋଗ ସମେତ ଜୀବନ ପ୍ରତି ବିପଦ ଥିବା ରୋଗରୁ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଜିରୋ-ଡୋଜ୍ ପିଲା ମୁଖ୍ୟତଃ ସମାଜର ବଞ୍ଚିତ ବର୍ଗର। ସେମାନେ ହୁଏତ ଦୁର୍ଗମ ଅଞ୍ଚଳ, ସହର ବସ୍ତି କିମ୍ବା ଯୁଦ୍ଧ ପ୍ରଭାବିତ ଅଞ୍ଚଳର ହୋଇଥିବେ, ସେଠାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଅତି ଦୁର୍ବଳ ଥିବ କିମ୍ବା ଅତ୍ୟଧିକ ସାମାଜିକ ଅସମାନତା ରହିଥିବ। ଅଧିକାଂଶ ଘଟଣାରେ ପରିବାର ଲୋକେ ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ ନୁହନ୍ତି କିମ୍ବା ନିକଟବର୍ତ୍ତୀ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ପହଞ୍ଚିବା ସୁବିଧା ନାହିଁ। ଗତ ୨ ଦଶନ୍ଧିରେ ଭାରତ ଟିକା-ପ୍ରତିକାରଯୋଗ୍ୟ ରୋଗ କମାଇବାରେ ବେଶ୍ ଅଗ୍ରଗତି କରିଥିଲା। ତେବେ କୋଭିଡ୍ ମହାମାରୀ ଯୋଗୁ ଏହି ନିୟମିତ ଟିକାକରଣ କାର୍ଯ୍ୟକ୍ରମ ଗୁରୁତର ବାଧାପ୍ରାପ୍ତ ହୋଇଥିଲା। ଲକ୍‌ଡାଉନ୍, ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାର ଭୟ, ହସ୍ପିଟାଲଗୁଡ଼ିକରେ ଅତ୍ୟଧିକ ଚାପ ଏବଂ ମହାମାରୀ ପରିଚାଳନାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଯୋଗୁ ଟିକାକରଣରେ ଦ୍ରୁତ ହ୍ରାସ ଦେଖାଦେଇଥିଲା ବୋଲି ଲାନ୍‌ସେଟ ରିପୋର୍ଟରେ କୁହାଯାଇଛି। ସାରା ବିଶ୍ୱରେ ଜିରୋ-ଡୋଜ୍ ପିଲା ସଂଖ୍ୟା ୧୫୭ ଲକ୍ଷ ହୋଇଥିବାବେଳେ ସେଥିରୁ ଅର୍ଦ୍ଧାଧିକ ହେଉଛନ୍ତି ନାଇଜେରିଆ, ଭାରତ ସମେତ ୮ ଦେଶର। ନାଇଜେରିଆରେ ଆଦୌ ଟିକା ନେଇଥିବା ପିଲାସଂଖ୍ୟା ସର୍ବାଧିକ ୨୫ ଲକ୍ଷ ରହିଛି। ତୃତୀୟ ସ୍ଥାନରେ ଥିବା କଙ୍ଗୋରେ ଏହି ସଂଖ୍ୟା ୮.୮୨ ଲକ୍ଷ ହୋଇଥିବାବେଳେ ଇଥିଓପିଆରେ ୭.୮୨ ଲକ୍ଷ, ସୋମାଲିଆରେ ୭.୧୦ ଲକ୍ଷ, ସୁଦାନରେ ୬.୨୭ ଲକ୍ଷ, ଇଣ୍ଡୋନେସିଆରେ ୫.୩୮ ଲକ୍ଷ ଏବଂ ବ୍ରାଜିଲରେ ୪.୫୨ ଲକ୍ଷ ରହିଛି। ଭାରତରେ ୨୦୨୧ରେ ଜିରୋ-ଡୋଜ୍ ପିଲା ସଂଖ୍ୟା ୨୭ ଲକ୍ଷ ଥିବାବେଳେ ୨୦୨୨ରେ ୧୬ ଲକ୍ଷକୁ କମିଥିଲେ। ଦେଶରେ ଇନ୍ଦ୍ରଧନୁଷ ମିଶନ ଭଳି କାର୍ଯ୍ୟକ୍ରମ ସହ ସୁଦୃଢ଼ ଜନସ୍ୱାସ୍ଥ୍ୟ ରେକର୍ଡ ସତ୍ତ୍ୱେ ଜିରୋ-ଡୋଜ୍ ପିଲା ସଂଖ୍ୟା ଯଥେଷ୍ଟ ଅଧିକ ରହିଛି।


DADLS-36





ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)





ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0819/2526



# ପତିତପାବନ

## ଭାବରର ବାନା

ସ୍ଥୂଳ ଦୃଷ୍ଟିରେ ଦେଖିଲେ ଖଣ୍ଡେ ତ୍ରିକୋଣକାର ନାଲି କିମ୍ବା ହଳଦିଆ ରଙ୍ଗର କପଡ଼ା ମାତ୍ର। ତା'ର ନାମ ଧ୍ୱଜା, ନେତ, ପତାକା ଓ ବାନା। ମଝିରେ ଚନ୍ଦ୍ରବିନ୍ଦୁ ଚିହ୍ନ ଥିବା ଦୁଇଧାରର ଶେଷ ବିନ୍ଦୁରେ ଏକ ଫୁଲ ଲାଗିଥିବା ସେହି କପଡ଼ାର ଲମ୍ବ ହୋଇପାରେ ଚାରି ହାତ ବା ଚଉଦ ହାତ ଅଥବା ଶହେ ବାର ହାତ। କୋଶେ ଦୂରରୁ ତାକୁ ଦର୍ଶନ କଲେ ମନରେ ଦିବ୍ୟଭାବ ଜାଗିଉଠେ ଆଉ ଦୁଇ ହାତ ଆପଣାଛାଏଁ ଉଠିଯାଏ ଭକ୍ତିରେ ପ୍ରଣିପାତ ମୁଦ୍ରାରେ। ସେ ହେଉଛି ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ଉପରେ ନିରନ୍ତର ଫରଫର ଉଡୁଥିବା 'ପତିତପାବନ ବାନା'। ସେ ବାନା ସନ୍ଦର୍ଶନରେ ସମସ୍ତେ ବିହ୍ୱଳିତ ହୁଅନ୍ତି। ନୀଳଚକ୍ର ଓ ତତୋଃପର ପତିତପାବନ ବାନା ଶ୍ରୀମନ୍ଦିରର ସର୍ବଗ୍ରାହ୍ୟ ପରିଚିତ। ଦକ୍ଷିଣ ଦିଗରୁ ସମୁଦ୍ର ପ୍ରେରିତ ପବନରେ ସର୍ପିଳ ଗତିରେ ଉଡ଼ି ମହାପ୍ରଭୁଙ୍କ ସ୍ତୁତିଗାନ କରେ, ଚଳମାନ ସଂସାରର ସ୍ଥିତି ଜାହିର କରେ। ଆଉ ଭକ୍ତମାନଙ୍କ ମନରେ ବିଭୁପ୍ରେମ ଅଫୁରନ୍ତ ପୁଲକ ଭରିଦିଏ ଏହି ପତିତପାବନ ବାନା। ନୀଳଚକ୍ର ସ୍ଥିରତାର ପ୍ରତୀକ ଏବଂ ବାନା ସକ୍ରିୟତାର ନିଦର୍ଶନ, ଆଧ୍ୟାତ୍ମିକତାର ସମୁଚିତ ଉଦାହରଣ। ନୀଳଚକ୍ରର ଆକୃତି ଏବଂ ତତ୍‌ସହିତ ପବନରେ ଦୋଳାୟମାନ ପତିତପାବନ ବାନା ଉଭ [illegible] ... ହୋଇଛନ୍ତି ଏହି [illegible] ବାସଗୃହର ଛାତ ଉପ [illegible] ବାଟେ ଦର୍ଶନ କରିବା [illegible] ଆଶା। ବିଭିନ୍ନ ହୋଟେଲ [illegible] ନୀଳଚକ୍ରର ଦର୍ଶନ ମିଳିଲେ ତାହା ଯାତ୍ରୀମାନଙ୍କ ପାଇଁ ଅତିରିକ୍ତ ସୁବିଧା ବୋଲି ବୁଝାଏ। ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ଅବା ଅନେକ ମଠର ମହନ୍ତମାନଙ୍କର ଆସ୍ଥାନମାନ ଯୋଜନାବଦ୍ଧ ଭାବରେ ନୀଳଚକ୍ର ଦର୍ଶନକୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବାର ଜଣାଯାଏ, ଯାହା ଏବେ ବିପନ୍ନ ପ୍ରାୟ। ଦୂରରେ ଥାଇ ଜଣେ ବ୍ରାହ୍ମଣ ହାତରେ ନୈବେଦ୍ୟ ଧରି ନୀଳଚକ୍ରକୁ ଚାହିଁ ଉତ୍ସର୍ଗ କରିଦେଲେ ତାହା ଭୋଗ ହୋଇଯାଏ। ଏହି ଭୋଗକୁ ଚକ୍ର ମଣୋହି କୁହାଯାଏ। ଶ୍ରୀମନ୍ଦିର ନୀତିକାନ୍ତି ସହିତ ନୀଳଚକ୍ର ତଥା ପତିତପାବନ ବାନା ସମ୍ପର୍କ ଅଭେଦ୍ୟ। ବାନା ପବନରେ ଚିରି ଉଡ଼ିଗଲେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ପୂଜା ହୋଇପାରେ ନାହିଁ। ବାନା ବିନ [illegible] ସାମୟିକ ଭାବରେ ଶ୍ରୀହୀନ ଦେଖାଯାଏ। ସବୁ [illegible] ପୁଣି ନୂଆ ବାନା ଲାଗିବା ପର୍ଯ୍ୟନ୍ତ। ସବୁଦିନ [illegible] ଦ୍ୱିପ୍ରହର ଧୂପ ପରେ ତଥା ସନ୍ଧ୍ୟା ଆଳତି ପୂ [illegible] ସେବକଙ୍କ ଦ୍ୱାରା ବଦଳାଯାଏ। ନୀଳଚକ୍ରର କେନ୍ଦ୍ର [illegible] ବାଉଁଶରେ ଏକ ମୁଖ୍ୟବାନା ସହିତ ମାଳ ଅ [illegible] ଅନେକ ମାନସିକ ବାନା ଲାଗିପାରେ। ଶ୍ରୀମ [illegible] ବାନା ସାଧାରଣତଃ ନାଲି, ହଳଦିଆ ବା ଧ [illegible] ମଝିରେ ଚନ୍ଦ୍ରବିନ୍ଦୁ ଚିହ୍ନ ରହି ଆଗରେ ଏକ ଫୁଲ [illegible] ଲମ୍ବ 'ପାଦୁକଶୋଷା' ବାନା ସବୁଠାରୁ ଦୀର୍ଘ। ଏ [illegible] ଅଗଣାରେ ଥିବା ପାଦୁକ କୁଣ୍ଡଯାଏ ଲମ୍ବିଥାଏ। [illegible] ପାଦୁକ କୁଣ୍ଡରେ ବୁଡ଼ାଇ ଯଜମାନ ସଂକଳ୍ପ କରିଥ [illegible] କାଇଦା ସ୍ୱତନ୍ତ୍ର। ଏବେ ଏହି ବାନା ପ୍ରାୟତଃ ସ୍ୱ [illegible] ପ୍ରାୟତଃ ବନ୍ଧା ଯାଉନାହିଁ। ବାନାର ଲମ୍ବ ପର୍ଯ୍ୟା [illegible] ସର୍ବାଧିକ ୧୪ ହାତ ଲମ୍ବ ବାନା ବନ୍ଧାଯାଉଛି। [illegible] ଏକ ସାହସସର୍ବସ୍ୱ ସମର୍ପିତ ସେବା। ଅଣ୍ଟାରେ [illegible] ମନ୍ଦିର ବାଡ଼ରେ ପିଠିଲଗାଇ ନୀଳଚକ୍ର ଉପରେ [illegible] ବାଉଁଶରେ ଅତ୍ୟନ୍ତ ସତର୍କତାର ସହିତ ମହା [illegible] ସେବା କରାଯାଏ। ଏଣୁ ଏହି ସେବାର ବିକଳ୍ପ ନା [illegible] ... କରିବାର ଦିବ୍ୟ ଅନୁଭବ କରନ୍ତି। ଅନେକ ଭକ୍ତ ସେମାନଙ୍କଠାରୁ ପୁରୁଣା ବାନା ଖଣ୍ଡିଏ ସ୍ମାରକୀ ଆକାରରେ ନେବା ପାଇଁ ଆଗ୍ରହ ପ୍ରକାଶ କରିଥାଆନ୍ତି।

**-ଦେବୀ ପ୍ରସନ୍ନ ନନ୍ଦ,**
କୁଣ୍ଡେଇବେଣ୍ଟ ସାହି, ପୁରୀ
ମୋ: ୯୪୩୭୧୬୭୩୯୬



ଉପସ୍ଥାପନା: ବୀରଭଦ୍ର ବିଶ୍ୱାଳ, ଅଜିତ ମହାନ୍ତି | ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଶ୍ରୀମନ୍ଦିରରେ ୫ ପତିତପାବନ

ମହାପ୍ରଭୁ ଓଡ଼ିଶାରେ ୬୪ଟି ନାମରେ ପୂଜିତ ହେଉଛନ୍ତି। ତାହା ମଧ୍ୟରୁ ଶ୍ରୀପତିତପାବନ, ଶ୍ରୀଦଧିବାମନ ଓ ଶ୍ରୀଭାଗବତ ଏହି ତିନୋଟି ନାମରେ ଅନେକ ଗୁରୁତ୍ୱ ରହିଛି। ଶ୍ରୀବଳଭଦ୍ର ଅନେକ ଜାଗାରେ ବଳଦେବ ବା ବଳରାମ ଭାବରେ ଉପାସିତ ହେଉଥିବାର ଦେଖାଯାଏ। ଉଦାହରଣ ସ୍ୱରୂପ ବନଯୋଗ ବିଧିରେ ପ୍ରଥମ ଶବରପଲ୍ଲୀ ଶ୍ରୀ ପତିତପାବନ ଏକକ ବିଗ୍ରହ ଭାବରେ ଶ୍ରୀମନ୍ଦିର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉପାସିତ ହେଉଛନ୍ତି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପାସନାରେ ଶ୍ରୀପତିତପାବନ ଚେତନା ବହୁ ପୁରାତନ କାଳରୁ ରହିଆସିଛି। ସଂସ୍କୃତ ଭାର୍ଗବ ଉପପୁରାଣର ତଥ୍ୟ ଅନୁଯାୟୀ ଆଲଓ୍ୱାର ସମ୍ପ୍ରଦାୟର ଶ୍ରୀମହଦ୍‌ଯୋଗୀ ପ୍ରଥମେ ନୀଳାଦ୍ରି କ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଏହି ଗ୍ରନ୍ଥର ପୋଥିଟି ଚେନ୍ନାଇର ଆଡ୍ୟାର ଗ୍ରନ୍ଥାଳୟରୁ ମିଳିଥିଲା।

ଆଲଓ୍ୱାରମାନେ ଶ୍ରୀବିଷ୍ଣୁଙ୍କ କ୍ଷେତ୍ରକୁ 'ଦିବ୍ୟଦେଶ' କହିଥାନ୍ତି। ଦିବ୍ୟଦେଶ ପରିଦର୍ଶନ କରି ଫେରିବା ପରେ ତାଙ୍କର କନ୍ୟା ତଥା ଆଲଓ୍ୱାର ସମ୍ପ୍ରଦାୟର ଅନ୍ୟତମ ଯୋଗୀ ତାଙ୍କୁ କେଉଁ ଦିବ୍ୟଦେଶ ଶ୍ରେଷ୍ଠ ବୋଲି ପଚାରିଥିଲେ। ଶ୍ରୀନୀଳାଦ୍ରି ଦିବ୍ୟଦେଶର ଶ୍ରୀପତିତପାବନ ଚେତନା ମୋତେ ମୁଗ୍ଧ କରିଥିବାରୁ ତାହା ହିଁ ଶ୍ରେଷ୍ଠ ଦିବ୍ୟଦେଶ। ଏହି ଯୋଗୀଙ୍କର ସମୟ ଷଷ୍ଠଶତକ ବୋଲି ସମ୍ଭାବନା ହୁଏ। ନୀଳାଦ୍ରି ଶବ୍ଦର ସେ ପ୍ରଥମେ ପ୍ରୟୋଗ କରିଥିବାର ପ୍ରମାଣ ମିଳୁଅଛି।

ଶ୍ରୀମହଦ୍‌ଯୋଗୀ ଘୋଷଣା କରିଥିଲେ ଶ୍ରୀପୁରୁଷୋତ୍ତମ ହେଉଛନ୍ତି ପତିତମାନଙ୍କର ପ୍ରଭୁ। ଶ୍ରୀମାନ୍ ପତିତପାବନ। ପତିତ ଅର୍ଥକୁ ସେଠି 'ଜାତି' ଅର୍ଥରେ ଗ୍ରହଣ ନ କରି ପତିତ ମାନସିକତା ଅର୍ଥରେ ଗ୍ରହଣ କରିଛନ୍ତି। ମଣିଷର ମାନସିକତା ପତିତ ବା ନିମ୍ନାଭିମୁଖୀ ହେଲେ, ତାହାକୁ ଉପରକୁ ଉଠାଇବାକୁ ହେଲେ ଏକମାତ୍ର ଉପାୟ ହେଉଛି ପତିତପାବନ ଶ୍ରୀଜଗନ୍ନାଥଙ୍କ ଉପାସନା। ଏହି ସମୀକରଣର ସିଦ୍ଧାନ୍ତ ଘୋଷଣା କଲାବେଳକୁ ବର୍ତ୍ତମାନ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ଶ୍ରୀପତିତପାବନ ନ ଥିଲେ। କାରଣ ସିଂହଦ୍ୱାର ଗୁମୁଟ ସେହି ସମୟର ହାରାହାରି ଏକହଜାର ବର୍ଷ ପରେ ନିର୍ମିତ ହୋଇଅଛି। ବାସ୍ତବରେ ଶ୍ରୀମନ୍ଦିର ଭିତରେ ବର୍ତ୍ତମାନ ଚାରୋଟି ସ୍ଥାନରେ ଶ୍ରୀପତିତପାବନ ପୂଜା ପାଉଛନ୍ତି।

ଗୁମୁଟ ପତିତପାବନଙ୍କୁ ମିଶାଇଲେ ପାଞ୍ଚ। ଶ୍ରୀମନ୍ଦିର ବେଢ଼ାରେ ବଟଗଣେଶଙ୍କ ସମ୍ମୁଖ କଳ୍ପବଟ ମୂଳରେ 'ବଟପତିତପାବନ' ପୂଜିତ ହେଉଛନ୍ତି। ପୁରୁଣା ସେବକଙ୍କ ମତାନୁଯାୟୀ ପୂର୍ବେ ଏହି ବିଗ୍ରହ ବର୍ତ୍ତମାନର ବିଗ୍ରହ ଭଳି ବଡ଼ ନ ଥିଲେ। ଶ୍ରୀମନ୍ଦିର ଆକ୍ରମଣ କାଳରେ ଏହି ବିଗ୍ରହ ହିଁ ସ୍ୱୟଂ ଜଗନ୍ନାଥ ବୋଲି ଆକ୍ରମଣକାରୀଙ୍କୁ ଭଣ୍ଡେଇ ଦିଆଯାଇଥିବା କଥା ଇତିହାସରୁ ମିଳେ। ବିଶ୍ୱାସ ଅଛି ବଟପତିତପାବନ କଳ୍ପବଟ ପରିଧିରେ ରହି ଭକ୍ତଙ୍କ ମାନସିକତାର ସାକ୍ଷୀଦାତା ହୁଅନ୍ତି। ନାଟ ମଣ୍ଡପକୁ ଲାଗି ରହିଥିବା ପୁରାଣପଣ୍ଡାଙ୍କ ଆସ୍ଥାନ ନିକଟରେ ଥିବା ପତିତପାବନଙ୍କୁ ପୁରାଣ ପୁରୁଷୋତ୍ତମ ଶ୍ରୀପତିତପାବନ ବୋଲି କୁହାଯାଏ। ତୃତୀୟ ପତିତପାବନ ବିଜେ ହୋଇଛନ୍ତି ଶ୍ରୀନୀଳମାଧବଙ୍କ ମନ୍ଦିରରେ। ଶ୍ରୀମାଧବ ଆନନ୍ଦଦାତା ହୋଇଥିବାରୁ ମୂଳ ମାଧବଙ୍କ ସହିତ ବସିଥିବାରୁ ତାଙ୍କୁ 'ଆନନ୍ଦଦାତା ଶ୍ରୀପତିତପାବନ' କୁହାଯାଏ। ଚତୁର୍ଥରେ ଶ୍ରୀମନ୍ଦିରବେଢ଼ା ଚାରିଧାମ ମନ୍ଦିରରେ ଶ୍ରୀପତିତପାବନ ବିଜେ କରିଥିବାରୁ ତାଙ୍କୁ 'ମୋକ୍ଷଦାତା ପତିତପାବନ' କୁହାଯାଏ।

### ଶ୍ରୀପତିତପାବନଙ୍କର ହୁଏ ନବକଳେବର

ଏହି ପାଞ୍ଚ ପତିତପାବନଙ୍କର ଅଣସରବିଧି ହୁଏ। ନବକଳେବରରେ ମୋକ୍ଷଦାତା ଶ୍ରୀପତିତପାବନଙ୍କ ଶ୍ରୀଅଙ୍ଗଫିଟା ନୀତି ହୁଏ। ଗୁମୁଟ ଶ୍ରୀପତିତପାବନଙ୍କ ଅଣସର ଓ ମହାଅଣସର ଶେଷରେ ବନକଲାଗି ହୋଇଥାଏ। ଶ୍ରୀମାଧବଙ୍କ ନିକଟରେ ଉପାସିତ ଶ୍ରୀପତିତପାବନଙ୍କର ନବକଳେବର ହୋଇଥାଏ।



## ନୀଳଚକ୍ରେ ହୋ ଦେଖ ଉଡୁଛି...

ନୀଳଚକ୍ର ବା ପତିତପାବନ ବାନାକୁ କେନ୍ଦ୍ରକରି ଭାବବିହ୍ୱଳିତ କାବ୍ୟିକ କୃତି ଉପରେ ଦୃଷ୍ଟିଦେଲେ ଜଣାଯାଏ ଆମ ସାହିତ୍ୟରେ ଅନେକ ଗୀତ/ଭଜନ ଲେଖାଯାଇଛି। ଭକ୍ତିରସରେ ଆଉଟି ହୋଇ ଭକ୍ତକବିମାନେ ନିଜ ଅନ୍ତରର ଭାବକୁ ଭାଷାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନିବେଦିତ କରିଛନ୍ତି। କବି ଗୌରଚରଣ ଅଧିକାରୀଙ୍କ ଭାଷାରେ ତଥା ଗୁରୁ ପ୍ରଫୁଲ୍ଲ କରଙ୍କ କଣ୍ଠରେ:

'ନୀଳଚକ୍ରେ ହୋ ଦେଖ ଉଡୁଛି ବାନା, ପତିତପାବନ ନାମଟି ଯାର ନାଁ...
ଆସ ଆସ ବୋଲି ପତିତମାନଙ୍କୁ
ଡାକୁଅଛି ପରା ସଙ୍ଗାତ ଅନା
ନେତ ଧ୍ୱଜାବର ଉଡ଼େ ଫରଫର ଉଡ଼ାଇଦେଉଛି ଭବ ଯାତନା।''

କବି ନିତ୍ୟାନନ୍ଦ ଅଭିଯୋଗ କରିଛନ୍ତି-
''ପତିତଜନଙ୍କୁ ଉଦ୍ଧାରିବା ପାଇଁ ଉଡ଼ାଉଅଛ ପତାକା
ବାହୁ ଟେକି ତୁମେ ବସି ଚାହୁଁ ଚାହୁଁ
ବିପତ୍ତି ପାଉଛି ଡକା, ମହାପ୍ରଭୁ ହେ...

କବିସୂର୍ଯ୍ୟ ବଳଦେବ ରଥ ଅଭିମାନରେ ପ୍ରକାଶ କରିଛନ୍ତି-
କ୍ଷୀରମୟ ସିନ୍ଧୁ ଜେମା ପ୍ରାଣବନ୍ଧୁ ତୁମ୍ଭେ ତ ଜଗତପତି
ଟେକି ସମଦୃଷ୍ଟି ପତାକାକୁ ପୁଣି ଏକ ପକ୍ଷପାତ ରୀତି
ହେ ମହାପ୍ରଭୁ!
କେ କି ଦେଲା ମୁଁ ନ ଦେଲି
କେ କି ଦେଲା ଅବା, ମୁଁ ଅବା ନ ଦେବା
ଘେନି ଏତେ ସରି ହେଲି।

କବିସୂର୍ଯ୍ୟ ଏହି ଜଗନ୍ନାଥ ଜଣାଣ- ବ୍ୟାଜସ୍ତୁତି, କପଟ ଭର୍ତ୍ସନା। ଶେଷରେ ସେ ଜଣାନ୍ତି ''ସବୁ ତୁମ୍ଭ ଇଚ୍ଛା ସିନା / ରଖ ବା ନ ରଖ ମୋହର ଗତି ତ ପତିତପାବନ ବାନା''

ରାଜା ବୀରକେଶରୀ ଦେବ ଘୋର ନୈରାଶ୍ୟରେ ହାତ ଟେକି ଜଣାଇଛନ୍ତି-
ପତିତପାବନ ବାନା ଆଉ କେତେବେଳକୁ
ଭାସିଗଲି ଭବଜଳେ ନାବ ଦିଅ କୂଳକୁ।''

ବିଂଶ ଶତାବ୍ଦୀର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଲେଖିଛନ୍ତି-
''ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ...''।

ଆହୁରି ଅନେକ ବିଦଗ୍ଧ କବି ନୀଳଚକ୍ର ଓ ପତିତପାବନ ବାନାକୁ ନିଜର ସାରସ୍ୱତ କୃତି ମାଧ୍ୟମରେ ଜଣାଇଛନ୍ତି।

## ପତିତ-ପାବନ ଓ ପ୍ରପନ୍ନ-ପାବନ

ଭାରତର ବୈଷ୍ଣବ ପରମ୍ପରାରେ ଦୁଇଜଣ କବୀରଦାସ ଥିଲେ। ଜଣେ ଥିଲେ ଦକ୍ଷିଣଭାରତର, ଯେ କି ଶ୍ରୀରାମାନୁଜ ଆଚାର୍ଯ୍ୟଙ୍କ ସମୟର (ଅନ୍ୟତ୍ର କୁବେର ଶବ୍ଦ ବି ଅଛି)। ସେ ଶ୍ରୀବୈଷ୍ଣବ ପରମ୍ପରାରେ ବିଶ୍ୱାସ ରଖିଥିଲେ। ଆଉଜଣେ କବୀର ଥିଲେ ଉତ୍ତର ଭାରତରେ। ସେ ଶ୍ରୀରାମାନନ୍ଦ ଆଚାର୍ଯ୍ୟଙ୍କ ଶିଷ୍ୟ। ଦୁଇ କବୀରଦାସଙ୍କ ସମୟରେ ପାଖାପାଖି ଚାରିଶହ ବର୍ଷର ଫରକ ଦେଖାଯାଏ। ପୂଜ୍ୟ 'ଆଚାର୍ଯ୍ୟ' ଯେପରି ପୁରୀ ଆସିଥିଲେ, ଦୁଇଜଣଯାକ 'କବୀର' ମଧ୍ୟ ପୁରୀ ଆସିବାର ପ୍ରମାଣ ମିଳୁଛି। ତାମିଲନାଡୁର କବୀରଦାସଙ୍କ ପାଇଁ ମଧ୍ୟ ଯବନ ଶବ୍ଦ ପ୍ରୟୋଗ ହୋଇଛି। ତାହା 'ପତିତ' ଅର୍ଥରେ ବ୍ୟବହାର ହୋଇଛି। ସେ ଶ୍ରୀରାମାନୁଜଙ୍କୁ ଗୁରୁ ଭାବରେ ଗ୍ରହଣ କରି ତାଙ୍କଠୁ ଢେର ରାସ୍ତା ପାଇଥିଲେ ଜୀବନକୁ ଜୀବନଭଳି ଜିଇବା ପାଇଁ। ଆରମ୍ଭ କଲେ 'ଦିବ୍ୟଦେଶ'କୁ ତୀର୍ଥଯାତ୍ରା। ଶ୍ରୀବୈଷ୍ଣବେ ଶ୍ରୀବିଷ୍ଣୁ ବିରାଜିତ ହୋଇଥିବା କ୍ଷେତ୍ର ବା ଧାମକୁ 'ଦିବ୍ୟଦେଶ' ଭାବରେ ଗ୍ରହଣ କରିଛନ୍ତି। କବୀର ଦାସେ ବହୁ ଦିବ୍ୟଦେଶ ଦର୍ଶନ କରି ପହଞ୍ଚିଲେ ଶ୍ରୀରଙ୍ଗମ୍‌ରେ। ଶ୍ରୀରଙ୍ଗନାଥଙ୍କଠାରୁ ବଳି ଆଉ ଭଗବାନ କେହି ନାହାନ୍ତି, ଇୟେ ତାଙ୍କର ଆପଣା ଅନୁଭବ ଓ ବିଶ୍ୱାସର କଥା। ଢେର ଦିନ ଶ୍ରୀରଙ୍ଗନାଥଙ୍କ ଶରଣରେ ରହିଲେ। ଶ୍ରୀରଙ୍ଗନାଥଙ୍କ ବୈଭବ ଓ ମାହାତ୍ମ୍ୟ ତାଙ୍କ ବିଶ୍ୱାସକୁ ଟାଣ କରିବାରେ ସାହାଯ୍ୟ କରିଥିଲା। ଦିନେ ନିରୋଳା ବେଳାରେ ଶ୍ରୀରଙ୍ଗନାଥଙ୍କୁ 'ମୋକ୍ଷ' ମାଗି ବସିଲେ। କେବଳ ନିଜ ପାଇଁ ନୁହେଁ, ସଭିଙ୍କ ମୋକ୍ଷ କାମନା ବି କଲେ।

ଏକ ମନ, ଏକ ପ୍ରାଣ ଓ ଏକା ଲକ୍ଷ୍ୟରେ ଦିନାକେତେ ଅଧିଆ ପଡ଼ିଲେ। କିଛି ବି ଫଳ ମିଳିଲାନି, କିନ୍ତୁ ହଟିଲେନି। ବିଶ୍ୱାସ ତାଙ୍କର ଅତୁଟ ଥିଲା। ଦିନେ ହଠାତ୍ ପ୍ରଭୁଙ୍କର ବାଣୀ ତାଙ୍କୁ ବିମୋହିତ କଲା। ବସ୍। ମୁଁ କେବଳ ଶରଣାଗତ ଭକ୍ତଙ୍କୁ ମୋକ୍ଷ ଦେବାର ଅଧିକାରୀ। ମୁଁ ପ୍ରପନ୍ନ-ପାବନ। ପତିତଙ୍କୁ ପାବନ ଦେବେ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ପତିତ-ପାବନ। ଯାଅ। ସେଇଠି କି ଯାଅ।

**ପ୍ରପନ୍ନ ମୋକ୍ଷଦାନେଽହଂ ଦୀକ୍ଷିତୋ ଯବନେଶ୍ୱରଃ।**
**ପତିତାନାଂ ମୋକ୍ଷଦାନେ ଜଗନ୍ନାଥଃ ପ୍ରଦୀକ୍ଷିତମ୍।।**

ଭାଇଭଉଣୀଙ୍କୁ ସାଥୀରେ ଧରି ରତ୍ନସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି କାଳିଆ ସାଆନ୍ତ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦିଅନ୍ତି ଦର୍ଶନ। ଆରମ୍ଭ ହୁଏ ନୀଳାଚଳରୁ ସୁନ୍ଦରାଚଳକୁ ନବଦିନାତ୍ମକ ଯାତ୍ରା। ଏହାକୁ ବି କୁହାଯାଏ ପତିତପାବନ ଯାତ୍ରା...



## ପତିତପାବନ ଚେତନା

ଆଲଓ୍ୱାର ସମ୍ପ୍ରଦାୟର ଶ୍ରୀମହଦ୍‌ଯୋଗୀ ନିଜ ଧାରାରେ ପ୍ରଥମ ନିଳାଦ୍ରି କ୍ଷେତ୍ରରେ 'ପତିତପାବନ ଚେତନା' ସମ୍ବନ୍ଧରେ ଅବତାରଣା କରିଛନ୍ତି। ଏହି ଚେତନା ପରବର୍ତ୍ତୀ କାଳରେ ପଲ୍ଲବିତ ହୋଇଛି। ମୂଳରୁ ସେ ଉଦ୍‌ଘୋଷଣା କରିଥିଲେ ଶ୍ରୀପୁରୁଷୋତ୍ତମ ହେଉଛନ୍ତି ପତିତମାନଙ୍କର ପ୍ରଭୁ ଏବଂ ଶ୍ରୀମାନ ପତିତପାବନ। ଆଲଓ୍ୱାର ସାହିତ୍ୟରେ ଏହି ଦୁଇଟିଯାକ ଶବ୍ଦ ଶ୍ରୀପୁରୁଷୋତ୍ତମଙ୍କୁ ଲକ୍ଷ୍ୟ କରି ବ୍ୟବହାର କରାଯାଇଛି। ଶ୍ରୀପୁରୁଷୋତ୍ତମ ଯେପରି ପତିତମାନଙ୍କର ପ୍ରଭୁ, ସେହିପରି ନିଜେ ଶ୍ରୀମାନ୍ ପତିତପାବନ। ଏହି ସମୀକରଣ ସିଦ୍ଧାନ୍ତ ପ୍ରତିପାଦିତ ହେବା ପରେ 'ପୁରୁଷୋତ୍ତମ ଚେତନା'ର ଉଦାର ଭାବଧାରା ଆଲଓ୍ୱାର ପରିପନ୍ଥୀଙ୍କ ଉପାସନାରେ ସ୍ଥାନ ପାଇବାରେ କୌଣସି ଅସୁବିଧା ସୃଷ୍ଟି ହେଲା ନାହିଁ। ମନେହୁଏ ଏହି ଉଦାର ଭାବଧାରା ଶ୍ରୀଜଗନ୍ନାଥ ଚେତନାର ଆଲଓ୍ୱାର ସମ୍ପ୍ରଦାୟକୁ ଶ୍ରେଷ୍ଠ ଅବଦାନ। ଏହି ଗ୍ରନ୍ଥରେ 'ପତିତ' ଶବ୍ଦ ଜାତି ଅର୍ଥରେ ବ୍ୟବହୃତ ହୋଇନାହିଁ। ମାନସିକ ବିକାଶ ପ୍ରକ୍ରିୟାରେ ପତିତ, ସାଧନା ପ୍ରକ୍ରିୟାରେ ପତିତ, ଅନଗ୍ରସର ମାନସିକତା, ରୁଗ୍‌ଣ ମାନସିକତା ଓ ଦୁର୍ବଳ ମାନସିକତା ଅର୍ଥରେ ବ୍ୟବହୃତ। ଯିଏ ମାନବିକ ମୂଲ୍ୟବୋଧରେ ପତିତ। ଆଧ୍ୟାତ୍ମିକ ସାଧନାରେ ପତିତ ମାନସିକତାରୁ ଉର୍ଦ୍ଧ୍ୱାଭିମୁଖୀ ମାନସିକତାକୁ ନେଇଯିବା ହିଁ 'ପତିତପାବନ' ଚେତନା।

ଅତଏବ ଏହି ଗ୍ରନ୍ଥ ପ୍ରକାଶିତ ହେବା ପରେ ପତିତପାବନ ଚେତନା ସମ୍ବନ୍ଧରେ ଆମକୁ ପୁନଃ ମୂଲ୍ୟାୟନ କରିବାକୁ ହେବ। କାରଣ ଗଜପତି ରାମଚନ୍ଦ୍ର ଦେବ ଜାତି ପତିତ ହେବା ପରେ ସିଂହଦ୍ୱାର ଗୁମୁଟରେ ଦର୍ଶନ ପାଇଁ ପତିତପାବନ ବିଗ୍ରହ ରୂପେ ଏକାକୀ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ରଖାଯାଇଥିଲା ବୋଲି କିମ୍ବଦନ୍ତୀମୂଳକ ମତ ରହିଅଛି। ଏହା ୧୭୦୦ ମସିହାର ଦ୍ୱିତୀୟ ପରିକଳ୍ପନା। କିନ୍ତୁ ଯେତେବେଳେ ସିଂହଦ୍ୱାର ଗୁମୁଟ ନିର୍ମିତ ହୋଇ ନ ଥିଲା, ଅର୍ଥାତ୍ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟଠାରୁ ୧୦୦୦ ବର୍ଷ ପୂର୍ବେ ଭାରତର ଜଣେ ପ୍ରସିଦ୍ଧ ଯୋଗୀଙ୍କୁ ନୀଳାଦ୍ରିକ୍ଷେତ୍ରର ଶ୍ରୀପୁରୁଷୋତ୍ତମ ଚେତନାର 'ପତିତପାବନ' ତତ୍ତ୍ୱ ବିମୋହିତ କରିଥିଲା।

## ଓଡ଼ିଶାରେ ୧୧ ପତିତପାବନ ମନ୍ଦିର

କଟକ ଦୋଳମୁଣ୍ଡାଇ,
କେନ୍ଦ୍ରାପଡା
ପୋଖରିଆପଡା,
ଖୋର୍ଦ୍ଧା କାଲୁପଡାଗଡ,
ଖୋର୍ଦ୍ଧା ପଇଡପାଟଣା,
ଭୁବନେଶ୍ୱର ବଡଗଡ,
ଖୋର୍ଦ୍ଧା ମଙ୍ଗଳାଯୋଡି,
ଭୁବନେଶ୍ୱର ଲକ୍ଷ୍ମୀସାଗର,
ଜଗତ୍‌ସିଂହପୁର
ବାଲିକୁଦା, ସାଧୁବଟ
ଗୋମତୀ ଆଶ୍ରମ,
ନୟାଗଡ ଖଣ୍ଡପଡାଗଡ
ଓ ପୁରୀ ନିମାପଡ଼ାଠାରେ
ଶ୍ରୀପତିତପାବନଙ୍କ ମନ୍ଦିର
ରହିଛି।



◄ ଲକ୍ଷ୍ମୀସାଗରଠାରେ ଶ୍ରୀପତିତପାବନ।

ରାଜ୍ୟରେ ସମୁଦାୟ ୩୧୪୨ ଜଗନ୍ନାଥ ମନ୍ଦିର ଥିବାବେଳେ ୧୧ଟି ପତିତପାବନ ମନ୍ଦିର ରହିଛି।

## ଭୁବନେଶ୍ୱରକୁ ରାଜଧାନୀ କରିବା ଲାଗି ଏଠାରେ ହୋଇଥିଲା ପ୍ରଥମ ବୈଠକ

ବଡ଼ଗଡ଼ ଗ୍ରାମଟି ବର୍ତ୍ତମାନ ପୂର୍ବ ଓ ପଶ୍ଚିମ ଦୁଇ ଭାଗରେ ବିଭକ୍ତ ହୋଇ ରାଜଧାନୀ ଭୁବନେଶ୍ୱରର ଏକ ଅଂଶ ଭାବରେ ରହିଛି। ଏହି ସ୍ଥାନଟିର ନାମ ୨୫ ଶହ ବର୍ଷ ପୂର୍ବେ କ'ଣ ଥିଲା ତାହା କହି ହେଉ ନ ଥିଲେ ମଧ୍ୟ ଏହା ବର୍ତ୍ତମାନ ସମୟରେ ମହତ୍ତ୍ୱପୂର୍ଣ୍ଣ ହୋଇଆସିଛି। ଭୁବନେଶ୍ୱରର ଉତ୍ତର ଦିଗକୁ ଏହା ଖଣ୍ଡଗିରି ଓ ଧଉଳିଗିରି ମଧ୍ୟବର୍ତ୍ତୀ ପୁରାଣ ଯୁଗର କୋଶୀର ଅଂଶବିଶେଷ। ଖୋର୍ଦ୍ଧାରାଜା ପୁରୀରେ ଅବସ୍ଥାନ କରିବା ସମୟରେ ବୃହତ୍ ଗଡ଼ରୁ ପତିତପାବନ ମୂର୍ତ୍ତିକୁ ଆଣି ବଡ଼ଗଡ଼ ଗ୍ରାମବାସୀମାନଙ୍କ ହାତରେ ଅର୍ପଣ କରିଥିଲେ। ଏଠାକାର ଅଧିବାସୀମାନେ ଗଡ଼ ଦେଉଳର କନ୍ଦା ପଥରରେ ଗ୍ରାମ ମଧ୍ୟରେ ଏକ ମନ୍ଦିର କରି ପତିତପାବନଙ୍କୁ ସ୍ଥାପନ କରିଛନ୍ତି ଓ ଇଷ୍ଟ ଦେବତା ରୂପେ ପୂଜା କରି ଆସୁଛନ୍ତି। ଏହି ପତିତପାବନ ପୀଠରେ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ସତ୍ୟେନ୍ଦ୍ର ମହାନ୍ତି, ଗୋକୁଳି ଜେନା, ହାଡ଼ିବନ୍ଧୁ ହାଲି, ସୁରେନ୍ଦ୍ର ସୁନ୍ଦରାୟ, କାଳୁ ନନ୍ଦ, ବିରୂପାକ୍ଷ ନନ୍ଦ ଏବଂ ଆଖପାଖ ଗ୍ରାମର ମୁରବି ଶ୍ରେଣୀର ଲୋକମାନେ ବସି ଭୁବନେଶ୍ୱରକୁ ରାଜଧାନୀ କରିବାର ପ୍ରଥମେ ନିଷ୍ପତ୍ତି ନେଇଥିବା ଏହି ଗ୍ରାମର ବାସିନ୍ଦା ତଥା ବରିଷ୍ଠ ଚଳଚ୍ଚିତ୍ର ସମୀକ୍ଷକ ଦିଲୀପ ହାଲି କୁହନ୍ତି।



ବଡ଼ଗଡ଼ ପତିତପାବନ ମନ୍ଦିର

**- ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଫଟୋ: ବିକାଶ ନାୟକ**

## କେନ୍ଦୁଝରର ଶ୍ରୀଜୀଉଙ୍କ ନିଆରା ଭୋଗ

କେନ୍ଦୁଝର ଜିଲାର ରାଷ୍ଟ୍ରଦେବତା ଶ୍ରୀବଳଦେବଜୀଉଙ୍କୁ ଲାଗି ହେଉଥିବା ବିଭିନ୍ନ ଭୋଗ ମଧ୍ୟରୁ ଟାଟ ଭୋଗ ଓ ଖେଚୁଡ଼ି ଅନ୍ୟତମ। ମନ୍ଦିର ହେବା ଦିନଠାରୁ ଟାଟ ଭୋଗ ଲାଗି ପରମ୍ପରା ରହିଛି।

ଖିରି, କାକରା, କର୍ପୂରକେଳି, ଝିଲି ଓ ମନୋହର ଆଦି ମିଷ୍ଟାନ୍ନକୁ ଏକ ସାଙ୍ଗରେ ମିଶାଇ ଶ୍ରୀଜୀଉଙ୍କ ପାଖରେ ଲାଗି ହୋଇଥାଏ, ଯାହାକୁ ଟାଟଭୋଗ କୁହାଯାଏ। ତେବେ ଶ୍ରୀଜୀଉଙ୍କ ନିକଟରେ ଲାଗି ହେଉଥିବା ଏହି ଟାଟ ଭୋଗରେ ନିଆରା ମିଷ୍ଟାନ୍ନ ହେଉଛି କର୍ପୂରକେଳି। ପ୍ରଥମେ ଅଟା ଓ ଛେନାକୁ ଭଲ ଭାବରେ ମିଶାଇ ଏଥିରେ ଖାଣ୍ଟି ଗୁଆ ଘିଅ ଦେଇ ଗୋଲ ଗୋଲ ଆକାରରେ ଗୁଳା ତିଆରି କରାଯାଏ। ଏହାକୁ ତେଲରେ ଛାଣି ରଖାଯାଏ। କ୍ଷୀରକୁ ଭଲଭାବରେ ଫୁଟାଇ ସେଥିରେ ଚିନି ପକାଇବା ପରେ ଏହି ଗୁଳାକୁ ପକାଇ କିଛି ସମୟ ପରେ ଓହ୍ଲାଇ ଦିଆଯାଏ। ତେବେ ମନ୍ଦିର ହେବା ଦିନଠାରୁ ଅର୍ଥାତ୍ ପ୍ରାୟ ୪ ଶହ ବର୍ଷ ଧରି ଏହି ଭୋଗ ଲାଗି ହୋଇଆସୁଛି ବୋଲି ସେବାୟତ ପଞ୍ଚାନନ ସାହୁ କୁହନ୍ତି।

ସେହିପରି ଶ୍ରୀଜୀଉଙ୍କଠାରେ ଦୈନିକ ନୀତି ଭୋଗ ଭାବେ ଲାଗିହୋଇଥାଏ ଖେଚୁଡ଼ି। ଯଦିଓ ଖେଚୁଡିସବୁଆଡ଼େ ପ୍ରସ୍ତୁତ ହୋଇଥାଏ, ତେବେ କେନ୍ଦୁଝରର ଖେଚୁଡି ଭୋଗ ନିଆରା। ଏଠାରେ ଭଜା ଖେଚୁଡି, ଦଳା ଖେଚୁଡି, ରଘୁନାଥିଆ, ନଦା ଆଦି ବିଭିନ୍ନ ପ୍ରକାରର ଖେଚୁଡି ପ୍ରସ୍ତୁତ ହୋଇ ଭୋଗଲାଗି ହୋଇଥାଏ। ବଳଭଦ୍ରଙ୍କ ଭୋଗ ରାଜାଙ୍କ ଘରକୁ ଯାଇଥାଏ। ସୁଭଦ୍ରା ଓ ଜଗନ୍ନାଥଙ୍କ ଭୋଗ ବିକ୍ରି ହୋଇଥାଏ ବୋଲି ପଞ୍ଚାନନ କହିଛନ୍ତି।

**- ରିପୋର୍ଟ: ନରେଶ ପଟ୍ଟନାୟକ**



## ଗୁରୁଜଙ୍ଗର ଶ୍ରୀପତିତପାବନ

ଖୋର୍ଦ୍ଧା। ଗୁରୁଜଙ୍ଗରେ ପୂଜାପାଉଛନ୍ତି ଶ୍ରୀ ପତିତପାବନ। ଏଠାରେ ଦୀର୍ଘ ବର୍ଷ ଧରି ଠାକୁର ପୂଜା ପାଉଛନ୍ତି। ଶ୍ରୀ ପତିତପାବନଙ୍କ ସହ ମାଆ ବିମଳା, ଶ୍ରୀଲକ୍ଷ୍ମୀ ଓ ଶ୍ରୀ ହନୁମାନ ପାର୍ଶ୍ୱଦେବଦେବୀ ରହିଛନ୍ତି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ପରିବାର ଏହି ମନ୍ଦିର ପରିଚାଳନା କରୁଛନ୍ତି। ଦୈନିକ ଭୋର ୪ଟା ଦ୍ୱାରଫିଟା, ମଇଲମ, ଅବକାଶ ମଙ୍ଗଳ ଆଳତି ନୀତି ବଢ଼ି ସକାଳ ୭ଟା ୩୦ମିନିଟରେ ବାଳ ଭୋଗ ଲାଗି ହୋଇଥାଏ। ମଧ୍ୟାହ୍ନରେ ଅନ୍ନ, ଡାଲି, ବେସର, ଶାଗ, ଖେଚୁଡି ପ୍ରଭୃତି ଲାଗି ହୋଇଥାଏ। ଅପରାହ୍ନ ୧ଟାରେ ଠାକୁର ପହୁଡ ପଡ଼େ ଏବଂ ଅପରାହ୍ନ ୩ଟାରେ ଖୋଲାଯାଇଥାଏ। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ପରେ ଭାଗବତ ପାଠ, ଜୟଦେବ ଗୀତଗୋବିନ୍ଦ ପାଠ କରାଯାଇଥାଏ। ରାତ୍ର ୮ଟା ସୁଦ୍ଧା ଠାକୁରଙ୍କ ରାତ୍ର ପହୁଡ ହୋଇଥାଏ। ପୂର୍ବରୁ ଏଠାରେ ଠାକୁରଙ୍କ ରଥଯାତ୍ରା ଆୟୋଜିତ ହେଉଥିବା ବେଳେ ଗତ ୭ବର୍ଷ ଧରି ରଥଯାତ୍ରା ବନ୍ଦ ରହିଥିବା ମନ୍ଦିର ସେବକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସେ କୁହନ୍ତି, ରଥଯାତ୍ରା ଆଦ୍ୟ ପର୍ବ ଦେବସ୍ନାନ ନୀତି ସମ୍ପୂର୍ଣ୍ଣ ହୋଇ ଠାକୁର ଗଜବେଶରେ ଦର୍ଶନ ଦିଅନ୍ତି। ୧୪ଦିନ ଅଣସର ଗୃହରେ ଗୁପ୍ତ ସେବା ଚାଲେ। ଏହି ସମୟରେ ଠାକୁର ପଟି ଦିଅଁ, ବିଜେ ପ୍ରତିମା ମଦନମୋହନ, ଶାଳଗ୍ରାମ ପୂଜା ପାଇଥାଏ। ରଥଯାତ୍ରା ଦିନ ଦେବ ନୀତି ଅନୁଯାୟୀ ଅପରାହ୍ନରେ ଠାକୁରଙ୍କୁ ମନ୍ଦିର ବେଢ଼ାରେ ୩ଥର ପରିକ୍ରମା କରାଯାଇ ରତ୍ନବେଦୀରେ ବିଜେ କରନ୍ତି। ପୁଣି ବାହୁଡ଼ାରେ ମଧ୍ୟ ଠାକୁରଙ୍କୁ ବେଢା ପରିକ୍ରମା କରାଯାଇଥାଏ। ରତ୍ନବେଦୀରେ ସୁନାବେଶ ଅନୁଷ୍ଠିତ ହୋଇଥାଏ। ବର୍ଷସାରା ଶ୍ରୀମନ୍ଦିର ଢାଞ୍ଚାରେ ବିଭିନ୍ନ ପର୍ବପର୍ବାଣି ଆୟୋଜିତ ହୋଇଥାଏ। ବିଶେଷତଃ ଶ୍ରୀରାମ ନବମୀ, ଜନ୍ମାଷ୍ଟମୀ, ଦୋଳ ଉତ୍ସବ, ଭାଗବତ ଜନ୍ମ, ଶ୍ରୀନୃସିଂହ ଜନ୍ମୋତ୍ସବ ଆଡ଼ମ୍ବରରେ ପାଳିତ ହୋଇଥାଏ।

**- ରିପୋର୍ଟ: ପ୍ରଭାତ ପାଣିଗ୍ରାହୀ**



## ବଳଦେବଜୀଉଙ୍କୁ ପ୍ରତ୍ୟହ ଲାଗିହୁଏ ୩୨ ରସାବଳୀ

୨୦୨୩ ଅକ୍ଟୋବର ୨୩ରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ମିଷ୍ଟାନ୍ନ ରସାବଳୀକୁ ସ୍ଥାନୀୟ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ମିଳିଛି। ଗବେଷକଙ୍କ ଅନୁସନ୍ଧାନରେ ଅନଙ୍ଗଭୀମଦେବଙ୍କ ସମୟରୁ ଏହା ତୁଳସୀକ୍ଷେତ୍ରର ଭୋଗ ଭାବେ ଶ୍ରୀବଳଦେବଜୀଉଙ୍କୁ ପ୍ରତ୍ୟହ ୩୨ ରସାବଳୀ ଲାଗି କରାଯାଏ। ଗବେଷକ ନିରଞ୍ଜନ ମେକାପ ଓ ଡ. ଅନୀତା ସାବତ କହିଛନ୍ତି, ମହାରାଜା ଅନଙ୍ଗଭୀମଦେବଙ୍କ ସମୟରୁ ତୁଳସୀକ୍ଷେତ୍ରରେ ରସାବଳୀ ନୈବେଦ୍ୟ ଅର୍ପଣ ହୋଇଆସୁଛି। ଏହି ମିଷ୍ଟାନ୍ନର କେନ୍ଦ୍ରାପଡ଼ା ସଂପୃକ୍ତି ସମ୍ପର୍କରେ ଛନ୍ଦପୁରାଣ, ଦାଣ୍ଡି ରାମାୟଣ, ଗଙ୍ଗବଂଶାନୁଚରିତର କେତେକ ଛନ୍ଦ ଓ ଜଣାଣରେ ଅଛି। ଶ୍ରୀଜୀଉଙ୍କ ନିତ୍ୟଭୋଗ ଭାବେ ପରିଚିତ ଏହି ମିଷ୍ଟାନ୍ନର ଉତ୍ପତ୍ତିସ୍ଥଳ କେନ୍ଦ୍ରାପଡ଼ା ବୋଲି ସେମାନେ ଦାବି କରିଛନ୍ତି। ସହରର କେଶପୁର ବଜାରର ବର୍ଷିଆନ ରସାବଳୀ ନିର୍ମାତା ବୈଷ୍ଣବ ପଣ୍ଡା କୁହନ୍ତି, ପୂର୍ବରୁ ଏହା କେବଳ ମନ୍ଦିର ପରିସରରେ ନିର୍ମିତ ହୋଇ ଶ୍ରୀଜୀଉଙ୍କୁ ଲାଗି ହେଉଥିଲା। ଏବେ କେନ୍ଦ୍ରାପଡ଼ା ସହର ସମେତ ରାଜ୍ୟର ବିଭିନ୍ନ ମେଳା ମହୋତ୍ସବରେ ଦେଖିବାକୁ ମିଳୁଛି। ଛେନା, ଘିଅ, କ୍ଷୀର, ଚିନି, ଗୁଜୁରାତି, ଅଳେଇଚ ଆଦିକୁ ନେଇ ପ୍ରସ୍ତୁତ ଏହି ମିଷ୍ଟାନ୍ନର ପ୍ରସ୍ତୁତି ଟିକେ ଜଟିଳ। ତେବେ ଉପଯୁକ୍ତ ତାଲିମପ୍ରାପ୍ତ ନିର୍ମାତା ଏଥିରେ ସ୍ୱାଦ ଭରିବାରେ ସକ୍ଷମ। ଶିକ୍ଷାବିତ୍ ଭୁବନମୋହନ ଜେନା କୁହନ୍ତି, ଜିଆଇ ଟ୍ୟାଗ ମିଳିବା ପରେ ଏହାର ବ୍ରାଣ୍ଡଭ୍ୟାଲୁ ବଢ଼ିଛି। ମୌଳିକ ଦ୍ରବ୍ୟର ବ୍ୟବସାୟ ବଢ଼ିବା ସହିତ ଅପବ୍ୟବହାର ଉପରେ ରୋକ ଲାଗିଛି। ପ୍ରଚାର ପ୍ରସାର ଫଳରେ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶ ହୋଇଥାଏ। କେନ୍ଦ୍ରାପଡ଼ା ଜିଲାର ପରିଚୟ ଭାବେ ଶ୍ରୀବଳଦେବଜୀଉ, ଜାତୀୟଉଦ୍ୟାନ ଭିତରକନିକା ସହିତ ରସାବଳୀ ମିଠା ଅଛି। ରସାବଳୀ ନିର୍ମାତା ସଂଘର ଆବାହକ ସରୋଜ କୁମାର ମହାନ୍ତି କୁହନ୍ତି, ରସାବଳୀ ଶ୍ରୀଜୀଉଙ୍କ ଆଦରର ମିଷ୍ଟାନ୍ନ। ଏହାର ପ୍ରସାର ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଆବଶ୍ୟକ ଅଛି।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା



**- ରିପୋର୍ଟ: ଜଗନ୍ନାଥ ଧଳ**

## ଦୋଳମୁଣ୍ଡାଇ ପତିତପାବନ ଜୀଉ ମନ୍ଦିର

ପ୍ରାୟ ୧୫୦ ବର୍ଷରୁ ଊର୍ଦ୍ଧ୍ୱ କାଳ ପୂର୍ବେ ଏକ ଛୋଟମନ୍ଦିରରେ ପୂଜା ପାଉଥିଲେ ପତିତପାବନ ଜୀଉ। ସେତେବେଳେ ଗଛଲଟା ପରିବେଷ୍ଟିତ ଏହି ଅଞ୍ଚଳର ନାମ ଥିଲା ଲଛମନିଆବାଗ। ରଥଯାତ୍ରା ବେଳେ ଗୋଟିଏ ରଥରେ ପ୍ରଭୁ ପତିତପାବନ ଜୀଉଙ୍କୁ ବସାଇ ଭକ୍ତମାନେ ଟାଣିଟାଣି ନେଉଥିଲେ। ମାତ୍ର ୧୯୭୧ ମସିହାରେ ମହେନ୍ଦ୍ର ପ୍ରଧାନ ମାର୍ଫତଦାର ଭାବେ ନୂତନ ମନ୍ଦିରର ନିର୍ମାଣ କରିଥିଲେ। ୧୯୭୨ ମସିହାରେ ପୁରୀରୁ ରଥଶର୍ମା ଓ ରାଜା ଦିବ୍ୟସିଂହଦେବ କଟକ ଆସି ଜଗନ୍ନାଥଙ୍କ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ମନ୍ଦିରରେ ପ୍ରତିଷ୍ଠା କରାଇଲେ। ସେବେଠାରୁ ଏଠାରେ ତିନିରଥରେ ତିନିଠାକୁରଙ୍କୁ ବସାଇ ରଥଯାତ୍ରା ସମାପନ କରାଯାଇଆସୁଛି। ଏଠାରେ ମଧ୍ୟ ହଟକେଶ୍ୱର ମହାଦେବ, ଦେବୀ ପାର୍ବତୀ ଓ ନବଗ୍ରହ ପୃଥକ ଭାବେ ପୂଜା ପାଉଛନ୍ତି। ବର୍ଷତମାମ ଜଗନ୍ନାଥଙ୍କ ୨୦ ପ୍ରକାର ବେଶ, ଝୁଲଣ ଯାତ୍ରା, ଦୋଳପୂର୍ଣ୍ଣିମା, ଗହ୍ମା ପର୍ବ, ରଥଯାତ୍ରା ଆଦି ପର୍ବ ପାଳିତ ହେଉଛି। ଏଥିସହ ଜଗନ୍ନାଥଙ୍କ ଦୈନନ୍ଦିନ ପୂଜାବିଧି ସହ ଅନ୍ନପ୍ରସାଦ, ସନ୍ଧ୍ୟାଆଳତିରେ ଦହିପଖାଳ ଆଦି ଭୋଗ ଲାଗିହେବାର ପରମ୍ପରା ପ୍ରଚଳିତ ରହିଛି। ୩୦ ବର୍ଷ ହେବ ବିଭିନ୍ନ ଅଞ୍ଚଳରୁ ଆସିଥିବା ହରିବୋଲିଆମାନେ ସକାଳ, ସନ୍ଧ୍ୟାରେ ଆଳତି ଓ ଭଜନ କରନ୍ତି। ପୁରୀ ଶ୍ରୀମନ୍ଦିର ପରି ଏଠାରେ ୨୫ ବର୍ଷ ଧରି ପତିତପାବନ ଜୀଉ ସାଂସ୍କୃତିକ ପରିଷଦ ରାତି ସାଢ଼େ ୯ଟାରୁ ୧୧ଟା ଯାଏ ଗୀତଗୋବିନ୍ଦ ପାଠ କରିବା ପରେ ଠାକୁରଙ୍କ ପହଡ଼ ପଡ଼େ। ସେତେବେଳେ ମହେନ୍ଦ୍ର ପ୍ରଧାନ ରଥଯାତ୍ରାରେ ଛେରାପହଁରା କରୁଥିଲେ। ତାଙ୍କ ପରେ ୧୯୯୧ ମସିହାରୁ ତାଙ୍କ ପୁତ୍ର ବିଶ୍ୱନାଥ ପ୍ରଧାନ ଓ ଏବେ ବିଶ୍ୱନାଥଙ୍କ ପୁତ୍ର ବ୍ରଜକିଶୋର ପ୍ରଧାନ ଠାକୁରରାଜା ଭାବେ ଛେରାପହଁରା କରୁଛନ୍ତି। ସେ ମଧ୍ୟ ମନ୍ଦିରର ମାର୍ଫତଦାର, ମ୍ୟାନେଜିଂ ଟ୍ରଷ୍ଟି ଓ ପ୍ରଥମ ସେବକ ଭାବେ ଠାକୁରଙ୍କ ସେବାପୂଜା କରୁଥିବା କହିଛନ୍ତି।



**- ରିପୋର୍ଟ: କାର୍ତ୍ତିକ ସାହୁ**
**ଫଟୋ: ରାଜକିଶୋର ମହାନ୍ତି**

# ଦୀଘାରେ ରଥ ଟାଣିବେନି ଭକ୍ତ

**କୋଲକାତା,୨୬।୬**



ପଶ୍ଚିମବଙ୍ଗର ଦୀଘାସ୍ଥିତ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ବହୁ ଆଡମ୍ବର ସହ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଥିବା ଅନ୍ତର୍ଜାତୀୟ କୃଷ୍ଣ ଚେତନା ସମାଜ (ଇସ୍କନ)ର ଉପାଧ୍ୟକ୍ଷ ତଥା ମୁଖପାତ୍ର ରାଧାରମଣ ଦାସ କହିଛନ୍ତି। ତେବେ ରଥଯାତ୍ରା ଦେଖିବାକୁ ଆସିଥିବା ତୀର୍ଥଯାତ୍ରୀମାନଙ୍କୁ ୧ କିଲୋମିଟର ବ୍ୟାପୀ ଯାତ୍ରାମାର୍ଗରେ ବ୍ୟାରିକେଡ୍ ପଛରେ ଛିଡ଼ାହେବାକୁ ପଡ଼ିବ। ରଥ ଟାଣିବା ପାଇଁ ସେମାନଙ୍କୁ ରାସ୍ତାରେ ଗହଳି କରିବାକୁ ଦିଆଯିବ ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ତେବେ ବ୍ୟାରିକେଡ୍ ନିକଟରେ ପଡ଼ିଥିବା ରଥ ଦଉଡ଼ିକୁ ଶ୍ରଦ୍ଧାଳୁମାନେ ଛୁଇଁବା ସୁଯୋଗ ପାଇବେ। ମମତା ରଥଯାତ୍ରା ପ୍ରସ୍ତୁତି ନେଇ ଗୁରୁବାର ଦୀଘା ଶଙ୍କରପୁର ଉନ୍ନୟନ କର୍ତ୍ତୃପକ୍ଷ, ବରିଷ୍ଠ ପୋଲିସ ଅଧିକାରୀ ଏବଂ ଇସ୍କନ ସନ୍ଥମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପୂର୍ବାହ୍ନ ୯ଟାରୁ ମନ୍ଦିରରେ ଉତ୍ସବ ରୀତିନୀତି ହେବା ସହ ଅପରାହ୍ନ ୨ଟା ୩୦ରୁ ରଥଟଣା ଆରମ୍ଭ ହେବ ବୋଲି ଜଣେ ପଦାଧିକାରୀ କହିଛନ୍ତି। ପ୍ରାୟ ୧ କିଲୋମିଟର ଦୂରରେ ଥିବା ମାଉସୀମା' ମନ୍ଦିରରେ ରଥ ପହଞ୍ଚିବାକୁ ୨ ଘଣ୍ଟା ଲାଗିଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପୂର୍ବ ମେଦିନିପୁର ଜିଲାର ଉପକୂଳ ସହର ଦୀଘାରେ ଗତ ଏପ୍ରିଲ ୩୦ରେ ମମତା ନବନିର୍ମିତ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କରିଥିଲେ। ଏହି ମନ୍ଦିରରେ ପ୍ରଥମ ରଥଯାତ୍ରା ହେବାକୁ ଯାଉଛି।

# ନୀଳଗିରି: ୨ ଦିନ ଧରି ଚାଲିବ ଘୋଷଯାତ୍ରା

ବାଲେଶ୍ୱର ଜିଲା ନୀଳଗିରି ଜଗନ୍ନାଥ ମନ୍ଦିରରେ ୧୪ ଦିନ ଧରି ମହାପ୍ରଭୁ ଅସୁସ୍ଥ ରହିବା ପରେ ଦଶମୂଳ ମୋଦକ ସେବନ କରି ସୁସ୍ଥ ହୋଇଛନ୍ତି। ଶୁକ୍ରବାର ନୀଳଗିରି ରାଜାରାଣୀଙ୍କ ଦ୍ୱାରା ସୁବର୍ଣ୍ଣ ଆଳତୀରେ ବନ୍ଦାପନା, ନେତ୍ରୋତ୍ସବ, ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ଆଜ୍ଞାମାଳ ବିଜେ, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ, ଡୋରଲାଗି, ରାଜନୀତି ବନ୍ଦାପନା, ଶ୍ରୀଗୁଣ୍ଡିଚା ପହଣ୍ଡି ଓ ରଜା ସାହେବଙ୍କ ଦ୍ୱାରା ଛେରାପହଁରା କରାଯିବା ସହ ପଣ୍ଡା ପଡ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାଡାରୁ ରଥକୁ ଧାଡ଼ି ପହଣ୍ଡିରେ ବିଜେ କରାଇବେ। ଦୁଇଦିନ ଧରି ଚାଲିବ ଘୋଷଯାତ୍ରା। ଅନ୍ୟପକ୍ଷରେ ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ଅନୁସାରେ ପାଳିତ ହୋଇଆସୁଛି। ମାତ୍ର ପୁରୀରେ ଗୋଟିଏ ଦିନରେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ନୀଳଗିରିରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନର ପରମ୍ପରା ରହିଛି। **– ରିପୋର୍ଟ: ପ୍ରଶାନ୍ତ ବିଶ୍ୱାଳ**




























# ରଥରେ ଯାଆନ୍ତି ନାହିଁ ଦେବୀ ସୁଭଦ୍ରା

## ଐତିହ୍ୟ ପୀଠ ଦେଓଗାଁ


ଢେଙ୍କାନାଳ ଜିଲା ଦେଓଗାଁ ଜଗନ୍ନାଥ ମନ୍ଦିର।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ଥିବା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ପାଦ ଦେଶରେ ଦେଓଗାଁ ଗ୍ରାମରେ ରହିଛି ଷୋଡ଼ଶ ଶତାବ୍ଦୀର ବହୁ ପ୍ରାଚୀନ ଓ ଐତିହ୍ୟ ସମ୍ପନ୍ନ ପୀଠ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର। ଏଠାରେ ହେଉଥିବା ରଥଯାତ୍ରା ବହୁ ପୁରୁଣା। ହେଲେ ଏହାର ଏକ ବିଶେଷତ୍ୱ ହେଉଛି, ଏହି ପୀଠରେ ଦେବୀ ସୁଭଦ୍ରା ପୂଜା ପାଆନ୍ତିନାହିଁ କିମ୍ବା ରଥରେ ଯାଆନ୍ତି ନାହିଁ। ରଥରେ କେବଳ ବଡ଼ଭାଇ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ କରି ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କୁହନ୍ତି, ଦେଓଗାଁରେ ବହୁବର୍ଷ ତଳେ ଯେଉଁ ପୂଜକ ଦେବୀ ସୁଭଦ୍ରାଙ୍କୁ ପୂଜା କରୁଥିଲେ, ତାଙ୍କ ବଂଶ ନାଶ ହେବାରୁ ସେ ସୁଭଦ୍ରାଙ୍କୁ ମନ୍ଦିର ପରିସରରେ ଗୋଟିଏ ଘର ଭିତରେ ପକାଇଦେଲେ। ଏହାପର ଠାରୁ ଆଉ କେହି ସୁଭଦ୍ରାଙ୍କୁ ପୂଜା କଲେନାହିଁ। ସେହିପରି ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ପ୍ରସାଦ ରଥ କୁହନ୍ତି, ଷୋଡ଼ଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା ଦେଓଗାଁରେ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଥିଲା। ଏହି ମନ୍ଦିରର ମନ୍ଦିରଠାରୁ ମୁଖଶାଳା ବଡ଼। ବହୁବର୍ଷ ତଳେ ସେଠାରେ ଯେଉଁ ପୂଜକ ସୁଭଦ୍ରାଙ୍କୁ ପୂଜା କରୁଥିଲେ, ତାଙ୍କ ବଂଶରେ କେହି ରହିଲେ ନାହିଁ। ଫଳରେ ପୂଜକ ସୁଭଦ୍ରାଙ୍କୁ ଏକ କୋଠରୀରେ ମୁହଁମାଡ଼ି ପକାଇ ଦେଇଛନ୍ତି। ସେହିଦିନ ଠାରୁ ଦେଓଗାଁ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ ଓ ବଳରାମ ପୂଜା ପାଉଥିବା ବେଳେ ରଥରେ ମଧ୍ୟ ଦୁଇଭାଇ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇଥାନ୍ତି।

**– ରିପୋର୍ଟ: ରତନ ନାୟାର, ଢେଙ୍କାନାଳ**

# ମହାପ୍ରଭୁଙ୍କୁ ତୁଳସୀ, ପଦ୍ମଫୁଲ ଯୋଗାନ୍ତି ପ୍ରଶାନ୍ତ

ଖୋର୍ଦ୍ଧା ଉପକଣ୍ଠ ପାନବରଜ ଗ୍ରାମର ପ୍ରଶାନ୍ତ ପଟ୍ଟନାୟକ। କିଛିବର୍ଷହେବ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇ ଆସୁଛନ୍ତି। ପ୍ରଶାନ୍ତ କହିଛନ୍ତି, ସେ ଥରେ ରଥଯାତ୍ରାରେ ଶ୍ରୀକ୍ଷେତ୍ରକୁ ଯାଇଥିଲେ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ପରେ ଭାବବିହ୍ୱଳ ହୋଇପଡିଥିଲେ। ରଥଯାତ୍ରାରେ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇବି ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ସେଠାରୁ ଫେରିବା ପରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ଏହା ପରବର୍ଷଠାରୁ ତୁଳସୀ ଏବଂ ପଦ୍ମଫୁଲ ଯୋଗାଇବା ଲାଗି ମନସ୍ଥ କରି ପାନବରଜ ଅଞ୍ଚଳରୁ ତୁଳସୀ ସଂଗ୍ରହ ସହ ଶ୍ରୀଲୋକେଶ୍ୱର ଦେବଙ୍କ ନିକଟ ପୋଖରୀରୁ ଲୋକଙ୍କ ସହାୟତାରେ ପଦ୍ମଫୁଲ ସଂଗ୍ରହ କରିଥାନ୍ତି। ଶ୍ରୀଲୋକେଶ୍ୱର ଦେବଙ୍କ ନିକଟ ପୋଖରୀରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପଦ୍ମଫୁଲ ସଂଗ୍ରହ କରିଥାନ୍ତି। ୩ ବୋଝ ତୁଳସୀ ଏବଂ ୨ବୋଝ ପଦ୍ମଫୁଲ ରଥଯାତ୍ରା ପୂର୍ବଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପହଞ୍ଚାଇଥାନ୍ତି। ସେ ଆହୁରି କହିଛନ୍ତି, କୋଭିଡ୍ ସମୟରେ ଲକ୍‌ଡାଉନ ଯୋଗୁ ୨ବର୍ଷ ଘୋଷଯାତ୍ରାରେ ତୁଳସୀ ପହଞ୍ଚାଇ ପାରି ନ ଥିଲେ। ବାହୁଡ଼ା ପୂର୍ବରୁ ମନ୍ଦିର କାର୍ଯ୍ୟାଳୟରୁ ଫୋନ ଆସିଥିଲା, ଘୋଷଯାତ୍ରାକୁ ତୁଳସୀ ଆଣିନାହାନ୍ତି, ବାହୁଡ଼ା ପୂର୍ବରୁ ତୁଳସୀ ଆଣି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦେବେ। ଏହାପରେ ସେ ଆନନ୍ଦିତ ହୋଇପଡିଥିଲେ। ତୁରନ୍ତ ତୁଳସୀ ଏବଂ ପଦ୍ମଫୁଲ ସଂଗ୍ରହ କରି ବାହୁଡ଼ା ଦୁଇଦିନ ପୂର୍ବରୁ ନେଇ ଶ୍ରୀମନ୍ଦିରରେ ପହଞ୍ଚାଇଥିଲେ। ଏହି ସେବାରେ ତାଙ୍କୁ ଆନନ୍ଦ ମିଳେ। ଉକ୍ତ କାର୍ଯ୍ୟରେ ପରିବାର ଏବଂ ସମ୍ପର୍କୀୟମାନେ ସହଯୋଗ କରିଥାନ୍ତି ବୋଲି ପ୍ରଶାନ୍ତ କହିଛନ୍ତି।

**– ରିପୋର୍ଟ: ପ୍ରଭାତ ପାଣିଗ୍ରାହୀ**

MAHESWARI GROUP OF INSTITUTION
• +2 SCIENCE & ARTS COLEGE
• NEW LIFE CLUB (NGO)
• CAMPUS - BHATLI CHOW, BARGARH
ADMISSION OPEN FOR 2025-26

| COURSE | ELIGIBILITY | AGE LIMIT |
|---|---|---|
| Ph.D. Nursingh - 3 Years Course | M.Sc. (N) with 60% Marks & 3 Yrs. Experience | No Age bar |
| M.Sc. NURSINGH (Male/Female) 4 Years Course | Passed in B.Sc. Nursingh/P.B.B.Sc. Nursing with 55% aggregate marks, 1 year experience in clinical / teaching | No Age bar |
| B.Sc. NURSINGH (Male/Female) 4 Years Course | +2 Science pased with PCB from CHSE Odisha/CBSE ICSE (45% Gen. & 40% SC/ST) | No Age bar |
| Post Basic B.Sc. Nursing (Male/Female) 2 Years Course | GNM 1 year Experience | No Age bar |
| GNM (STAFF NURSE) (Male/Female) 3 Years Course | +2 Passed any stream (40% Gen. & 35% SC/CT) | No Age bar |
| ANM (HW.F) (Female 2 years Course) | +2 Passed any stream | No Age bar |
| DMLT (Male/Female) 2 Years Course | +2 Science Passed with Bio-logy as a subject from CHSE Odisha/CBSE/ICSE | No Age bar |
| +2 SCIENCE & ARTS (Male/Female) 2 Years Course | 10th Passed B.com, +2 Passed | No Age bar |
| D PHARM (Male/Female) 2 Years Course | +2 Science Passed with Bio-logy a subject from CHSE Odisha/CBSE/ICSE | No Age bar |
| B.Sc. In Emergency Medicine Technology (EMT) (Male/Female) 3 Years Course | Passed in +2 Science with Physics, Chemistry, Biology and / or Mathematics from a recognized board of the century | No Age bar |
| Certified OT Technician (Male/Female) 1 Year Course | +2 Science Passed | No Age bar |
| Certified ECG Technician (Male/Female) 6 Month Course | +2 Science Passed | No Age bar |
| Certified Course First Aids (Male/Female) 6 Month Course | Passed in 10th Std. | No Age bar |
| B.PHARM (Male/Female) 4 Year Course | +2 Passed in Science | No Age bar |
| B.COM (Male/Female) 3 Year Course | +2 passed in Science & Commerce | No Age bar |
| PHYSIOTHERAPY (Male/Female) 4 Year Course | +2 Passed in Science | No Age bar |
| BBA (Male/Female) 3 Year Course | +2 passed in any stream | No Age bar |
| BCA (Male/Female) 3 Year Course | +2 passed in any stream | No Age bar |
| Open Private Examination centre UG/P.G. Course Under Sambalpur University Nodal Centre at Rourkela Senior Nursing College, Sankara, Sundargarh | PG COURSE(M.A.),HISTORY,ODIA,POL.SC.,ENGLISH,ECONIMICS, MATHEMATICS, COMMERCE,B.A.,HONS,B.COM(HONS) IRPM,LLPM,HINDI,SANSKRIT | |
| B.Sc. in Emergency Medicine Technology (BEMT) | Passed +2 Science with Physics, Chemestry, Biology and/or Mathematics and have secured minimum of 50% marks in physics,Chemestry & Biology or Mathematics taken together (40% for SC/ST and 45% for Physically challenged candidates | |
| Maheswari English Medium School (CBSE PATTERN) | NURSERY, LKG, UKG STANDARD 1 TO 8 | |

CONTACT FOR ADMISSION : AT/P.O.- SANKARA, DIST.- SUNDARGARH, ODISHA, 770001
MOB: 94371-58472, 99376-93555, 83429-27552, 63711-82721, 79031-28874, PH: 06622-219214, FAX : 06622-273781
Email- sngnmtrainingcolleg@gmail.com, nicattabira@gmail.com, rsncbsc@gmail.com maheswariscienceecollege@gmail.com website: www.maheswarigroup.in
FACILITIES AVAILABLE- Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H. Sundargarh, Bargarh & CHC, PHC, Library, Book Bank and Reading Room, In House Hostel Accommodation, Study Loan Supportand Scholarship, 100% Placement Assistance, Study Tour, Best Exposure visit inside and outside the state.

































# ସିଡ୍‌ନୀ ଦିନିକିଆ, କାନ୍‌ବେରା ଟି୨୦ ଟିକେଟ ଶେଷ

**ଭାରତର ଅଷ୍ଟ୍ରେଲିଆ ଟୁର୍**

**ମେଲବୋର୍ନ, ୨୬।୬ (ପି.ଟି.)**

ଭାରତୀୟ ପୁରୁଷ କ୍ରିକେଟ ଦଳ ଆଉ ୪ ମାସ ପରେ ହ୍ୱାଇଟ୍‌ବଲ୍ ଟୁର୍‌ରେ ଅଷ୍ଟ୍ରେଲିଆ ଯିବ। ଏହି ଅବସରରେ ଖେଳାଯିବାକୁଥିବା ୮ଟି ମ୍ୟାଚର ୯୦,୦୦୦ରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ସରିଥିବା କ୍ରିକେଟ ଅଷ୍ଟ୍ରେଲିଆ ସୂଚନା ଦେଇଛି। ସିଡ୍‌ନୀରେ ଖେଳାଯିବାକୁ ଥିବା ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଏବଂ କାନ୍‌ବେରାରେ ପ୍ରଥମ ଟି୨୦ ମ୍ୟାଚ୍‌ର ଟିକେଟ ସମ୍ପୂର୍ଣ୍ଣ ବିକ୍ରି ସରିଛି। ଭାରତ ଡାଉନ୍ ଅଣ୍ଡରରେ ଅକ୍ଟୋବର-ନଭେମ୍ବର ଅଷ୍ଟ୍ରେଲିଆ ଗସ୍ତ କରିବ। ଅକ୍ଟୋବର ୧୯ରୁ ପର୍ଥଠାରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଆରମ୍ଭ ହୋଇ ଶେଷ ହେବା ପରେ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଆରମ୍ଭ ହେବ। ବ୍ରିସ୍‌ବେନରେ ଶେଷ ମ୍ୟାଚ ନଭେମ୍ବର ୮ରେ ଖେଳାଯିବ। ଆଶେସ୍‌ରେ ରେକର୍ଡ ଟିକେଟ ବିକ୍ରି ପରେ ହ୍ୱାଇଟ୍‌ବଲ ମ୍ୟାଚ୍‌ଗୁଡ଼ିକର ମଧ୍ୟ ଖୁବ୍ ଚାହିଦା ପରିଲକ୍ଷିତ ହୋଇଛି। ମାତ୍ର ୨ ସପ୍ତାହ ମଧ୍ୟରେ ୮ଟି ମ୍ୟାଚ ପାଇଁ ୯୦,୦୦୦ରୁ ଊର୍ଦ୍ଧ୍ୱ ଟିକେଟ ବିକ୍ରି ସରିଛି। ତନ୍ମଧ୍ୟରୁ ୧୬ ପ୍ରତିଶତ ଟିକେଟ ଭାରତୀୟ ଫ୍ୟାନ କ୍ଲବଗୁଡ଼ିକ କ୍ରୟ କରିଛନ୍ତି। ସବୁଠାରୁ ସକ୍ରିୟ ଥିବା ଭାରତୀୟ ଫ୍ୟାନ କ୍ଲବ 'ଭାରତ ଆର୍ମି' ୨,୪୦୦ରୁ ଅଧିକ ଟିକେଟ କ୍ରୟ କରିଛି। ଫ୍ୟାନ୍ କ୍ଲବ ଇଣ୍ଡିଆ ୧,୪୦୦ ଟିକେଟ କ୍ରୟ କରିଛି।

# ଚୟନ ଟ୍ରାଏଲ୍ସ ପାଇଁ ଓଡ଼ିଶାରୁ ୮ ମନୋନୀତ

**ଭୁବନେଶ୍ୱର, ୨୬।୬ (ତପନ ସ୍ୱାଇଁ):** ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ ଚଳିତ ମାସ ୨୯ ଓ ୩୦ ତାରିଖରେ ପଟିଆଲାରେ ଆୟୋଜନ ହେବ। ଏହି ଟ୍ରାଏଲ୍ସରେ ଭାଗ ନେବାପାଇଁ ଓଡ଼ିଶାର ୮ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ୟୁଥ ବର୍ଗରେ ପ୍ରୀତିସ୍ମିତା ଭୋଇ (୪୪ କେଜି) ଓ ଟିଙ୍କି ମୋହନ ମଲିକ (୬୩), ଜୁନିୟର ବର୍ଗରେ ମୀନା ସାନ୍ତା (୫୮), ବିଦୁସ୍ମିତା ଭୋଇ (୬୩), ସଦାନନ୍ଦ ବରିହା (୬୦) ଓ ହୃଦାନନ୍ଦ ଦାସ (୮୮ କେଜି) ଏବଂ ସିନିୟର ବର୍ଗରେ ସ୍ନେହା ସୋରେନ (୫୩) ଓ ରିମା ଭୋଇ (୫୮ କେଜି) ଅଂଶଗ୍ରହଣ କରିବେ। ଓଡ଼ିଶା ଦଳ ସହ କୋଚ୍ ଯଜ୍ଞ ନାରାୟଣ ନନ୍ଦ ଓ କେ. ଭେଙ୍କଟ ଲକ୍ଷ୍ମୀ ଏବଂ ଫିଜିଓ ଡି. କାର୍ତ୍ତିକେ ଶିରଦକର ପଟିଆଲା ଯାତ୍ରା କରିବେ।

# ଅବସର ନେଲା ଅନୁଶଙ୍କ ଘୋଡ଼ା ସାର୍ କାରାମେଲୋ

**ନୂଆଦିଲ୍ଲୀ, ୨୬।୬(ପି.ଟି.)**

ଭାରତୀୟ ଇକ୍ୱେଷ୍ଟ୍ରିଆନ ଅନୁଶ ଅଗ୍ରୱାଲ ଗୁରୁବାର ତାଙ୍କର ଦୀର୍ଘଦିନର ଘୋଡ଼ା ସାର୍ କାରାମେଲୋଙ୍କ ଅବସର ଘୋଷଣା କରିଛନ୍ତି। ଘୋଡ଼ା ସାର୍ କାରାମେଲୋଙ୍କ ସହ ଅନୁଶ ପ୍ୟାରିସ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନେ ଗ୍ରୁପ୍-ଇ'ରେ ନବମ ସ୍ଥାନରେ ରହି ପଦକ ରାଉଣ୍ଡରୁ ବାଦ୍ ପଡ଼ିଥିଲେ। କିନ୍ତୁ ୨୫ ବର୍ଷୀୟ ଅନୁଶ ପ୍ରଥମ ଭାରତୀୟ ରାଇଡର ଭାବେ ଅଲିମ୍ପିକ୍ ଗେମ୍ସର ଡ୍ରେସେଜ ଇଭେଣ୍ଟରେ ଭାଗ ନେଇଥିଲେ।



ଘୋଡ଼ା ସାର୍ କାରାମେଲୋ ସହ ଇକ୍ୱେଷ୍ଟ୍ରିଆନ ଅନୁଶ ଅଗ୍ରୱାଲ।

କାରାମେଲୋ ମୋ ପାଇଁ କେବଳ ଏକ ଘୋଡ଼ା ନୁହେଁ ବରଂ ଏକ ପାର୍ଟନର, ମୋ ଶକ୍ତି ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମୋ ବନ୍ଧୁ ହେବା ପାଇଁ ଧନ୍ୟବାଦ। ତୁମେ କେବଳ ମୋତେ ନୁହେଁ, ବରଂ ତୁମେ ପୂରା ଦେଶର ସ୍ୱପ୍ନକୁ ବହନ କରିଥିଲ। ତୁମ ଯୋଗୁ ମୁଁ ନିଜ ଉପରେ ଭରସା କରୁଛି। ତୁମ ପାଇଁ ଭାରତ ଅଲିମ୍ପିକ୍ସରେ ଭାଗ ନେଇଥିଲା। ସର୍ବଦା ମନେରଖ ଯେ, ତୁମେ ମୋ ପାଇଁ ସବୁ କିଛି ବଦଳି ଦେଇଛ। ବର୍ତ୍ତମାନ ତୁମର ରିଲାକ୍ସ ଓ ଆନନ୍ଦ ନେବାର ସମୟ ବୋଲି ଅଗ୍ରୱାଲ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଅଗ୍ରୱାଲ ୨୦୨୨ ଏସିଆନ ଗେମ୍ସର ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଡ୍ରେସେଜର ବ୍ୟକ୍ତିଗତ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ।













Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ